ଶୁକ୍ରବାର ବିଧାନସଭାରେ ଆଗତ ହେବ ଓଡ଼ିଶା ବଜେଟ। ଏହା ପୂର୍ବରୁ ଗୁରୁବାର ବିଧାନସଭାରେ ଆଗତ ହୋଇଛି ଆର୍ଥିକ ବର୍ଷ ୨୦୨୫-୨୬ର ଅର୍ଥନୈତିକ ସର୍ଭେ ରିପୋର୍ଟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଏହି ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହି ରିପୋର୍ଟରେ ଓଡ଼ିଶାର ଅଭିବୃଦ୍ଧି ହାର ଜାତୀୟ ହାରକୁ ଅତିକ୍ରମ କରିବା ସହିତ କିପରି ସ୍ଥିର ଓ କ୍ଷିପ୍ର ବୃଦ୍ଧି ପଥରେ ଅଗ୍ରସର ହେଉଥିବା ଚିତ୍ର ଦେଖିବାକୁ ମିଳିଛି। ରାଜ୍ୟର ମୁଣ୍ଡପିଛା ଆୟ ବଢ଼ିଥିବାବେଳେ ଓଡ଼ିଶା ବିକାଶ କ୍ଷେତ୍ରରେ ଆଗକୁ ବଢୁଛି। କୃଷି, ଶିଳ୍ପ, ସେବା, ଭିତ୍ତିଭୂମି ଓ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହୋଇଥିବା ତଥ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି।

# ବଢୁଛି ଆୟ ଆଗଉଛି ଓଡ଼ିଶା



## '୧୬.୪୨ ଲକ୍ଷ ଲକ୍ଷପତି ଦିଦି' ସୃଷ୍ଟି

ମହିଳାଙ୍କ ଆର୍ଥିକ ସ୍ୱାଧୀନତା, ଜୀବିକା ଏବଂ ଉଦ୍ୟମକୁ ସହାୟତା କରିବା ପାଇଁ ରାଜ୍ୟ ସରକାର 'ସୁଭଦ୍ରା' ଏବଂ 'ଲକ୍ଷପତି ଦିଦି' ଭଳି ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି। ସୁଭଦ୍ରା ହିତାଧିକାରୀଙ୍କ ମଧ୍ୟରେ ପାଣ୍ଠିର ଫଳପ୍ରଦ ବ୍ୟବହାରକୁ ପ୍ରୋତ୍ସାହିତ କରି, ଆର୍ଥିକ ସ୍ୱାୟତ୍ତତା ବୃଦ୍ଧି କରି ଏବଂ ଅର୍ଥ ପରିଚାଳନାରେ ଆତ୍ମବିଶ୍ୱାସ ବୃଦ୍ଧି କରି ମହିଳାମାନଙ୍କୁ ସଶକ୍ତ କରାଯାଇଛି। ଆହୁରି ମଧ୍ୟ ଲକ୍ଷପତି ଦିଦି ଯୋଜନା କ୍ଷେତ୍ରରେ, ଓଡ଼ିଶା ୨୦୨୫ ସୁଦ୍ଧା ୧୬.୪୨ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଭାରତର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହୋଇଛି। ମହିଳାମାନଙ୍କୁ କାର୍ଯ୍ୟ ଏବଂ ଯତ୍ନ ଦାୟିତ୍ୱରେ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିବା ପାଇଁ ଓଡ଼ିଶା ମହିଳାମାନଙ୍କ ପାଇଁ ନିରାପଦ ରହିବା ସୁବିଧା ସହିତ ଗୋଷ୍ଠୀ କ୍ରେଚ୍ ପ୍ରତିଷ୍ଠା କରିଛି। ସୁରକ୍ଷା ବ୍ୟବସ୍ଥା ଅଧୀନରେ ମହିଳାମାନଙ୍କୁ ରାତ୍ରି ସିଫ୍ଟରେ କାମ କରିବାକୁ ଅନୁମତି ଦେବା ଏବଂ ସୁରକ୍ଷା, ମହିଳା ହଷ୍ଟେଲ ଏବଂ କ୍ରେଚ୍ ସୁବିଧା ଇତ୍ୟାଦିରେ ଉନ୍ନତି ଆଣିବା ଭଳି ଅନ୍ୟାନ୍ୟ ପଦକ୍ଷେପ ରାଜ୍ୟରେ ମହିଳାଙ୍କ ଅର୍ଥନୈତିକ ଅଂଶଗ୍ରହଣକୁ ଆହୁରି ପ୍ରୋତ୍ସାହିତ କରିବ।



## ରେଳବାଇ



ନିକଟ ଅତୀତରେ ଓଡ଼ିଶାରେ ରେଳ ସଂଯୋଗରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଘଟିଛି। ୨୦୨୪-୨୫ରେ ଓଡ଼ିଶା ଏହାର ରେଳ ନେଟଓ୍ୱର୍କରେ ପ୍ରାୟ ୨୦୦ କିମି ଅଧିକ ଯୋଗ କରିଛି। ୨୦୨୪-୨୫ରେ ସବୁଦାୟ ରେଳ ନେଟଓ୍ୱର୍କର ଦୈର୍ଘ୍ୟ ୩,୨୪୩ କିମିକୁ ଏହା ବୃଦ୍ଧି କରିଛି। ଟ୍ରାକ୍ ଯୋଗ କାର୍ଯ୍ୟ ପୂର୍ବ ଅବଧି ତୁଳନାରେ ଚଳିତ ବର୍ଷ ଅଧିକ ଦୈନିକ ହାରରେ ଅଗ୍ରଗତି କରିଛି। କୋଭିଡ୍ ପରଠାରୁ ଓଡ଼ିଶାରୁ ରେଳଯାତ୍ରୀଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ଅଭିବୃଦ୍ଧି ରେକର୍ଡ କରାଯାଇଛି। ୨୦୨୧-୨୨ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟରୁ ରେଳ ଯାତ୍ରୀଙ୍କ ସଂଖ୍ୟା ୩୯.୫ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇ ୨୦୨୪-୨୫ରେ ୯୩୫ ଲକ୍ଷରେ ପହଞ୍ଚିଛି।

## ବିମାନ ସଂଯୋଗ



ନିକଟ ଅତୀତରେ ନୂତନ ବିମାନ ବନ୍ଦର, ବିମାନ ମାର୍ଗ ପ୍ରତିଷ୍ଠା ଓ ପୁଞ୍ଜି ବିନିଯୋଗ ବୃଦ୍ଧି ସହିତ ଓଡ଼ିଶାରେ ବିମାନ ଚଳାଚଳ କ୍ଷେତ୍ର ଯଥେଷ୍ଟ ସମ୍ପ୍ରସାରିତ ହୋଇଛି। ରାଜ୍ୟରେ ୫ଟି କାର୍ଯ୍ୟକ୍ଷମ ବିମାନବନ୍ଦର ରହିଛି(ଗୋଟିଏ ଅନ୍ତର୍ଜାତୀୟ ଓ ୪ଟି ଘରୋଇ)। ୨୦୨୪-୨୫ରେ ସିଧାସଳଖ ବିମାନ ମାଧ୍ୟମରେ ସଂଯୁକ୍ତ ଭାରତୀୟ ସହର ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ୨୦୨୪-୨୫ରେ ରାଜ୍ୟରୁ ଚଳାଚଳ କରୁଥିବା ବିମାନ ସଂଖ୍ୟା ୧୨୦୦ରୁ ଅଧିକ ବୃଦ୍ଧି ପାଇଛି। ଯାହା ବିମାନ ଯାତ୍ରା ଚାହିଦାରେ ବୃଦ୍ଧିକୁ ସୂଚାଉଛି। ୨୦୨୧-୨୨ରୁ ୨୦୨୪-୨୫ ମଧ୍ୟରେ ଯାତ୍ରୀ ଯାତାୟାତରେ ମଧ୍ୟ ୩୧ ପ୍ରତଶତ ସିଏଜିଆର ବୃଦ୍ଧି ଘଟିଛି। ବର୍ତ୍ତମାନ ୪ଟି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳ ସିଧାସଳଖ ବିମାନ ଦ୍ୱାରା ସଂଯୁକ୍ତ ହୋଇଛି।

## ଦୁଗ୍ଧ ଉତ୍ପାଦନ



ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଗତ ବର୍ଷ ତୁଳନାରେ ୨୦୨୪-୨୫ରେ ପ୍ରାୟ ୩% ବୃଦ୍ଧି ପାଇ ୨୭.୧ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର "ଗୋମାତା" (ଗୋଲ୍ ଫର୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଟ୍ରିଟ୍‌ମେଣ୍ଟ ଅଫ ଆନିମଲ୍ସ) ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ (ଏମ୍‌କେଓ୍ୱାଇ) ଭଳି ଅନେକ ଯୋଜନା ଆରମ୍ଭ ହୋଇଛି।

## ଜଳସେଚନ ଏବଂ ଫସଲର ତୀବ୍ରତା



ଜଳସେଚନ ଭିତ୍ତିଭୂମିରେ ଓଡ଼ିଶା ଉଲ୍ଲେଖନୀୟ ପୁଞ୍ଜି ବିନିଯୋଗ କରିଛି। ରାଜ୍ୟର ଜଳସେଚନ କ୍ଷମତା ବର୍ତ୍ତମାନ ୭୪.୨ ଲକ୍ଷ ହେକ୍ଟର ଜମିରେ ପହଞ୍ଚିଛି। ଯାହା ଉଭୟ ଖରିଫ୍ ଏବଂ ରବି ଋତୁ ଅନ୍ତର୍ଭୁକ୍ତ କରେ। ଜଳସେଚନ ସୁବିଧାର ସମ୍ପ୍ରସାରଣ ଏବଂ ଧାନ ଚାଷ ପରିଚାଳନା କାର୍ଯ୍ୟକ୍ରମକୁ କାର୍ଯକାରୀ କରିବା କାରଣରୁ ରାଜ୍ୟରେ ଫସଲ ତୀବ୍ରତା ବୃଦ୍ଧି ପାଇ ୨୦୨୦-୨୧ରେ ୧୫୮ ପ୍ରତିଶତ ଥିବା ବେଳେ ୨୦୨୪ -୨୫ରେ ଏହା ୧୬୫ ପ୍ରତିଶତ ପହଞ୍ଚିଛି।

## କୁକୁଡ଼ା ପାଳନ



୨୦୨୦-୨୧ ପରଠାରୁ ଓଡ଼ିଶାର ଅଣ୍ଡା ଉତ୍ପାଦନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟର ଅଣ୍ଡା ଉତ୍ପାଦନ ୨୪ କୋଟି ଅଣ୍ଡାରୁ ୪୦୬ କୋଟି ଅଣ୍ଡାକୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଜାତୀୟ ସ୍ତରରେ ପଞ୍ଜୀକୃତ ହୋଇଥିବା ଅଭିବୃଦ୍ଧି ହାରର ଏହା ଦୁଇଗୁଣରୁ ଅଧିକ।

## ମତ୍ସ୍ୟ ଉତ୍ପାଦନ ଏବଂ ସାମୁଦ୍ରିକ ରପ୍ତାନି



ଓଡ଼ିଶା ହେଉଛି ଦେଶର ୪ର୍ଥ ବୃହତ୍ତମ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ। ୨୦୨୪-୨୫ରେ ମାଛ ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ୬.୧ ପ୍ରତିଶତ ବୃଦ୍ଧି ପାଇ ୧୧.୯୨ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ସେହିପରି ଓଡ଼ିଶା ହେଉଛି ଦେଶର ତୃତୀୟ ବୃହତ୍ତମ ସାମୁଦ୍ରିକ ମତ୍ସ୍ୟ ରପ୍ତାନିକାରୀ ରାଜ୍ୟ। ସାମୁଦ୍ରିକ ଚିଙ୍ଗୁଡ଼ି ରପ୍ତାନି ୨୦୧୯-୨୦ରେ ୩,୨୪୩.୯ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ରେ ୪,୭୦୮.୧ କୋଟି ଟଙ୍କାରେ ପହଞ୍ଚିଛି। ଏଥିରେ ୭.୭ ପ୍ରତିଶତ ସିଏଜିଆର ରେକର୍ଡ କରାଯାଇଛି।

## ସ୍ୱାସ୍ଥ୍ୟସେବା



ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଲାଗି ରାଜ୍ୟ ପକ୍ଷରୁ ମହତ୍ୱପୂର୍ଣ୍ଣ ନିବେଶ କରାଯାଇଛି। ଜନସ୍ୱାସ୍ଥ୍ୟ ବ୍ୟୟରେ କ୍ରମାଗତ ବୃଦ୍ଧି ଘଟିଛି। ୨୦୧୯-୨୦ ଅର୍ଥିକ ବର୍ଷରେ ୬.୨ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୪-୨୫(ସଂଶୋଧିତ ଆକଳନ)ରେ ଏହା ୧୯.୭ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟ ସରକାର ୮,୫୦୦ରୁ ଅଧିକ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହିତ ସ୍ୱାସ୍ଥ୍ୟସେବା ସୁବିଧାକୁ ବିସ୍ତାର କରିଛନ୍ତି। ସେହିଭଳି ଆମ ହସ୍ପିଟାଲ ସ୍କିମ୍ ଭଳି ଫ୍ଲାଗସିପ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ତେବେ ସମନ୍ୱିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏଓ୍ୱାଇ) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏଓ୍ୱାଇ), ରାଜ୍ୟ ପ୍ରଯୋଜିତ ସ୍ୱାସ୍ଥ୍ୟବୀମା ଯୋଜନା, ଆର୍ଥିକ ଅନଗ୍ରସର ଲୋକଙ୍କୁ ନଗଦ ଟଙ୍କା ବିହୀନ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଆର୍ଥିକ ସୁରକ୍ଷାକୁ ବୃଦ୍ଧି କରିଛନ୍ତି ସରକାର ।

## ଆର୍ଥିକ ସୁଦୃଢ଼ତା

୨୦୨୫-୨୬ ବଜେଟ ଆକଳନରେ ରାଜ୍ୟର ଋଣ ଓ ଜିଏସଡିପି ଅନୁପାତ ୧୩.୬ ପ୍ରତିଶତ ରହିବା ପାଇଁ ବଜେଟ କରାଯାଇଛି, ଯାହା ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବନିମ୍ନ ଏବଂ ଏଫଆରବିଏମ ସୀମା ୨୫ ପ୍ରତିଶତ ଠାରୁ କମ୍ । ଏହାବ୍ୟତୀତ ରାଜସ୍ୱ ପ୍ରାପ୍ତି ଅନୁପାତ ସହିତ ସୁଧ ଦେୟ ୨.୮ ପ୍ରତିଶତରେ ରହିଛି ଯାହା ନିର୍ଦ୍ଧାରିତ ୧୫ ପ୍ରତିଶତ ସୀମା ମଧ୍ୟରେ ରହିଛି। ଓଡ଼ିଶାର ଲିଙ୍ଗଗତ ବଜେଟ, ଶିଶୁ ବଜେଟ, ପୁଷ୍ଟିକର ବଜେଟ ଭଳି ଅନେକ ଆର୍ଥିକ ସଂସ୍କାର ଆଣିଛି ଏବଂ ଆର୍ଥିକ ସ୍ଥିରତାକୁ ଆହୁରି ବଢ଼ାଇବା ପାଇଁ ଜଷ୍ଟ-ଇନ-ଟାଇମ ଫଣ୍ଡିଂ ସିଷ୍ଟମ ଏବଂ ବଜେଟ ସ୍ଥିରତା ପାଣ୍ଠି ପ୍ରଣୟନ କରିଛି।

## ୯.୯ ଲକ୍ଷ କୋଟି ଟଙ୍କା ହେବ ଜିଏସ୍‌ଡିପି

ଅର୍ଥନୈତିକ ସର୍ଭେ ରିପୋର୍ଟରେ ବର୍ତ୍ତମାନ ମୂଲ୍ୟରେ ଓଡ଼ିଶାର ଅର୍ଥନୀତି ଆକାର ବା ଜିଏସ୍‌ଡିପି ୨୦୨୫-୨୬କୁ ଆକଳନ କରାଯାଇଛି । ଏଥିରେ ଏହା ୯.୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗତ ଅର୍ଥନୈତିକ ସର୍ଭେ ରିପୋର୍ଟ ଅର୍ଥାତ୍ ୨୦୨୪-୨୫ର ୯ ଲକ୍ଷ କୋଟି ଟଙ୍କାଠାରୁ ୯.୫% ବୃଦ୍ଧି ପାଇଛି।୨୦୨୫-୨୬ରେ ବାସ୍ତବ ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିବା ନେଇ ରିପୋର୍ଟରେ ଆକଳନ କରାଯାଇଛି। ଯାହା ୨୦୨୪-୨୫ର ୭.୨ ପ୍ରତିଶତ ବୃଦ୍ଧି ହାରଠାରୁ ଅଧିକ। ଏହା ମଧ୍ୟ ଜାତୀୟ ସ୍ତରର ହାରାହାରି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ଠାରୁ ଅଧିକ। ୨୦୨୫-୨୬ରେ ସମସ୍ତ କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ହାର ଦେଖାଯାଇଛି ଏବଂ ରାଜ୍ୟରେ ସରକାରୀ ଓ ବେସରକାରୀ ପୁଞ୍ଜିନିବେଶ ବୃଦ୍ଧି ପାଉଥିବାରୁ ଆଗାମୀ ବର୍ଷ ଗୁଡ଼ିକରେ ରାଜ୍ୟ ଦ୍ରୁତ ଆର୍ଥିକ ବୃଦ୍ଧି ପାଇଁ ପ୍ରସ୍ତୁତ ହେଉଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟର ଆକଳନ କରାଯାଇଛି।



## ବଢ଼ିଲା ଶ୍ରମଶକ୍ତିର ଭାଗିଦାରୀ



ଏଥର ଓଡ଼ିଶାରେ ଶ୍ରମ ଶକ୍ତିର ଭାଗିଦାରୀ ବୃଦ୍ଧି ପାଇଛି। ଶ୍ରମ ଶକ୍ତି ଭାଗିଦାରୀ ହାର୍ (ଏଲ୍‌ଏଫ୍‌ପିଆର) ଏବଂ ମହିଳା ଏଲ୍‌ଏଫପିଆର ବୃଦ୍ଧି ପାଇଛି। ଓଡ଼ିଶାରେ ସାମଗ୍ରିକ ଏଲ୍‌ଏଫ୍‌ପିଆର (୧୫+ବୟସ ପାଇଁ) ୨୦୨୨ରେ ୫୮.୧ ପ୍ରତିଶତରୁ ୨୦୨୪ରେ ୬୪.୫ ପ୍ରତିଶତ ବୃଦ୍ଧି ପାଇଛି। ଯେତେବେଳେ କି ୨୦୨୪ରେ ସର୍ବଭାରତୀୟ ସ୍ତରରେ ଏହା ହାରାହାରି ୫୯.୬ ପ୍ରତିଶତ ଥିଲ। ଓଡ଼ିଶାରେ ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର (୧୫+ ବର୍ଷ ବୟସ ପାଇଁ) ୨୦୨୨ରେ ୩୭.୬ ପ୍ରତିଶତରୁ ୨୦୨୪ରେ ୪୮.୭ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୪ ରେ ସର୍ବଭାରତୀୟ ସ୍ତରରେ ମହିଳା ଭାଗିଦାରୀ ହାରହାରି ୪୦.୩ ପ୍ରତିଶତ ଥିଲା।

## କୃଷି କ୍ଷେତ୍ର

ଅର୍ଥନୈତିକ ସର୍ଭେ ରିପୋର୍ଟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୨୦୨୫-୨୬ରେ ରାଜ୍ୟ ଅର୍ଥବ୍ୟବସ୍ଥାରେ ୧୯.୬ ପ୍ରତିଶତ ହେବା ଆକଳନ କରାଯାଇଛି। ଯାହା ସର୍ବଭାରତୀୟ ସ୍ତରରେ ଥିବା୧୬.୮ ପ୍ରତିଶତ ଠାରୁ ଅଧିକ। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ୨୦୨୫-୨୬ରେ ୫.୩ ପ୍ରତିଶତର ଦୃଢ଼ ଅଭିବୃଦ୍ଧି ହାର ପଞ୍ଜିକୃତ ହୋଇଛି । ଯାହା ଜାତୀୟସ୍ତରରେ ୩.୧ ପ୍ରତିଶତ ଥିଲା। ଓଡ଼ିଶାରେ କୃଷି କ୍ଷେତ୍ରର ହାରାହାରି ଅଭିବୃଦ୍ଧି ହାର ଜାତୀୟସ୍ତର ତୁଳନାରେ ଅଧିକ ଅଭିବୃଦ୍ଧି ହାସଲ କରୁଛି।



## ଖାଦ୍ୟଶସ୍ୟ ଉତ୍ପାଦନ



ଓଡ଼ିଶାରେ ଖାଦ୍ୟଶସ୍ୟ ଉତ୍ପାଦନ ୨୦୨୩-୨୪ରେ ୧୪୩.୦୪ ଲକ୍ଷ ମେଟ୍ରିକ୍ ଟନ୍ ଥିବା ବେଳେ ୨୦୨୪-୨୫ରେ ଏହା ସର୍ବାଧିକ ୧୫୦.୫ ଲକ୍ଷ ମେଟ୍ରିକ୍ ଟନ୍ ରେକର୍ଡ ହୋଇଛି। ୨୦୨୪-୨୫ରେ ଚାଉଳ ଉତ୍ପାଦନ ୧୧୧୮.୬ ଲକ୍ଷ ମେଟ୍ରିକ୍ ଟନ୍ ଥିଲା, ଯାହା ୨୦୨୩-୨୪ ଠାରୁ ୨.୮ ପ୍ରତିଶତ ବୃଦ୍ଧି ପାଇଛି। ଚାଉଳ ଉତ୍ପାଦନ ବୃଦ୍ଧିକୁ ସମୃଦ୍ଧ କୃଷକ ଯୋଜନା, ସିଏମ୍-କିଷାନ, ଅଧିକ ଏମ୍‌ଏସପି ଏବଂ ଇନପୁଟ୍ ସବ୍‌ସିଡି ଭଳି ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ସହଯୋଗ କରାଯାଇଥିଲା। କପା, ମକା, ପନିପରିବା, ମସଲା ଇତ୍ୟାଦି ଅର୍ଥକାରୀ ଫସଲ ଚାଷ ସହିତ ଓଡ଼ିଶାରେ ଫସଲ ବିବିଧକରଣ ବୃଦ୍ଧି ପାଉଛି, ଯାହା କୃଷକ ନିଶ୍ଚିତ ଆୟ ବୃଦ୍ଧି କରିବ।

## ଖାଦ୍ୟଶସ୍ୟ ସଂଗ୍ରହ

ଧାନ ଏବଂ ମାଣ୍ଡିଆ କ୍ରୟ ଯଥେଷ୍ଟ ବୃଦ୍ଧି ପାଇଛି ଯାହା ରାଜ୍ୟର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଲାଭାନ୍ୱିତ କରିଛି। ୨୦୨୪-୨୫ରେ ପ୍ରାୟ ୨୦ଲକ୍ଷ ଚାଷୀଙ୍କ ଠାରୁ ୯୧.୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଥିଲା ଏବଂ ଚାଷୀଙ୍କୁ ଏମ୍‌ଏସ୍‌ପି ବାବଦରେ ୨୧,୩୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ଇନପୁଟ୍ ସବସିଡି ବାବଦରେ ୭,୧୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟର ମୋଟ୍ ଧାନ ଉତ୍ପାଦନର ପ୍ରାୟ ୭୮ ପ୍ରତିଶତ ସରକାରୀ କ୍ରୟ ହୋଇଛି। ଯାହା ୨୦୨୩-୨୪ ରେ ମାତ୍ର ୬୧ ପ୍ରତିଶତ ଥିଲା। ସରକାର କ୍ୱିଣ୍ଟାଲ ପିଛା ୪, ୨୯୦ ଟଙ୍କାର ଏମ୍‌ଏସପି ଦରରେ ମାଣ୍ଡିଆ କିଣୁଛନ୍ତି। ଏଥିରେ ଅତିରିକ୍ତ ପ୍ରୋତ୍ସାହନ ସହିତ କ୍ୱିଣ୍ଟାଲ ପିଛା ୨୧୦ ଟଙ୍କା ଦିଆଯାଉଛି। ୨୦୨୪-୨୫ରେ ୮.୮ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଥିଲା, ଯାହା ୨୦୨୩ -୨୪ ତୁଳନାରେ ଦୁଇଗୁଣରୁ ଅଧିକ।



## ୨୪୪ ନୂଆ ପ୍ରକଳ୍ପରେ ନିଯୁକ୍ତି ପାଇବେ ୩.୩୫ ଲକ୍ଷ



୨୦୨୫ରେ ଓଡ଼ିଶା ସରକାର ୨୪୪ଟି ନୂଆ ପ୍ରକଳ୍ପକୁ ମଞ୍ଜୁର କରିଥିଲେ। ଏଥିରେ ୫.୬୬ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବିତ ହୋଇଥିଲା। ଏଥିରେ ୩.୩୫ ଲକ୍ଷ ନିଯୁକ୍ତି ପାଇପାରିବେ ବୋଲି ଆକଳନ କରାଯାଇଛି। ୨୦୨୫ ମସିହାରେ ଚଳିତ ବର୍ଷ ୮୦ଟି ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲା, ଯାହା ୧.୭୫ ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିଥିଲଶ ଏବଂ ସିଧାସଳଖ ୧.୪ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥିଲା। ୨୦୨୫-୨୬(ଅଗ୍ରୀମ ଆକଳନ)ରେ ବର୍ତ୍ତମାନର ମୂଲ୍ୟରେ ଓଡ଼ିଶାର ମୋଟ୍ ରାଜ୍ୟ ସଂଯୋଜିତ ମୂଲ୍ୟରେ ଶିଳ୍ପ କ୍ଷେତ୍ର ୪୧.୩ ପ୍ରତିଶତ ଯୋଗଦାନ ଦେଇଛି, ଯାହାର ମୂଲ୍ୟ ପ୍ରାୟ ୩.୬ ଲକ୍ଷ କୋଟି ଟଙ୍କା। ସ୍ଥିର ମୂଲ୍ୟରେ ଏହି କ୍ଷେତ୍ର ୬.୪ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି। ଏହା ମୁଖ୍ୟତଃ ଉତ୍ପାଦନ କ୍ଷେତ୍ରରେ ଦ୍ରୁତ ପ୍ରସାର ଦ୍ୱାରା ବୃଦ୍ଧି ପାଇଛି, ଯାହା ଜାତୀୟ ହାରାହାରି ୭ ପ୍ରତିଶତ ତୁଳନାରେ ୮.୩ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।ଶ୍ରମ ଆଧାରିତ ଏବଂ ଉଚ୍ଚ-ବୈଷୟିକ ଶିଳ୍ପକୁ ଅନ୍ତର୍ଭୁକ୍ତ କରୁଥିବା ବିଭିନ୍ନ କ୍ଷେତ୍ରରେ ମଧ୍ୟ ରାଜ୍ୟ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛି। ବ୍ୟବସାୟିକ ପରିବେଶରେ ଉନ୍ନତି ଆଣିବା ପାଇଁ ଓଡ଼ିଶା ଅନେକ ସଂସ୍କାର ଆଣିଛି ଯଥା ବ୍ୟବସାୟ ସଂସ୍କାର କାର୍ଯ୍ୟ ଯୋଜନା(ବିଆରଏବି) ୨୦୨୪ ଅଧୀନରେ ରାଜ୍ୟ ସାମଗ୍ରିକ ୯୮ ପ୍ରତିଶତ କାର୍ଯ୍ୟାନ୍ୱୟନ ହାର ହାସଲ କରିଛି, ୪୩୪ଟି ସଂସ୍କାର ମଧ୍ୟରୁ ୪୨୫ଟି ସମାପ୍ତ କରିଛି। ନିକଟରେ ସରକାର ଓଡ଼ିଶା ଜନ ବିଶ୍ୱାସ ବିଧେୟକ ୨୦୨୫ ପ୍ରଣୟନ କରି ୧୬ଟି ଆଇନ ଓ ୯ଟି ବିଭାଗରେ ୧୬୧ଟି ଅନୁପାଳନକୁ ଅପରାଧମୁକ୍ତ କରିପାରିଛନ୍ତି। ଓଡ଼ିଶା ସବୁଜ ଶକ୍ତି ଓ ଏରୋସ୍ପେସ ଭଳି ଉଦୀୟମାନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ସହିତ ମେଗା ଇଣ୍ଡଷ୍ଟ୍ରିଆଲ ଜୋନ୍, ସେକ୍ଟର ପାର୍କ, ଏମଏସଏମଇ କ୍ଲଷ୍ଟର ଆଦି ମାଧ୍ୟମରେ ଶିଳ୍ପ ପାଇଁ ପ୍ରସ୍ତୁତ ଭିତ୍ତିଭୂମି ବିକାଶ ଜାରି ରଖିଛି। ଏହି ପ୍ରୟାସଗୁଡ଼ିକ ରାଜ୍ୟକୁ ସ୍ଥାୟୀ ଓ ସମାବେଶୀ ଶିଳ୍ପ ବିକାଶ ଉପରେ ଧ୍ୟାନ ଦେଇ ଏକ ନିବେଶ ପ୍ରସ୍ତୁତ ଗନ୍ତବ୍ୟସ୍ଥଳଭାବେ ସ୍ଥାନିତ କରିଛି।

## କ୍ରୀଡ଼ା ଓ ଯୁବସେବା



କ୍ରୀଡ଼ା ଭିତ୍ତିଭୂମି ଓ ଆଥଲେଟିକ ବିକାଶରେ ବ୍ୟାପକ ପୁଞ୍ଜି ବିନିଯୋଗ ମାଧ୍ୟମରେ ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଗଣିତ ହୋଇଛି। ୨୦୨୫ରେ ଓଡ଼ିଶା ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଏବଂ ଆଇ.ଟି.ଟି.ଏଫ୍-ଏ.ଟି.ଟି.ୟୁ ଏସୀୟ ଚାମ୍ପିଅନସିପ୍ ଭଳି ପ୍ରମୁଖ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିଛି। ଏହା ସହିତ ସର୍ବଭାରତୀୟ ପୁଲିସ୍ ହକି ଚାମ୍ପିଅନସିପ୍ ଏବଂ ସିନିୟର୍ ଜାତୀୟ ଜଳକ୍ରୀଡ଼ା ଚାମ୍ପିଅନସିପ୍ ଭଳି ପ୍ରମୁଖ ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଛି। କ୍ରିକେଟ୍, ଫୁଟବଲ୍, ଭଲିବଲ୍, ଆଥଲେଟିକ୍ସ ଏବଂ ଇନଡୋର କ୍ରୀଡ଼ା ସ୍ଥାନ ସମେତ ସମସ୍ତ ବ୍ଲକରେ ବ୍ୟାପକ କ୍ରୀଡ଼ା ସୁବିଧା ନିର୍ମାଣ ପାଇଁ ସରକାର ୨୦୨୫-୨୬ରେ କ୍ରୀଡ଼ା ଏବଂ ଯୁବ ସେବା ପାଇଁ ୧,୩୧୯ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉନ୍ନୟନ ପାଇଁ ୬୦୦ କୋଟି ଟଙ୍କା ବିନିଯୋଗ ସହ ୬ଟି ଜିଲ୍ଲାକୁ ଆଞ୍ଚଳିକ କ୍ରୀଡ଼ା କେନ୍ଦ୍ର ଭାବେ ଘୋଷଣା କରାଯାଇଛି। ରାଉରକେଲାରେ ଆଥଲେଟିକ୍ସ ଓ ତୀରନ୍ଦାଜୀ ପାଇଁ ଏକ ନୂତନ ଉଚ୍ଚମାନର ପ୍ରଦର୍ଶନ କେନ୍ଦ୍ର ସ୍ଥାପିତ ହୋଇଛି। ଓଡ଼ିଶା କ୍ରୀଡ଼ା ନୀତି (୨୦୨୪) ଏବଂ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ପରି ପଦକ୍ଷେପ ମାଧ୍ୟମରେ ଏକ ଲକ୍ଷରୁ ଅଧିକ କ୍ରୀଡ଼ାବିତଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ତୃଣମୂଳ ସ୍ତରର ପ୍ରତିଭାକୁ ପ୍ରୋତ୍ସାହନ ଦେବା ସହ ଆର୍ଥିକ ପୁରସ୍କାର ମାଧ୍ୟମରେ ଉଲ୍ଲେଖନୀୟ ପ୍ରଦର୍ଶନକାରୀଙ୍କୁ ସ୍ୱୀକୃତି ଯୋଗାଉଛି।

## ୪୦ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

# ଗୁରୁ ବନ୍ଦନା ଓ ପଞ୍ଚଦେବ ସ୍ତୁତିରେ ଦୁଲୁକିଲା ମଞ୍ଚ



**କୋଣାର୍କ,୧୯।୨/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ପରି ଚଳିତବର୍ଷ ଫେବୃଆରୀ ୧୯ ଗୁରୁବାର ସନ୍ଧ୍ୟାରେ ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନ ଙ୍କ ନାଟ୍ୟମଣ୍ଡପରେ ଆୟୋଜିତ ହୋଇଯାଇଛି ୪୦ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ। ନୃତ୍ୟଗୁରୁ ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ନାଟ୍ୟମଣ୍ଡପରେ ପ୍ରତିବର୍ଷ ଫେବୃଆରୀରେ ୩ଦିନ ଧରି ଏହି ଉତ୍ସବ ପାଳନ ହେଇଆସୁଥିଲା ବେଳେ ଚଳିତବର୍ଷ କେତେକ ଅସୁବିଧା କାରଣକୁ ନେଇ ଗୋଟିଏ ଦିନ ପାଇଁ ଏହି ଉତ୍ସବ ଆୟୋଜିତ ହୋଇଛି। ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ବିଜୟ ଜେନା, ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର, ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ରମଣୀ ରଞ୍ଜନ ଜେନା, ନିମାପଡା ପ୍ରେସ କ୍ଲବ ସଭାପତି ଅକ୍ଷୟ ବେହେରା, ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ଗୁରୁ ଗଙ୍ଗାଧର ପ୍ରଧାନ ଙ୍କ ଧର୍ମପତ୍ନୀ ସୁଲଚନା ପ୍ରଧାନ ପ୍ରମୁଖ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ପ୍ରଥମେ ଘଣ୍ଟ ମର୍ଦ୍ଦଳ ଗ୍ରୁପ ର କଳାକାର ମାନଙ୍କ ଦ୍ୱାରା ଘଣ୍ଟ ଓ ମର୍ଦ୍ଦଳରେ ତାଳରେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଜାତୀୟ ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରତିଷ୍ଠିତ ବରିଷ୍ଠ ବଂଶୀ ବାଦକ ସ୍ୱର୍ଗତ ରବିଶଙ୍କର ପ୍ରଧାନଙ୍କ ଅକାଳ ବିୟୋଗରେ ନିରବ ପ୍ରାର୍ଥନା କରିଥିଲେ। ପରେ କୋଣାର୍କ ନାଟ୍ୟ ମଣ୍ଡପ ଏବଂ ନୃତ୍ୟ ଗୁରୁ ବିଷ୍ଣୁ ସାସମଲଙ୍କ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ, ନିମାପଡ଼ାର କଳାକାର ମାନଙ୍କ ଦ୍ୱାରା ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପରିକଳ୍ପିତ ଓ ଦର୍ଶକଙ୍କ ପ୍ରିୟ ନୃତ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମୁମ୍ବାଇର କୈଳାସ ପାତ୍ରଙ୍କ ସୀତାର ବାଦନ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ କଳାକାରଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ବାଙ୍ଗାଲୋରର ଶ୍ୱେତା ପ୍ରସନ୍ନ ଓ ଶିବରାଜନ ହରିଶଙ୍କ ଦ୍ୱାରା କୁଚିପୁଡ଼ି ଓ ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରାଯାଇଥିଲା। ଉପସ୍ଥିତ ଶତାଧିକ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ। ନାଟ୍ୟମଣ୍ଡପ ପରିସରରେ ପ୍ରତିଷ୍ଠିତ କବି କବୟିତ୍ରୀମାନଙ୍କ ଦ୍ୱାରା ୩୦ତମ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ କୋଣାର୍କ ନାଟ୍ୟ ମଣ୍ଡପର ବରିଷ୍ଠ ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ, ସୁଲୋଚନା ପ୍ରଧାନ, ଯୋଗଗୁରୁ ବାମଦେବ ଆଲୁକ, ନାଟ୍ୟ ମଣ୍ଡପର ସଂପାଦକ ଶିବାଶିଷ ପ୍ରଧାନ, ସଂଜୀବନୀ ପ୍ରଧାନ, ସୁଦେସ୍ନା ସାସମଲ, ସସ୍ମିତା ଖଣ୍ଡାୟତରାୟ, ଲକି ଭରଦ୍ୱାଜଙ୍କ ସମେତ ନାଟ୍ୟ ମଣ୍ଡପର ସମସ୍ତ କର୍ମକର୍ତ୍ତାମାନେ ପରିଚାଳନା କରିଥିଲା ବେଳେ ମଞ୍ଚପରିଚାଳନା କରିଥିଲେ ହୃଷିକେଶ ପାଣିଗ୍ରାହୀ, ସୁଦିପ୍ତା ପାଣିଗ୍ରାହୀ।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଲାଗିଲା ନାମ ଫଳକ

**ନୟାଗଡ଼,୧୯।୨/ଏନ୍‌ଏନ୍‌ଏସ୍:** ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ତଥା ଜିଲ୍ଲାରେ ଯୋଗଦାନ କରିଥିବା ନୂତନ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ନୟାଗଡ଼ ଏନଏସି ଉଚ୍ଚ ବିଦ୍ୟାଳୟର ମୁଖ୍ୟ ପ୍ରବେଶ ପଥରେ ଲାଗିଲା ବିଦ୍ୟାଳୟ ନାମ ଫଳକ। ଦୀର୍ଘ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟାଳୟର ନବ ନିର୍ମିତ ମୁଖ୍ୟ ଫାଟକରେ ଥିବା ନାମ ଫଳକ ସ୍ଥାନ ଖାଲି ପଡିଥିଲା। ସୂଚନା ଯୋଗ୍ୟ ଯେ, ନୟାଗଡ଼ ଜିଲ୍ଲା ସଦର ମହକୁମାର ଏନଏସି ଉଚ୍ଚ ବିଦ୍ୟାଳୟ ଏକ ପ୍ରମୁଖ ତଥା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ। ଏଠାରୁ ଉତ୍ତୀର୍ଣ୍ଣ ହୋଇ ଥିବା ଅଧିକାଂଶ ଛାତ୍ରଛାତ୍ରୀ ଏବେ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରତିଷ୍ଠା ଲାଭ କରି ବିଦ୍ୟାଳୟର ମାନ ବଢ଼ାଇଛନ୍ତି। ତେବେ ଗତ ସରକାର ସମୟରେ ଏହି ବିଦ୍ୟାଳୟଟି ୫-ଟି ମାନ୍ୟତା ପାଇଥିବା ବେଳେ ଏହାର ମୁଖ୍ୟ ପ୍ରବେଶ ପଥକୁ ବ୍ଲକ ପ୍ରଶାସନ ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଇ ଥିଲା। ନବନିର୍ମିତ ମୁଖ୍ୟ ପ୍ରବେଶ ପଥରେ ଲଗା ଯାଇଥିବା ନିୟନ ଲାଇଟରେ ନିର୍ମିତ ନାମ ଫଳକଟି ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଲାଗିବାର ମାତ୍ର କିଛି ଦିନ ମଧ୍ୟରେ ଏହା ଖସି ପଡି ଭାଙ୍ଗି ଯାଇଥିଲା। ତେବେ ଏହାକୁ ମରାମତି କରି ପୁନଃ ସ୍ଥାପନ କରିବା ପାଇଁ ବ୍ଲକ ପ୍ରଶାସନକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଫଳରେ ବିନା ନାମ ଫଳକରେ ଦୀର୍ଘ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟାଳୟ ଚାଲିଥିବା ବେଳେ ବିଦ୍ୟାଳୟ ତଥା ବ୍ଲକ ପ୍ରଶାସନର ଉଦାସୀନତାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏପରି କି ୫୭ନଂ ଜାତୀୟ ରାଜପଥ ପାର୍ଶ୍ୱ ତଥା ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ଶହେ ମିଟର ଦୂରରେ ଅବସ୍ଥିତ ଏହି ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ବିଭିନ୍ନ ପ୍ରବେଶିକା ପରୀକ୍ଷା, ପ୍ରତିଯୋଗିତା ମୂଳକ ପରୀକ୍ଷା,ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ତଥା ଶିକ୍ଷା ବିଭାଗର ବିଭିନ୍ନ କର୍ମଶାଳା ମାନ ଆୟୋଜିତ ହେଉଥିବା ବେଳେ ନାମ ଫଳକ ନଥିବାରୁ ବାହାରୁ ଆସୁଥିବା ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟକୁ ଖୋଜି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଇତିମଧ୍ୟରେ ଜିଲ୍ଲାରେ ଯୋଗଦାନ କରିଥିବା ନୂତନ ଜିଲ୍ଲାପାଳ ମଧୁମିତା ରଥଙ୍କ ନଜରକୁ ଏହି ଘଟଣା ଆସିବା ପରେ ତୁରନ୍ତ ନାମ ଫଳକ ଲଗାଇବା ପାଇଁ ବ୍ଲକ ପ୍ରଶାସନକୁ ତାଗିଦ୍ କରିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶନ ଏବଂ ଜିଲ୍ଲାପାଳଙ୍କ ତାଗିଦ ପରେ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଲିଖିତ ଦୁଇଟି ନାମ ଫଳକ ବ୍ଲକ ପ୍ରଶାସନ ପକ୍ଷରୁ ଏବେ ମୁଖ୍ୟ ପ୍ରବେଶ ପଥରେ ଲଗାଯାଇଥିବାରୁ ସାଧାରଣରେ ଜିଲ୍ଲାପାଳଙ୍କୁ ପ୍ରଶଂସା କରାଯାଇଛି।

# ଗୋ ମାଂସ, ମଦ ଜବତ ଘଟଣାରେ ଜଣେ ଗିରଫ

**ଦଶପଲ୍ଲା,୧୯।୨/ଏନ୍‌ଏନ୍‌ଏସ୍:** ଗୋ ମାଂସ ରଖିବା ଓ ଖାଇବା ଅଭିଯୋଗ ରେ ପୋଲିସ ଗୁରୁବାର ଦିନ ନିମେଇ ମେହେର(୬୫)ଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ନିମେଇଙ୍କ ଜାମିନ ଶୁଣାଣିକୁ ଜେଏମଏଫ୍‌ସି ଦେବା ମାଳିନୀ ଐଶ୍ୱର୍ଯ୍ୟା ୨୧ ତାରିଖକୁ ସ୍ଥିର କରିବାରୁ ନିମେଇଙ୍କୁ ଦଶପଲ୍ଲା ସବ ଜେଲ୍‌କୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ରାଜରାଜୁଡା ଅମଳରୁ ଦୁର୍ଗାବଜାରଠାରେ ଏକ ମୋଚିସାହି ଗଢ଼ିଉଠିଛି। ଏହି ମୋଚି ସାହିରେ ମୋଚି ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ବିଭିନ୍ନ ସମୟରେ ଏହି ମୋଚିମାନେ ଗାଈ ଛେଳି ଭଳି ଜୀବଜନ୍ତୁଙ୍କ ଚମଡା ଆଣି ତାକୁ ଶୁଖାଇ ଚପଲ କରି ବିକ୍ରୟ କରନ୍ତି। ଗତ ଦୁଇଦିନ ତଳେ ଓଡସର ଠାରେ ଏକ ଗାଈର ମୃତ ହୋଇଥିବା ବେଳେ ତାକୁ ଏକ ସ୍ଥାନରେ ପକାଯାଇଥିଲା। ଏହା ଜଣାପଡିବା ପରେ ସେହି ଗ୍ରାମର ନିମେଇ ମେହର ଏହାର ଚମଡା କାଟି ଆଣିବା ସହ କିଛି ଗୋରୁ ମାଂସ ଖାଇବା ପାଇଁ ସାଥିରେ ଧରି ଆସିଥିଲେ। ବୁଧବାର ଦିନ ଭଗ୍ନ ଅବସ୍ଥାରେ ଥିବା ପୁରୁଣା ମୋଚିଶିଳ୍ପ କାରଖାନା ମଧ୍ୟରେ ରହୁଥିବା ସୁରେଶ ମେହେରଙ୍କ ଘରେ ରହୁଥିବା ନିମେଇ ମେହେରଙ୍କ ସ୍ତ୍ରୀ ମେହେର ଏହି ମାଂସକୁ ରୋଷେଇ କରୁଥିବା ବେଳେ ଏହା ପ୍ରଚାର ହୋଇଯାଇଥିଲା। ଖବରପାଇ ବଜାରଙ୍ଗୀ ଦଳର କିଛି ସଦସ୍ୟ ସେଠାରେ ପହଞ୍ଚି କଡେଇରେ ଗୋ ମାଂସ ରନ୍ଧା ହେଉଥିବା ଦେଖିବାକୁ ପାଇବା ସହ ଗୋ ମାଂସ ଶୁଖା ଯାଇଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି କଡେଇରେ ରୋଷେଇ ହେଉଥିବା ଗୋ ମାଂସ ଓ ଏକ ବ୍ୟାଗରେ ଥିବା ଗୋ ମାଂସ ସହ ସୁଖା ଯାଇଥିବା ଗୋ ମାଂସକୁ ଜବତ କରିଥିଲେ । ଏହାସହ ନିମେଇ ମେହେର ବେ ଆଇନି ଭାବେ ମଦ ବିକ୍ରି କରୁଥିବା ଗ୍ରାମର ଏସଏଚଜି ଗ୍ରୁପ ପକ୍ଷରୁ ଅଭିଯୋଗ ହେଉଥିବା ବେଳେ ଏହି ଗୋ ମାଂସ ଜବତ କରିବା ସମୟ ରେ ନିମେଇ ଘରୁ ୧୦ଲିଟର ବେଆଇନ ମଦ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ନିମେଇ ମେହେର ଓ ସୁରେଶ ମେହେରଙ୍କୁ ପୁଲିସ ଥାନାକୁ ଆଣି ପଚରାଉଚରା କରିଥିବା ବେଳେ କିଛି ଉତ୍ୟକ୍ତ ଲୋକ ନିମେଇ ଘରେ ନିଆଁ ଲଗାଇଦେଇଥିଲେ। ଯାହାକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଚାଲିଥିବା ବେଳେ ଖବର ସଂଗ୍ରହ କରିବାକୁ ଯାଇଥିବା ତିନିଜଣ ସାମାଜିକ ଗଣମାଧ୍ୟମର ପ୍ରତିନିଧିଙ୍କ ସହ ଥାନାଧିକାରୀଙ୍କ ବଚସା ହେବାରୁ ପୁଲିସ ପକ୍ଷରୁ ସେମାନଙ୍କ ନାମରେ ଅନ୍ୟ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ପଚରାଉଚରା ପରେ ପୁଲିସ ସରୋଜ ମେହେରକୁ ଛାଡି ନିମେଇ ମେହେରଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ମାହାଙ୍ଗାରେ ଶିକ୍ଷାବିଭାଗ ନିୟମକୁ ଅଣଦେଖା

**କୁଆଁପାଳ,୧୯।୨/ଏନ୍‌ଏନ୍‌ଏସ୍:** ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରିଣୀଙ୍କ ଅଖଣ୍ଡ କ୍ଷମତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ସେ ସରକାରଙ୍କ ବଦଳି ନିୟମକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଏପରିକି ଜିଲ୍ଲା ଟ୍ରାନ୍ସଫର୍ କମିଟିର ବିନା ଆପ୍ରୁଭାଲ୍‌ରେ ମାହାଙ୍ଗାରେ ଟେକ୍‌କ୍ଲାସ୍ ନାମରେ ବଦଳି ଚାଲିଛି। ଏଠାରେ ସୂଚନାଯୋଗ୍ୟ ଯେ ଯେଉଁ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି ସେହି ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟରୁ ଆବଶ୍ୟକତା ଠାରୁ ଅଧିକ ରହିଥିବା ଶିକ୍ଷକଙ୍କୁ ଟେକ୍‌କ୍ଲାସରେ ଅଣାଯାଇଥାଏ। ଏଠାରେ ଓଲଟା ଦେଖିବାକୁ ମିଳୁଛି। ବୁଝାମଣା ଭିତ୍ତିରେ ଶିକ୍ଷକ ବଦଳି ହେଉଛନ୍ତି। ଜିଲ୍ଲା ଟ୍ରାନ୍ସଫର୍ କମିଟିର ଅଜାଣତରେ ଯାହାକୁ ନେଇ ବିଭିନ୍ନ ଶିକ୍ଷକ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଠାରେ ସୂଚନାଯୋଗ୍ୟ ଯେ ମାହାଙ୍ଗା ବିଇଓ କାର୍ଯ୍ୟାଳୟ ଚିଠି ଅନୁସାରେ ବନ୍ତଳା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରଶ୍ମି ଚାନ୍ଦଙ୍କୁ ଭରତପଡା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଟେକ୍ ଅର୍ଡରରେ ବଦଳି କରାଯାଇଥିଲା ବେଳେ ଭରତପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ମହାନ୍ତିଙ୍କୁ ବନ୍ତଳା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଟେକ୍ କ୍ଲାସରେ ବଦଳି କରାଯାଇଛି। ସେହିପରି ରଘୁନାଥ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱପ୍ନା ମହାପାତ୍ରଙ୍କୁ ଟେକ୍ କ୍ଲାସରେ ରାଣୀଗଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା ବେଳେ ରାଣୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ହରେକୃଷ୍ଣ ପାତ୍ରଙ୍କୁ ଟେକ୍ କ୍ଲାସରେ ରଘୁନାଥ ନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଚିଠିରେ ଦର୍ଶାଯାଇଛି ଯେ ଛାତ୍ରଛାତ୍ରୀ ଓ ଜନସାଧାରଣମାନଙ୍କର ବୃହତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଟେକ୍ କ୍ଲାସରେ ଶିକ୍ଷକମାନଙ୍କୁ ବଦଳି କରାଯାଉଛି। ଏଠି ପ୍ରଶ୍ନ ଉଠୁଛି ଯେ ପରୀକ୍ଷା ସମୟରେ ଶିକ୍ଷକମାନଙ୍କୁ ଟେକ୍ କ୍ଲାସରେ ବଦଳି କରିବା କେତେଦୂର ଯଥାର୍ଥ। ଏହି ଶିକ୍ଷକମାନଙ୍କ ବିରୁଦ୍ଧରେ ଜନସାଧାରଣ ଓ ଛାତ୍ରଛାତ୍ରୀମାନେ ମାହାଙ୍ଗା ବିଇଓ ନିକଟରେ ଅଭିଯୋଗ କରିଥିଲେ କି ନା ବିଇଓ କାର୍ଯ୍ୟାଳୟ ମୋଟା ଅଙ୍କରେ ହାତଗୁଞ୍ଜା ନେଇ ଟେକ୍‌କ୍ଲାସ ନାମରେ ବଦଳି କରୁଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁଅନ୍ୟତ୍ର ବଦଳି କରିବା ପାଇଁ ସାଧାରଣରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ମାର୍ଚ୍ଚ ସୁଦ୍ଧା ଟଙ୍କା ଫେରସ୍ତ ନହେଲେ ଆନ୍ଦୋଳନ ଧମକ

**ସାହାରା ଚିଟ୍‌ଫଣ୍ଡ କମ୍ପାନୀ ଠକେଇ**

**କଣ୍ଟିଲୋ,୧୯।୨/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ଆମ୍ଭ ଦେଶର ପ୍ରତ୍ୟେକ ରାଜ୍ୟର ପ୍ରତି ଜିଲ୍ଲା, ବ୍ଲକ, ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମର କୋଣେ କୋଣେ ସାହାରା ଚିଟ ଫଣ୍ଡ କମ୍ପାନୀ ତାର କାୟା ବିସ୍ତାର କରି ବହୁ ଗରିବ ନିରୀହ ଓ ମଧ୍ୟବିତ୍ତ ପରିବାର ସଦସ୍ୟ ମାନଙ୍କ ଠାରୁ ଅଧିକ ସୁଧହାର ଲୋଭ ଆଳରେ ଲକ୍ଷ୍ୟ ଲକ୍ଷ୍ୟ ହଜାର କୋଟି ଟଙ୍କା ସଂଗ୍ରହ କରି ପ୍ରତ୍ୟେକ ସ୍ଥାନରୁ କାର୍ଯ୍ୟାଳୟ ବନ୍ଦକରି ଫେରାର ହୋଇଯାଇଛି। ଯାହାଫଳରେ ଉପଭୋକ୍ତା ମାନେ ଏଜେଣ୍ଟ ମାନଙ୍କ ପାଖକୁ ବାରମ୍ବାର ଦୌଡିଦୌଡି ଖାଲି ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଶୁଣି ନିରାଶ ହୋଇ ଫେରୁଛନ୍ତି। ସୂଚନାରୁ ଜଣାପଡିଛି ଯେ, ଅଧିକାଂଶ ଅବସର ପ୍ରାପ୍ତ କର୍ମଚାରୀ,ଚାକିରିଆ, ବ୍ୟବସାୟୀ, ଠିକାଦାର, ଶ୍ରମିକ, ରାଜ ମିସ୍ତ୍ରୀ, ବଢେଇ, କମାର, କଂସା ପିତ୍ତଳ କାରିଗର, ବିଡି ଶ୍ରମିକ, ଧନୀ ଶ୍ରେଣୀର ବ୍ୟକ୍ତି ଓ ଛାତ୍ର ଛାତ୍ରୀ ମାନଙ୍କୁ ବ୍ୟାଙ୍କ୍ ଓ ପୋଷ୍ଟାଲ ଠାରୁ ବାର୍ଷିକ ଅଧିକ ସୁଧର ପ୍ରଲୋଭନ ଦେଖାଇ ଲକ୍ଷ୍ୟ ଲକ୍ଷ୍ୟ କୋଟି ଟଙ୍କା ସଂଗ୍ରହ କରିଥିଲେ। ଏବେ ବିଗତ ୭/୮ ବର୍ଷ ହେଲା ଆଉ ଉପଭୋକ୍ତାମାନଙ୍କୁ ତାଙ୍କ ଟଙ୍କାର ସୁଧ ମିଳୁନି କି ମୂଳ ଟଙ୍କା ମଧ୍ୟ ମିଳୁନି। ସମସ୍ତ ଉପଭୋକ୍ତା ମାନେ ନିରାଶ ହୋଇ ଏଯେଣ୍ଟ ଙ୍କ ପାଖକୁ ବୁଝିବାକୁ ଗଲେ, କେବେ ନିଜ ମୂଳ ଟଙ୍କା ପାଇବେ କୌଣସି ସଠିକ୍ ଉତ୍ତର ମିଳୁନି। ତେଣୁ କଣ୍ଟିଲୋ ଅଞ୍ଚଳର ପ୍ରାୟ ୬୦ଜଣ ଉପଭୋକ୍ତା ବାରମ୍ବାର ନୟାଗଡ଼ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ। କୌଣସି ସୁଫଳ ନମିଳିବାରୁ ଗୋକୁଳାନନ୍ଦ ଜିଉଙ୍କ ପୀଠରେ ସଂପୃକ୍ତ ବ୍ୟକ୍ତିମାନେ ଏକ ଜରୁରୀ ବୈଠକ କରି ଆସନ୍ତା ମାର୍ଚ୍ଚ ୨୦୨୬ ସୁଦ୍ଧା ସେମାନଙ୍କର ମୂଳ ଟଙ୍କା ଯଦି ଫେରସ୍ତ ନ ପାଆନ୍ତି ତେବେ ଅପ୍ରେଲ ମାସ ଠାରୁ ବ୍ଲକ ଅଫିସ୍ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇନ ଅମାନ୍ୟ ଆନ୍ଦୋଳନ କରିବା ସଙ୍ଗେ ସଙ୍ଗେ ସଂପୃକ୍ତ ଏଜେଣ୍ଟମାନଙ୍କୁ ବାନ୍ଧିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

# ବାଇଶପଲ୍ଲୀ ଅଭୟାରଣ୍ୟରେ ଏସ୍‌ଓଜି ତାଲିମ୍

**ଦଶପଲ୍ଲା,୧୯।୨/ଏନ୍‌ଏନ୍‌ଏସ୍:** ନୟାଗଡ଼ ଓ ବୌଦ୍ଧ ଜିଲ୍ଲା ସୀମାନ୍ତ ରେ ଅବସ୍ଥିତ ବାଇସପଲ୍ଲୀ ଅଭୟାରଣ୍ୟ ମଧ୍ୟରେ ଚାଲିଛି ଏସଓଜି ତାଲିମ। ଏହି ତାଲିମ ଶୁବିର ୧୬ତାରିଖ ରୁ ଆରମ୍ଭ ହୋଇ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ସମୁଦାୟ ୧୭୬ଜଣ ଏସ ଓ ଜି ଯବାନ ଏହି ତାଲିମ ରେ ସାମିଲ ହୋଇଛନ୍ତି। ଚନ୍ଦକା ତାଲିମ କେନ୍ଦ୍ର ରେ ଏହି ଯବାନ ମାନେ ତାଲିମ ନେଉଥିବା ବେଳେ ଘଞ୍ଚ ଜଙ୍ଗଲ ଭରା ବାଇସପଲ୍ଲୀ ଅଭୟାରଣ୍ୟ ମଧ୍ୟରେ ବି ଏହି ଯବାନମାନଙ୍କୁ ତାଲିମ ଦିଆଯାଉଛି। ବିଭନ୍ନ ସମୟରେ କେକେବିଏନ ନକ୍ସଲ ସଂଗଠନର ନକ୍ସଲମାନେ ଏହି ଅଭୟାରଣ୍ୟ ମଧ୍ୟରେ ଆଶ୍ରୟ ନେଇଥାନ୍ତି। ଏହି ଅଭୟାରଣ୍ୟ ଟି ନୟାଗଡ଼-ବୈଧ ସୀମାରେ ଅବସ୍ଥିତ।

# ଓଡ଼ଗାଁରେ ୨୦୭୧ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାଦେଲେ

**ଓଡ଼ଗାଁ,୧୯।୨/ଏନ୍‌ଏନ୍‌ଏସ୍:** ମାଧ୍ୟମିକ ଶିକ୍ଷାପରିଷଦ ପକ୍ଷରୁ ସାରା ରାଜ୍ୟରେ ଗୁରୁବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଓଡ଼ଗାଁ ବ୍ଲକରେ ୧୩ଟି ସେଣ୍ଟରରେ ମୋଟ ୨୦୮୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବପାଇଁ ଫର୍ମ ପୂରଣ କରିଥିବାବେଳେ ୨୦୭୧ ଜଣ ଛାତ୍ରଛାତ୍ରୀ ଆଜି ପରୀକ୍ଷା ଦେଇଛନ୍ତି। ପ୍ରଥମଦିନ ମାତୃଭାଷା ପରୀକ୍ଷାରେ ୧୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବାବେଳେ କୌଣସି ଛାତ୍ରଛାତ୍ରୀ କପିକରି ଧରାପଡ଼ି ନଥିବା ସୂଚନା ମିଳିଛି।

# ବ୍ଲକ୍‌ସ୍ତରୀୟ 'ବେଟି ବଞ୍ଚାଅ, ବେଟି ପଢ଼ାଅ' ଉଦ୍‌ଘାଟିତ




**କଣ୍ଟାପଡ଼ା,୧୯।୨/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁର ଗ୍ରାମପଞ୍ଚାୟତ କଲ୍ୟାଣ ମଣ୍ଡପରେ ଆଜି ବ୍ଲକସ୍ତରୀୟ ସମ୍ବନ୍ଧିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ବେଟିବଚାଅ ଓବେଟି ପଢାଅକର୍ମଶାଳାକୁ କଣ୍ଟାପଡ଼ା ବ୍ଲକ ପ୍ରାକ୍ତନ ଆଇନ ପରାମର୍ଶଦାତା ବରିଷ୍ଠ ଆଇନଜିବୀବିଶ୍ୱଭୂଷଣ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବ୍ଲକ ସମ୍ବନ୍ଧିତ ଶିଶୁ ବିକାଶ ଅଧିକାରୀ ସ୍ୱପ୍ନା ରାଣୀ ପଟ୍ଟ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ବ୍ଲକସ୍ତରୀୟ ଅଙ୍ଗନବାଡି କର୍ମୀ, ସହାୟିକା କର୍ମୀ ମାନେ ଯୋଗଦେଇଥିଲେ, ବିଶେଷକରି ରାଜ୍ୟ ତଥା କେନ୍ଦ୍ରସରକାର ବିଭିନ୍ନ ପ୍ରକାରର ଯୋଜନା ମାଧ୍ୟମରେ ମହିଳା ତଥା ବାଳିକାମାନଙ୍କୁ ଅଧିକ ମାତ୍ରାରେ ପ୍ରାଧାନ୍ୟ ଦେଇ ସମସ୍ତ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିବେ ଓ ସମସ୍ତ ସରକାରୀ ଯୋଜନା ସଠିକ ଭାବେ ତାଙ୍କ ପାଖରେ ପହଞ୍ଚିବ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କନ୍ୟା ଭ୍ରୁଣହତ୍ୟା , ବାଲ୍ୟବିବାହ ଏକ ଦଣ୍ଡନୀୟ ଅପରାଧ ଅଟେ. ସେ ସଂପର୍କରେଘରେ ଘରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଉପସ୍ଥିତ ଅଙ୍ଗନୱାଡି କର୍ମୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀମହାପାତ୍ର ପରାମର୍ଶ ଦେଇଥିଲେ। ଏବେ ଏବେ ଡିଜିଟାଲ ସମୟରେ ବିଭିନ୍ନ ପ୍ରକାରର ଠକେଇର ବିଶେଷକରି ବହୁ ସଂଖ୍ୟାରେ ମହିଳାମାନେ ହିଁ ବେଶୀ ଶିକାର ହେଉଛନ୍ତି। ସାଇବର ଠକମାନେ ମହିଳାଙ୍କର ସରଳତାର ସୁଯୋଗ ନେଇ ଠକିଚାଲିଛନ୍ତି। ସେ ସଂପର୍କରେ ମଧ୍ୟ ସଚେତନତା କରାଯିବା ସହ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ପ୍ରଦର୍ଶିତ କରାଯାଇଥିଲା।

# ମା' ରାମଚଣ୍ଡୀ କ୍ରିକେଟ କ୍ଲବ୍ ପକ୍ଷରୁ ପ୍ରିମିୟର୍ ମ୍ୟାଚ୍ ଉଦ୍‌ଘାଟିତ



**ଓଡ଼ଗାଁ,୧୯।୨/ଏନ୍‌ଏନ୍‌ଏସ୍:** ମା'ରାମଚଣ୍ଡୀ କ୍ରିକେଟ କ୍ଲବ୍ ଦ୍ୱାରା ଆୟୋଜିତ ପ୍ରିମିୟର ଲିଗ୍ ମ୍ୟାଚ ଶରଣକୁଳ କଲେଜ ଖେଳପଡ଼ିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ୫ଟିଦଳ ଅଂଶଗ୍ରହଣ କରିଥିବାବେଳେ ୨୩ ତାରିଖ ଦିନ ଫାଇନାଲ ମ୍ୟାଚ ଖେଳାଯିବବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।ଆଜିର ପ୍ରଥମମ୍ୟାଚ ମହାକାଳ ୱାରିୟରସ ସହିତ ଶରଣକୁଳ ନେଷ୍ଟ ଜେନେରସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମହାକାଳ ୱାରିୟରସ ଟସ୍ ଜିତି ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୬୬ ରନ୍ ସଂଗ୍ରହ କରିଥିଲା।ଜବାବରେ ଶରଣକୁଳ ନେଷ୍ଟ ଜେନେରସନ୍ ମାତ୍ର ୬ ଓଭରରେ ୮ ୱିକେଟ ହରାଇ ବିଜୟଲାଭ କରିଥିଲା।ଶରଣକୁଳ ଦଳର ପପୁ ୩ଟି ୱିକେଟ ଓ ୪ଟି କ୍ୟାଚ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଇଲାଇଟି ଷ୍ଟ୍ରାଇକର ସହିତ ପାୱାର ହିଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଇଲାଇଟି ଷ୍ଟ୍ରାଇକର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ଲାଭକରି ନିର୍ଦ୍ଧାରିତ ୧୦ ଓଭରରେ ୧୨୯ ରନ୍ ର ବିଜୟ ଲକ୍ଷ ଦେଇଥିଲା। ଜବାବରେ ପାୱାର ହିଟର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ୱିକେଟ ବିନିମୟରେ ୧୦୫ ରନ୍ ସଂଗ୍ରହକରି ପରାଜୟ ବରଣ କରିବାକୁ ପଡ଼ିଥିଲା।ଏହି ମ୍ୟାଚରେ ଇଲାଇଟ ଦଳର କାହ୍ନା ୨୨ ବଲରୁ ୫୦ ରନ୍ ସଂଗ୍ରହ କରିବାସହିତ ୩ଟି ୱିକେଟନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଜିର ମ୍ୟାଚକୁ ଦାଶରଥି ପରିଡ଼ା ଓ ଅଜୟ କୁମାର ସାହୁ ପରିଚାଳନା କରିଥିବାବେଳେ ଉଦଘାଟନୀ ମ୍ୟାଚରେ ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ମଶାଲ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।ଆସନ୍ତା କାଲି ଭୋଲେବାବା ୧୧ ସହିତ ମହାକାଳ ୱାରିୟରସ,ଇଲାଇଟି ଷ୍ଟ୍ରାଇକର ସହିତ ଶରଣକୁଳ ନେଷ୍ଟ ଜେନେରସନ୍ ଓ ପାୱାର ହିଟର ୧୧ ସହିତ ଭୋସଲେ ବାବା ୧୧ ମଧ୍ୟରେ ଅନୁଷ୍ଠିତ ହେବ।

# ଜିଲ୍ଲାର ୭୬ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ



**ନୟାଗଡ଼,୧୯।୨/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲାରେ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ୭୬ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହିତ ଆରମ୍ଭ ହୋଇଛି। ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ଥିଲାବେଳେ ଛାତ୍ରଛାତ୍ରୀମାନେ ବେଶ୍ ଉତ୍ସାହର ସହିତ ପରୀକ୍ଷା ଦେଇଛନ୍ତି। ୧୨ ହଜାର ୬୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ଫିଲପ୍ କରିଥିଲା ବେଳେ ଜିଲ୍ଲାରେ ମୋଟ ୨୩୬ଟି ହାଇସ୍କୁଲ ରହିଛି। ଏହି ସବୁ ବିଦ୍ୟାଳୟରୁ ମୋଟ ୧୨ ହଜାର ୧୮୫ ଜଣ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ଫିଲପ୍ କରିଥିଲା ବେଳେ ଏକ୍ସ ରେଗୁଲାର ୧୫ ଜଣ ରହିଛନ୍ତି। ଏହା ସହିତ ଜଣେ କରେସ୍ପୋଣ୍ଡେନ୍ସ କୋର୍ସର ଛାତ୍ର ମଧ୍ୟ ଫର୍ମ ଫିଲପ୍ କରିଛନ୍ତି। ଏହିଭଳି ମୋଟ ୧୨ ହଜାର ୨୦୧ ଛାତ୍ରଛାତ୍ରୀ ରହିଥିବାବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ରେଗୁଲାର ୩୩ ଜଣ ଏବଂ ଏକ୍ସ-ରେଗୁଲାର ୩୭୦ ଜଣ ରହିଛନ୍ତି। ସେମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ୧୨ ହଜାର ୬୦୪ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବାକୁ ଫର୍ମ ଫିଲପ୍ କରିଥିଲା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ନୟାଗଡ଼ ସହରସ୍ଥିତ ଏନ୍‌ଏସି ହାଇସ୍କୁଲ ସେଣ୍ଟର ହୋଇଛି। ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମୋଟ ୭୫ଟି ସେଣ୍ଟର କରାଯାଇଛି। ସେହିଭଳି ଜିଲ୍ଲାରେ ପରୀକ୍ଷା ନିୟନ୍ତ୍ରଣ କରିବାକୁ ୬ଟି ନୋଡାଲ ସେଣ୍ଟର ମଧ୍ୟ ରହିଛି। ତେବେ ଭାପୁର ବ୍ଲକରେ ୮ଟି ସେଣ୍ଟରରେ ବ୍ଲକର ୨୪ଟି ବିଦ୍ୟାଳୟର ୧୨୫୩ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ଦଶପଲ୍ଲା ବ୍ଲକର ୯ଟି ସେଣ୍ଟରରେ ୨୭ଟି ବିଦ୍ୟାଳୟର ୧୪୪୩ ଜଣ, ଗଣିଆ ବ୍ଲକର ୩ଟି ସେଣ୍ଟରରେ ୮ଟି ବିଦ୍ୟାଳୟର ୪୨୫ ଜଣ, ଖଣ୍ଡପଡ଼ା ବ୍ଲକର ୯ଟି ସେଣ୍ଟରରେ ୨୮ଟି ବିଦ୍ୟାଳୟର ୧୩୦୩ ଜଣ, ନୟାଗଡ଼ ବ୍ଲକର ୧୫ଟି ସେଣ୍ଟରରେ ୪୦ଟି ବିଦ୍ୟାଳୟର ୨୫୮୮ ଜଣ, ନୂଆଗାଁ ବ୍ଲକର ୮ଟି ସେଣ୍ଟରରେ ୨୬ଟି ବିଦ୍ୟାଳୟର ୧୧୭୨ ଜଣ, ଓଡ଼ଗାଁ ବ୍ଲକର ୧୧ଟି ସେଣ୍ଟରରେ ୪୦ଟି ବିଦ୍ୟାଳୟର ୨୦୨୧ ଜଣ ଏବଂ ରଣପୁର ବ୍ଲକର ୧୩ଟି ସେଣ୍ଟରରେ ୪୪ଟି ବିଦ୍ୟାଳୟର ୨୩୯୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଜିଲ୍ଲାର ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ଦଶପଲ୍ଲା ହାଇସ୍କୁଲ, ଓଡ଼ଗାଁ ରଘୁନାଥ ବିଦ୍ୟାପୀଠ, ରଣପୁର ବିସି ହାଇସ୍କୁଲ, ଖଣ୍ଡପଡ଼ା ଆର୍‌ସି ହାଇସ୍କୁଲ ଓ ଫତେଗଡ଼ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ଏହି ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୨ତାରିଖରେ ଶେଷ ହେବ। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ କରାଯାଇ ସାଢେ ୧୧ଟାରେ ପରୀକ୍ଷା ଶେଷ ହେଉଥିବା ଜଣାପଡିଛି।

# ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ

**ବୟାଳିଶମୌଜା,୧୯।୨/ଏନ୍‌ଏନ୍‌ଏସ୍:** କଟକ ସଦର ନିର୍ବାଚନ ମଣ୍ଡଳୀ ବୟାଳିଶ ମୌଜା ଅନ୍ତର୍ଗତ କଳପଡା ଗ୍ରାମପଞ୍ଚାୟତ ଅଧିନିସ୍ତ ଜେଜେସି କ୍ଲବ କୁଳକଳପଡ଼ା ଆନୁକୂଲ୍ୟରେ, ମା ଜାଗୁଲାଇ କପ ପଞ୍ଚାୟତ ସ୍ତରୀୟ କର୍କ ବଲ ଟୁର୍ଣ୍ଣମେଣ୍ଟ ଉଦ୍ ?ଯାପିତ ହୋଇଯାଇଛି। ସପ୍ତଦିବସୀୟ ଉକ୍ତ ଟୁର୍ଣ୍ଣାମେଣ୍ଟଟି ସମାପ୍ତ ହୋଇଥିଲା। ୧୬ଟି ଟିମକୁ ନେଇ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିବସରେ, ନିଆଳି କ୍ରିକେଟ ଟିମ ଓ ରାଜହଂସ କ୍ରିକେଟ ଟିମ ମଧ୍ୟରେ ଫାଇନାଲ ପ୍ରତିଯୋଗିତା ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ନିଆଳି କ୍ରିକେଟ ଟିମ ୨୦ଓଭର ସମାପ୍ତିରେ ୭ ଉଇକେଟ ବିନିମୟରେ ୨୭୦ ରନ ସଂଗ୍ରହ କରି ଏକ ବିରାଟ ଟାର୍ଗେଟ ଦେଇଥିଲା। ଦ୍ୱିତୀୟ ଇନିଂସ ରେ ରାଜହଂସ ଦଳ ମାତ୍ର ୧୮ ଓଭରରେ ୧୭୧ ରନ କରି ସମସ୍ତ ୱିକେଟ ହରାଇ ପରାଜିତ ହୋଇଥିଲା। ବିଜୟୀ ଦଳକୁ ୨୦ହଜାର ଟଙ୍କା ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ଓ ରନର୍ସଅପ୍ ଦଳକୁ ୧୫ହଜାର ଟଙ୍କା ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଅନ୍ତିମ ଦିବସରେ ହୋଇଥିବା ଉଦ୍‌ଯାପନୀ ଉତ୍ସବ ଅବସରରେ, କଟକ ସଦର ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠକ, ୟୁନିଅନ ଫର କଟକ ସଦର ଡେଭେଲପମେଣ୍ଟର ସଭାପତି ମନୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବାବେଳେ, ସର୍ବଶ୍ରୀ ସଦାଶିବ ପରିଡା, ଅସିତ ଦାସ, ମାନସ ନନ୍ଦୀ, ଫକୀର ମୋହନ ବିହାରୀ, ପ୍ରସନ୍ନ ନାୟକ, ପପୁ ପାତ୍ର, ସଂଜୀବ ବିଶ୍ୱାଳ, ହିମାଂଶୁ ମାହାଳି ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେକେସି କ୍ଲବର କ୍ୟାପଟେନ ଅସିତ ବିଶ୍ୱାଳ, ଅମ୍ଳାନ ବିଶ୍ୱାଳ, ସୁନୀଲ ପରିଡା, ରାକେଶ ପରିଡା, ସୁଜିତ ପରିଡା, ବିଶ୍ୱରଂଜନ ମାଝୀ, ନିହାର ପରିଡା, ଜଗଦିଶ ବିଶ୍ୱାଳ, ଆଶିଷ ପରିଡା, ପ୍ରିୟବ୍ରତ ବିଶ୍ୱାଳ ଓ ବିଦ୍ୟୁତ ବେହେରାଙ୍କ ସମେତ ସମସ୍ତ ଖେଳାଳି ସହଯୋଗ କରିଥିଲେ।

# ନୟାହାଟରେ ୪୧୮ ମାଟ୍ରିକ୍ ପରୀକ୍ଷାର୍ଥୀ, ୩ ଅନୁପସ୍ଥିତ

**ନୟାହାଟ,୧୯।୨/ଏନ୍‌ଏନ୍‌ଏସ୍:** ଗୋପ ବ୍ଲକ ନୟାହାଟ ଅଞ୍ଚଳରେ ଦୁଇଟି ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଯଥା ନୟାହାଟ ପିମ୍‌ଶ୍ରୀ ବିଦ୍ୟାଳୟ ଓ ପଲ୍ଲିଛକଠାରେ ଥିବା ବାଲିଆ ଉଚ୍ଚ ବିଦ୍ୟାଳୟରେ ମୋଟ ୪୧୮ ପିଲା ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୩ଜଣ ପିଲା ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ୩ଜଣ ପିଲା ଆସିନଥିବା ନୟାହାଟ ପରୀକ୍ଷା କେନ୍ଦ୍ରର ପରିଚାଳକ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରକାଶ କରିଛନ୍ତି। ନୟାହାଟ ପରୀକ୍ଷା କେନ୍ଦ୍ରରେ ନୟାହାଟ ବାଲୁକା ଉଚ୍ଚ ବିଦ୍ୟାଳୟ, କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଦେଶବନ୍ଧୁ ଉଚ୍ଚ ବିଦ୍ୟାଳୟ କୋରୁଆଳ, ରାଧା ଦାମୋଦର ବିଦ୍ୟାପୀଠ, ଗୋପିକାନ୍ତପୁର ବିଦ୍ୟାଳୟର ମୋଟ ୨୩୫ ପରୀକ୍ଷାର୍ଥୀ ଦେବାକୁ ଥିବାବେଳେ ୨୩୨ଜଣ ପରୀକ୍ଷା ଦେଇଥିଲେ। ଗୋପିକାନ୍ତପୁର ବିଦ୍ୟାଳୟର ବାଳିକା ରୋଲ୍ ନମ୍ବର ୧୧୬, କଦମ୍ବ ପାଟଣା ବିଦ୍ୟାଳୟର ୨୧୯ ଓ ୨୨୭ ରୋଲ୍ ନମ୍ବର ଥିବା ଦୁଇଜଣ ବାଳକ ପ୍ରଥମ ଦିନରେ ମାଟ୍ରିକ ପରୀକ୍ଷା ଦେବା ପାଇଁ ଆସିନାହାନ୍ତି ବୋଲି ନୟାହାଟ ବିଦ୍ୟାଳୟର ପରୀକ୍ଷା ପରିଚାଳନା କରୁଥିବା ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ବାଲିଆ ସ୍କୁଲରେ ନୟାହାଟ ଓ ଆରେଇ ଉଚ୍ଚ ବିଦ୍ୟାଳୟର ୧୮୬ ପିଲା ପରୀକ୍ଷା ଶାନ୍ତି ଶୃଙ୍ଖଳା ସହ ପରୀକ୍ଷା ଶେଷହୋଇଛି ବୋଲି ବାଲିଆ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିହାରିକା ପ୍ରଧାନ ପ୍ରକାଶ କରିଛନ୍ତି।

# ଡେଲାଙ୍ଗର ୭ କେନ୍ଦ୍ରରେ ୧୦୬୧ ପରୀକ୍ଷାର୍ଥୀ, ୧୦ ଅନୁପସ୍ଥିତ

**ଡେଲାଙ୍ଗ,୧୯।୨/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ଗୁରୁବାର ୧୦୭୧ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୧୦୬୧ ଜଣ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ବେଳେ ୧୦ ଜଣ ଅନୁପସ୍ଥିତ ରହିଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଡେଲାଙ୍ଗ ହାଟ ବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୩୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧ ଅନୁପସ୍ଥିତ, ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ବେରବୋଇରେ ୧୦୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧, ସୋମନାଥଦେବ ବିଦ୍ୟାପୀଠ ହରିରାଜପୁରରେ ୨୦୬ରୁ ୨, ଘୋରଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୪୬ ରୁ ୩, ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୬୩ ରୁ ୩ ଜଣ ଅନୁପସ୍ଥିତ ଥିବା ବେଳେ ସରକାରୀ ରାଧାକାନ୍ତ ବିଦ୍ୟାପୀଠରେ ୧୨୯ ଓ ମହତାବ ଉଚ୍ଚ ବିଦ୍ୟାଳୟରେ ୧୮୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଡେଲାଙ୍ଗ ହାଟ ବଜାରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳକୁ ନୋଡାଲ ସେଂଟର କରାଯାଇଥିବା ବେଳେ ଡେଲାଙ୍ଗ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ସକାଳ ୭ଟା ସମୟରେ ସେଣ୍ଟର ଖୋଲିବା ସହିତ ୬ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଇଥିଲେ। ହେଲେ ପିପିଲି ନୋଡାଲ ସେଣ୍ଟରରୁ ସୋମନାଥ ଦେବ ଉଚ୍ଚ ବିଦ୍ୟାଳୟକୁ ପ୍ରଶ୍ନପତ୍ର ଆସିଥିଲା। ସକାଳ ୯ଟା ସମୟରେ ପରୀକ୍ଷା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ପରୀକ୍ଷା କେନ୍ଦ୍ର ଗୁଡିକରେ ସିସିଟିଭି, ପାନୀୟ ଜଳର ସୁବିଧା କରାଯିବା ସହିତ ପିଲାମାନେ ସୁବିଧାରେ ପରୀକ୍ଷା ଦେବାପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

ନିତିଦିନ NITIDIN



# ବାଘ ଛୁଆର ମୃତଦେହ ଠାବ

**ବ୍ରହ୍ମପୁର,୧୯।୨/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ ରେଞ୍ଜ ବଜ୍ରକୋଟ ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଏକ କଲରାପତରିଆ ବାଘ ଛୁଆର ମୃତଦେହ ଠାବ ହୋଇଛି। ମୃତଦେହ ପଡ଼ିଥିବା ଖବର ପାଇ ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ବିମ୍ବାଧର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଆଜି ଭଞ୍ଜନଗରରୁ ଡାକ୍ତରୀ ଦଳ ସେଠାରେ ପହଞ୍ଚି ମୃତ ବାଘର ବ୍ୟବଚ୍ଛେଦ କରିଛନ୍ତି। ପୋଷ୍ଟ ମର୍ଟମ ରିପୋର୍ଟ ଆସିଲେ ବାଘ କେମିତି ମରିଛି, ତାର ପ୍ରକୃତ କାରଣ ଜଣାପଡିବ ବୋଲି ଉତ୍ତର ଘୁମୁସର ଡ଼ିଏଫଓ ହିମାଂଶୁ ଶେଖର ମାହାନ୍ତି କହିଛନ୍ତି। ବାଘ ଛୁଆଟିର ବୟସ ପ୍ରାୟ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ। ଛୁଆଟି କେଉଁଭଳି ପରିସ୍ଥିତିରେ ମୃତ୍ୟୁବରଣ କରିଛି ତାହା ସଠିକ୍ କିଛି ଜଣାପଡ଼ିନାହିଁ। ଘଟଣାରୁ ପ୍ରକାଶ ଯେ, ଗତକାଲି ଅପରାହ୍ନ ପ୍ରାୟ ୪ଟା ସମୟରେ ବଜ୍ରକୋଟ ବିଦ୍ୟାଳୟ ନିକଟରେ କିଛି ପିଲା ବଲ୍ ଖେଳୁଥିଲେ। ବଲ୍‌ଟି ଏକ ବୁଦା ମୂଳେ ପଡ଼ିଥିଲା। ଜଣେ ଛାତ୍ର ବଲଟିକୁ ଗୋଟାଇବାକୁ ବୁଦା ଆଡକୁ ଯିବା ସମୟରେ ସେଠାରେ ଏକ ବନ୍ୟଜନ୍ତୁ ମରି ପଡ଼ିଥିବା ଦେଖି ଅନ୍ୟ ସାଥିମାନଙ୍କୁ କହିଥିଲେ। ଏହାପରେ କଥା ଯାଇ ଗ୍ରାମବାସୀଙ୍କ ପାଖରେ ପହଞ୍ଚିଥିଲା। ପରେ ଲୋକେ ରୁଣ୍ଡ ହୋଇ ତାହା ବାଘ ଛୁଆ ବୋଲି ଜଣାପଡିଥିଲା। ଏହାପରେ ସନ୍ଧ୍ୟାରେ ବନ ବିଭାଗ ଅଧିକାରୀମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ବାଘ ଛୁଆଟିର ଶରୀରରେ କୌଣସି ଆଘାତ ଚିହ୍ନ ନାହିଁ। ତେଣୁ ବାଘ ଛୁଆର ମୃତ୍ୟୁର ସଠିକ୍ କାରଣ ଜଣା ପଡ଼ିନାହିଁ।

# ମାଟ୍ରିକ୍ ପରୀକ୍ଷା: ୧୦ କେନ୍ଦ୍ରରେ ୧୮୧୯ ପରୀକ୍ଷାର୍ଥୀ

**ବୁଗୁଡା,୧୯।୨/ଏନ୍ଏନ୍ଏସ୍:** ଶିକ୍ଷା ବର୍ଷ ୨୦୨୫-୨୬ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଯାଇଛି। ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ୨୭ଟି ହାଇସ୍କୁଲର ଫର୍ମ ପୂରଣ କରିଥିବା ମୋଟ ୧୮୪୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୧୯ ଜଣ ପରୀକ୍ଷା ଦେଇଥିବା ବେଳେ ୨୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାଯାଇଛି । ତେବେ ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରୁ ବାଲିପଦର ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୨୬୯ରୁ ୨୬୮ ଜଣ ପରୀକ୍ଷା ଦେଇଥିବା ବେଳେ ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ୨୨୫ରୁ ୨୨୧ ଜଣ, ତାଳସାକର ମହାମାୟୀ ହାଇସ୍କୁଲ କେନ୍ଦ୍ରରେ ୨୦୧ରୁ ୧୯୮ ଜଣ , ପଙ୍କଲବାଡି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲ କେନ୍ଦ୍ରରେ ୧୯୪ରୁ ୧୯୦ ଜଣ , ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୧ରୁ ୧୮୯ ଜଣ , ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ କେନ୍ଦ୍ରରେ ୧୮୪ ଜଣ, ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ଗାର୍ଲସ୍ ହାଇସ୍କୁଲ କେନ୍ଦ୍ରରେ ୧୭୫ରୁ ୧୭୨ ଜଣ , ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୪୮ରୁ ୧୪୬ ଜଣ , ପୋଚାଲୁଣ୍ଡି ଗ୍ରାମସ୍ଥ ମା କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୪୧ ଜଣ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୬ରୁ ୧୧୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡିଛି।

# ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

**ଫୁଲବାଣୀ,୧୯।୨/ଏନ୍ଏନ୍ଏସ୍:** ଫୁଲବାଣୀ ସ୍ଥିତ ଗୁଣ୍ଡିଚା ବଜାରର ଯୁବ ବ୍ୟବସାୟୀ ପ୍ରଭାତ କୁମାର ପଣ୍ଡା (୪୯)ଙ୍କ ଆଜି ଅକାଳ ବିୟୋଗରେ ସମଗ୍ର ଜିଲାରେ ଶୋକରଛାୟା ଖେଳିଯାଇଛି । ସେ ଜଣେ ମେଳାପି, ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତିଥିଲେ। ଆଜି ସକାଳୁ ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡ଼ାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ତାଙ୍କର ଶହ ଶହ ସଂଖ୍ୟାରେ ପିଲାଦିନର ସାଙ୍ଗସାଥି ସହିତ ବହୁ ବ୍ୟବସାୟୀ ମାନେ ମାଷ୍ଟରପଡ଼ା ସ୍ଥିତ ବାସଭବନରେ



ପହଁଚି ଶେଷ ଦର୍ଶନ କରିଥିଲେ। ଏକ ବିରାଟ ପଟୁଆରେ ପଟାବାଲି ସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପର୍ଣ୍ଣ କରାଯାଇଛି। ତାଙ୍କର ମୃତ୍ୟୁରେ ଗୁରୁବାର ଗୁଣ୍ଡିଚା ବଜାର ମଧ୍ୟ ବନ୍ଦ ରହିଥିଲା । ବୁଧବାର ରାତ୍ରରେ ସେ ଟାମ୍ପାରାରେ ଆୟୋଜିତ ଏକ ବ୍ୟବସାୟୀଙ୍କ ଆଲୋଚନାରେ ଯାଉଥିବା ବେଳେ ଟିକାବାଲି ନିକଟରେ ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିଥିଲେ। ଅଧାବାଟରୁ ସେ ନିଜ ଘରକୁ ଫେରିବା ପରେ ରାତ୍ରରେ କିଛି ଔଷଧ ନେବା ପରେ ସେ ସୁସ୍ଥ ଅନୁଭବ କରିଥିଲେ। ଏପରିକି ସକାଳ ପ୍ରାୟ ୪ଟା ସମୟରେ ସେ ନିଦରୁ ଉଠି ସହସ୍ର ହରିନାମ ଲଗାଇ ଶୁଣୁଥିଲେ। ଅଚାନକ ସେ ପୁଣି ଅସୁସ୍ଥ ଅନୁଭବ କରୁଥିବା ପରିବାର ଲାକେ ଜାଣିପାରି ତୁରନ୍ତ ଡ଼ାକ୍ତରଖାନା ନେଇଥିଲେ ମଧ୍ୟ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ତେବେ ହୃଦଘାତରେ ତାଙ୍କର ଦେହାନ୍ତ ହୋଇଥିବା ଚିକିତ୍ସା କରୁଥିବା ଡ଼ାକ୍ତର ପ୍ରକାଶ କରିଛନ୍ତି। ସେ ବିଭିନ୍ନ ସଂଗଠନ ସହିତ ଜଡ଼ିତଥିଲେ। ତାଙ୍କର ମୃତ୍ୟୁରେ ବିଭିନ୍ନ ମହଲରେ ଶୋକରଛାୟା ଖେଳିଯାଇଛି।

# ଶେରଗଡ଼: ୮ ପରୀକ୍ଷା କେନ୍ଦ୍ରରେ ୧୬୯୮ ମାଟ୍ରିକ୍ ପରୀକ୍ଷାର୍ଥୀ

**ଶେରଗଡ,୧୯।୨/ଏନ୍ଏନ୍ଏସ୍:** ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଶେରଗଡ଼ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୬୯୮ ଜଣ ପରୀକ୍ଷା ଦେଇଛନ୍ତି । ରେଗୁଲାରରେ ୧୭୧୯ ଜଣ ଫର୍ମ ପୂରଣ କରିଥିବା ବେଳେ ୧୬୯୫ ଜଣ ପରୀକ୍ଷା ଦେଇଥିଲେ। ଏକ୍ସ ରେଗୁଲାରରେ ୪ ଜଣ ଫର୍ମ ଫିଲପ କରିଥିବା ବେଳେ ୩ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି।

## ମା' ତାରାତାରିଣୀଙ୍କ ଚୈତ୍ର ପର୍ବ ପାଳନ ପ୍ରସ୍ତୁତି ବୈଠକ

# ଚାରି ପାଳି ହେବ ଚୈତ୍ର ଯାତ୍ରା

**ଛତ୍ରପୁର,ପୁରୁଷୋତ୍ତମପୁର,୧୯।୨/ଏନ୍ଏନ୍ଏସ୍:** ଚଳିତ ବର୍ଷ ମାର୍ଚ୍ଚ ମାସ ୧୦ ତାରିଖରୁ ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ବହୁ ପ୍ରତିକ୍ଷିତ ଚୈତ୍ର ପର୍ବ

**ଭକ୍ତଙ୍କ ଯାତାୟାତ ପାଇଁ ଅଧିକ ବସ୍‌ର ବ୍ୟବସ୍ଥା ହେବ**

ଆରମ୍ଭ ହେବ। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଚୈତ୍ର ପର୍ବ ସଫଳତାର ସହ ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାର୍ଚ୍ଚ ମାସର ୪ ଟି ମଙ୍ଗଳବାର ଯଥା ୧୦, ୧୭, ୨୪ ଏବଂ ୩୧ ତାରିଖ ଦିନ ଏହି ପର୍ବ ମହାଆଡମ୍ବରରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବିଗତ ବର୍ଷ ତୁଳନାରେ ଅଧିକ ସଂଖ୍ୟକ ଭକ୍ତ, ଶ୍ରଦ୍ଧାଳୁ ତଥା ମାନସିକଧାରୀଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗୀୟ ଅଧିକାରୀମାନେ ପ୍ରାକ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଭକ୍ତମାନଙ୍କ ଯାତାୟତ ପାଇଁ ଅଧିକ ବସର ବ୍ୟବସ୍ଥା, ଆବଶ୍ୟକୀୟ ପାନୀୟ ଜଳ ଯୋଗାଣ, ଅନ୍ନ ପ୍ରସାଦ, ମୁଣ୍ଡନ ସକାଶେ ଉପଯୁକ୍ତ ସ୍ଥାନ ନିରୂପଣ, ସାଜସଜ୍ଜା ଓ ଆଲୋକୀକରଣ, ତୋରଣ ନିର୍ମାଣ, ଦୈନିକ ପୂଜାବିଧି, ଚଣ୍ଡୀ ଯଜ୍ଞ, ଆଇନ ଶୃଙ୍ଖଳା ପରିସ୍ଥିତି, ଦୀପ ଲଗାଇବା ସ୍ଥାନ, ଟ୍ରାଫିକ ନିୟନ୍ତ୍ରଣ, ଭ୍ରାମ୍ୟମାଣ ଶୌଚାଳୟ, ପରିମଳ, ଅଗ୍ନିଶମ ନିର୍ବାପକ, ପ୍ରାଥମିକ



ଚିକିତ୍ସା ସମେତ ଅଂଶୁଘାତ ଚିକିତ୍ସା ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଦାନ, ରାସ୍ତା ମରାମତି, ଅସ୍ଥାୟୀ ସୂଚନା କେନ୍ଦ୍ର, ଭଜନ ସମାରୋହ, ରୋପୱେ, ଯାତ୍ରୀ ପରିବହନ ବ୍ୟବସ୍ଥା ଆଦି ସମସ୍ତ ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ବିଗତ ବର୍ଷ ମାନଙ୍କରେ ଯେଉଁ ସବୁ ଅସୁବିଧା ପରିଲିକ୍ଷିତ ହୋଇଥିଲା, ତାହା ଯେପରି ଚଳିତ ବର୍ଷ ପୁନରାବୃତ୍ତି ନ ହେବ ସେଥିନିମନ୍ତେ ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବିଗତ ବର୍ଷ ଭଳି ଚାରୋଟି ସ୍ଥାନରେ ମୁଣ୍ଡନ କରାଯିବ । ନଦୀ କୂଳରେ ଭକ୍ତଙ୍କ ସୁବିଧାରେ ସ୍ନାନ ଓ ଜଳ ଉଠାଇ ପାଇଁ ଆବଶ୍ୟକୀୟ ଆଲୋକୀକରଣ କରାଯିବ। ଶ୍ରଦ୍ଧାଳୁଙ୍କ ଯାତାୟତ ନିମନ୍ତେ ଅଧିକ ସଂଖ୍ୟକ ବସ୍ ନିୟୋଜିତ କରାଯିବ। ମନ୍ଦିର ଉପରକୁ ଯିବାପାଇଁ ବର୍ତ୍ତମାନ ବସ ଟିକଟ ୪୦ ଟଙ୍କା ରହିଛି ତାସହିତ ରୋପୱେ ଟିକଟ ୬୦ ଟଙ୍କା ରହିଛି । ଚୈତ୍ର ପର୍ବ ସମୟରେ ମଧ ଏହି ମୂଲ୍ୟରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ ହୋଇଛି। ବୈଠକରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡ଼ିଓ ପୁରୁଷୋତ୍ତମପୁର ଶରତ କୁମାର ପାତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପଣ୍ଡା, ବରିଷ୍ଠ ସେବାୟତ ବାପୁଜୀ ରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଛତ୍ରପୁର ପୌର ପରିଷଦ ଗଠନ ସମର୍ଥନରେ ଶୋଭାଯାତ୍ରା

**ଛତ୍ରପୁର,୧୯।୨/ଏନ୍ଏନ୍ଏସ୍:** ଛତ୍ରପୁର ଏନ୍ଏସି ଓ ଏହାର ପାଖରେ ଥିବା ୫ଟି ପଞ୍ଚାୟତକୁ ନେଇ ପୌର ପରିଷଦ ଗଠନ ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇ ଗୁରୁବାର ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡଠାରୁ ୫ ଗୋଟି ପଞ୍ଚାୟତର ବହୁ ଗ୍ରାମବାସୀ ବିରାଟ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ପୌର ପରିଷଦ ଗଠନ ଦିଗରେ ତୁରନ୍ତ ଆଇନଗତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବହୁ ଦିନର ଦାବି ପୁରଣ କରି ଏନଏସିକୁ ପୌର ପରିଷଦର ମାନ୍ୟତା ପ୍ରଦାନ କରିଥିବାରୁ ୫ଟି




ପଞ୍ଚାୟତର ଗ୍ରାମବାସୀ ସ୍ୱାଗତ କରିବା ସହ ପୂର୍ଣ୍ଣ ସମର୍ଥନ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଛତ୍ରପୁର ଏନ୍ଏସି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ପୋଡାପଦର ସରପଞ୍ଚ ସୁଜାତା ଦାସ, ସରପଞ୍ଚ ବି. ସୁଦାମ, ଅଗସ୍ତି ନୂଆଗାଁ ସରପଞ୍ଚ ପ୍ରତିନିଧି ସରୋଜ ଦାସ, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ଏମପି ପ୍ରତିନିଧି ରୁଇନା ପଟ୍ଟନାୟକ ଓ ସନ୍ତୋଷ ରେଡ୍ଡୀ, ବିଜେପି ବରିଷ୍ଠ ନେତା ପ୍ରଦୀପ କୁମାର ପାଢୀ, ଧର୍ମା ରେଡ୍ଡୀ, ପଦ୍ମ ଚରଣ ସାହୁ, ବ୍ରଜମୋହନ ଆଚାର୍ଯ୍ୟ, ବନଜ ନାହାକ, ବସନ୍ତ ବେହେରା, ସଂଜିତ୍ ରାଉଳ, ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, କେ. ଚନ୍ଦ୍ର ଶେଖର ରେଡ୍ଡୀ, ଶଙ୍କର ନାହାକ, ପ୍ରଫୁଲ୍ଲ ପଣ୍ଡା, ଶଙ୍କର ରେଡ୍ଡୀଙ୍କ ସମେତ ବହୁ ନେତା ଓ ଯୁବ ନେତା ଉପସ୍ଥିତ ଥିଲେ।

# ସାଇବର୍ ଓ ଅନ୍‌ଲାଇନ୍ ଠକେଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ପୁରୁଷୋତ୍ତମପୁର,୧୯।୨/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବ୍ଲକ ବୈଠକ ହଲରେ ଶିଶୁ ସୁରକ୍ଷା ଓ ସାଇବର ଠକେଇ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଲଳିତା ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଟି ପଢ଼ାଓ ବେଟି ବଢ଼ାଓ, ମହିଳା ଓ ଶିଶୁ ନିର୍ଯ୍ୟାତନାକୁ ରୋକିବା, କନ୍ୟା ରତ୍ନର ସହ, ବଳକା ଏବଂ କିଶୋରୀଙ୍କ ଶାରୀରିକ, ସାମାଜିକ ବିକାଶ, ସୁକନ୍ୟା ସମୃଦ୍ଧି ଯୋଜନା ମାଧ୍ୟମରେ ବାଳିକାଙ୍କ ଭବିଷ୍ୟତ ଗଠନ, ବିଭିନ୍ନ ସରକାରୀ ଯୋଜନା, ସାଇବର ସ୍କେଲର କିପରି ବଢିବା ଆଦି ବିଷୟ ନେଇ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ବାଲ୍ୟ ବିବାହ ସଂଯୋଜିକା ଗୀତାଞ୍ଜଳି ମହାରଣା, ସମ୍ମାନିତ ଅତିଥି ଭାବେ ଏସ ଆଇ ଆଦିତ୍ୟ ନାରାୟଣ ପାତ୍ର, ଆଇନଜୀବୀ ସନ୍ତୋଷ କୁମାର ସେଠୀ, ଏବିଓ ଦେବ ରଞ୍ଜନ ବେହେରା, ଜିଲ୍ଲାର ଦୁଇଜଣ ସମାଜ ମଙ୍ଗଳ ବିଭାଗର ଅଧିକାରୀ, ଦୁଇ କାଉନ୍‌ସିଲର ସତ୍ୟ ନାରାୟଣ ପଣ୍ଡା, ବବିତା ମହାରଣା, ସିଡିପିଓ ଅଫିସିର ସୁପରଭାଇଜର, ବିଭାଗୀୟ କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଆଶା, ସିଆରପିଙ୍କ ସହିତ ବ୍ଲକ ଲେବଲ ଫେଡ଼ରସନର ସଭାପତି ଓ ସମ୍ପାଦିକା ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ମାନେ ଶିଶୁ ନିର୍ଯ୍ୟାତନା, ବାଲ୍ୟ ବିବାହକୁ ନିଷେଧ, ଓ ସାଇବର ଠକେଇରୁ ରକ୍ଷା ପାଇବା ପାଇଁ କୌଣସି ଲୋକଙ୍କୁ ଓଟିପି ନଦେବା ନେଇ କହିଥିଲେ। ବାଲ୍ୟ ବିବାହ ଉପରେ ସଂଯୋଜିକା ଗୀତାଞ୍ଜଳି ମହାରଣା ସମସ୍ତ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ଶପଥ ପାଠ କରାଇଥିଲେ ।

# ବ୍ୟାଙ୍କ୍‌ରୁ ୫୦ ହଜାର ଲୁଟ୍ ଘଟଣା: ମହିଳାଙ୍କୁ ଟଙ୍କା ଫେରସ୍ତ କଲା ପୁଲିସ

**ରଙ୍ଗେଇଲୁଣ୍ଡା,୧୯।୨/ଏନ୍ଏନ୍ଏସ୍:** ଗୋଳନ୍ଥରା ଥାନା ଅଧିନସ୍ଥ କନିଷି ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ପରିସରରୁ ଗତ ଅଗଷ୍ଟ ୨୧ ୨୦୨୫ ମସିହାରେ ଜଣେ ମହିଳାଙ୍କ ବ୍ୟାଗ କାଟି ୫୦ହଜାର ଟଙ୍କା ଲୁଟି ନେଇଥିବା ୬ ଜଣ ଅଭିଯୁକ୍ତଙ୍କୁ ଆନ୍ଧ୍ର ପୁଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ଠାରୁ ଉଦ୍ଧାର ହୋଇଥିବା ୯ ହଜାର ଟଙ୍କା ଲୁଟର ଶିକାର ହୋଇଥିବା ମହିଳାଙ୍କୁ ଆଜି ଗୋଳନ୍ଥରା ପୁଲିସ ଫେରସ୍ତ କରିଛି । ସୂଚନା ଅନୁଯାଇ, ଗତ ଅଗଷ୍ଟ ୨୧ ତାରିଖରେ ଏହି ଥାନା ଅନ୍ତର୍ଗତ ଶାସନପଦର ଗ୍ରାମର ସୁଲଚନା ନାୟକ କନିଷି ବ୍ୟାଙ୍କ ଅଫ ଇଣ୍ଡିଆକୁ ନିଜ ଆକାଉଣ୍ଟରେ ଏକ ଲକ୍ଷ ଟଙ୍କା ଜମା କରିବାକୁ ଯାଇଥିଲେ । ସାଙ୍ଗରେ ପାନ କାର୍ଡ ନେଇ ନଥିବା ଯୋଗୁଁ ଏକା କାଳୀନ ୧ ଲକ୍ଷ ଟଙ୍କା ଜମା କରିବା ସମ୍ଭବ ହୋଇ ନଥିଲା। ଫଳରେ ସେ ୫୦ ହଜାର ଟଙ୍କା ଜମା କରିବା ପାଇଁ ଅପେକ୍ଷା କରିଥିବା ବେଳେ କିଛି ମହିଳା ବ୍ୟାଙ୍କ ଭିତରେ ପ୍ରବେଶ କରି ମହିଳାଙ୍କ ପାଖରେ ବସି ଏକ ବ୍ଲେଡ ସାହାଯ୍ୟରେ ବ୍ୟାଗକୁ କାଟି ୫୦ ହଜାର ଲୁଟି ଚତୁରତା ସହ ଏକ ଧଳା ରଙ୍ଗର ସ୍ୱିଫ୍ଟ ଡିଜାୟାର କାରରେ ଚମ୍ପଟ ମାରିଥିଲେ । ଏନେଇ ସୁଲଚନା ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଥାନା କେଶ ନଂ ୩୬୪/୨୫ରେ ଏକ ମାମଲା ରୁଜୁ କରିଥିଲା । ତଦନ୍ତ ଅଧିକାରୀ ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ ତଦନ୍ତ ଆରମ୍ଭ କରିବା ସହ ବ୍ୟାଙ୍କର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ ଜାରୀ ରଖିଥିଲେ । ଲୁଟେରା ମାନେ ଆନ୍ଧ୍ର ପ୍ରଦେଶ ଧାରା ପଡ଼ିଥିବା ଖବର ପାଇ ତଦନ୍ତ ଅଧିକାରୀ ଶ୍ରୀ ଚୌଧୁରୀ ଏକ ପୁଲିସ ଟିମ ସହ ଆନ୍ଧ୍ର ପ୍ରଦେଶ ସତ୍ୟସାଇ ଜିଲ୍ଲା ଗୋରଣ୍ଟଲା ଥାନାରେ ପହଞ୍ଚିଥିଲେ। ସେଠାରେ ଲୁଟେରାମାନଙ୍କୁ ପଚରା ଉଚରା କରିବା ସହ ସେମାନଙ୍କ ଠାରୁ ପୁଲିସ ଉଦ୍ଧାର ହୋଇଥିବା ୯ ହଜାର ଟଙ୍କା ଜବତ କରିଛି। ଆଜି ସୁଲଚନାଙ୍କୁ ଗୋଳନ୍ଥରା ଥାନାକୁ ଡ଼ାକି ତଦନ୍ତ ଅଧିକାରୀ ଶ୍ରୀ ଚୌଧୁରୀ ୯ ହଜାର ଟଙ୍କା ପ୍ରଦାନ କରିଥିଲେ। ସମସ୍ତ ଲୁଟେରା ମଧ୍ୟପ୍ରଦେଶ ରାଜଗର ଜିଲ୍ଲାର ପୋଚରେ ତେଲକ ଗ୍ରାମର ହୋଇଥିବା ପୁଲିସ ସୂଚନା ଦେଇଛି।

## ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

# ୬୭ କେନ୍ଦ୍ରରେ ୧୦,୭୯୦ ପରୀକ୍ଷାର୍ଥୀ



**କନ୍ଧମାଳ,୧୯।୨/ଏନ୍ଏନ୍ଏସ୍:** ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା । ଚଳିତ ବର୍ଷ କନ୍ଧମାଳ ଜିଲାର ୨୧୪ ଉଚ୍ଚ ବିଦ୍ୟାଳୟର ସମୁଦାୟ ୧୦,୯୮୭ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ଆଜି ୧୦,୭୯୦ ଜଣ ପରୀକ୍ଷା ଦେଇଛନ୍ତି। ୧୯୭ ଜଣ ଅନୁପସ୍ଥିତ ରହିଛନ୍ତି। ସେହିଭଳି, ମଧ୍ୟମା ପରୀକ୍ଷା ପାଇଁ ୧୫୩ ପଞ୍ଜୀକୃତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯ ଜଣ ଅନୁପସ୍ଥିତ ରହିଥିବା ବେଳେ ୧୪୪ ଜଣ ପରୀକ୍ଷାରେ ବସିଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମରେ ୪୮୦ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୪ ଜଣ ଅନୁପସ୍ଥିତ ଥିବା ବେଳେ ୩୫୬ ଜଣ ପରୀକ୍ଷା ଦେଇଛନ୍ତି। ଜିଲ୍ଲାର ସମୁଦାୟ ୭୧ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଚାଲିଛି। ପ୍ରଥମ ଦିନର ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ୧୬ଟି ନୋଡାଲ ସେଣ୍ଟର ଓ ଥାନାରେ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ରଖା ଯାଇଛି। ପରୀକ୍ଷା ତଦାରଖ କରିବାକୁ ଜିଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଦୁଇଟି ସ୍କ୍ୱାଡ ଗଠନ ହୋଇଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦର ଗୋଟିଏ ସ୍କ୍ୱାଡ ପରୀକ୍ଷା ପରିଚାଳନା ଉପରେ ନଜର ରଖିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ ସ୍ୱତନ୍ତ୍ର ଭାବେ ମାଜିଷ୍ଟ୍ରେଟ ନିଯୁକ୍ତ କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରା ଯାଇଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସରକାରୀ ଆଇଟିଆଇରେ ନୂତନ ଅଧ୍ୟକ୍ଷ

**ଫୁଲବାଣୀ,୧୯।୨/ଏନ୍ଏନ୍ଏସ୍:** ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଛନ୍ତି ପ୍ରଦୀପ କୁମାର ସାହୁ। ସେ ଏହା ପୂର୍ବରୁ ଭବାନୀପାଟଣା ଆଇଟିଆଇରେ କାର୍ଯ୍ୟରତ ଥିଲେ। ଫୁଲବାଣୀ ଆଇଟିଆଇର ତାଲିମ ଅଧିକାରୀ ଭାବେ ଚାକିରି ଆରମ୍ଭ କରିଥିବା ଶ୍ରୀ ସାହୁ ଦାରିଙ୍ଗବାଡି ଓ କୋଟଗଡ ଆଇଟିଆଇର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନିଜର ପୁରୁଣା ଅନୁଷ୍ଠାନ ଫୁଲବାଣୀ ଆଇଟିଆଇର ଶୈକ୍ଷିକ ଓ ତାଲିମ ପରିବେଶକୁ ଉନ୍ନତ କରିବା ସହ ସ୍କିଲ ଓଡିଶାର ଲକ୍ଷ୍ୟକୁ ସାକାର କରିବା ପାଇଁ ପଦକ୍ଷେପ ନେବେ



ବୋଲି ସେ ଯୋଗଦାନ ଅବସରରେ କହିଛନ୍ତି। ନୂତନ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ଅନୁଷ୍ଠାନର ସମସ୍ତ ତାଲିମ ଅଧିକାରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି।

# ତାରିଣୀଙ୍କୁ ଆସିକା ନଗର, ବିଦ୍ୟାନ୍ତଙ୍କୁ ବ୍ଲକ୍ ବିଜେଡି ସଭାପତି ଦାୟିତ୍ୱ

**ଆସିକା,୧୯।୨/ଏନ୍ଏନ୍ଏସ୍:** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଶଙ୍ଖ ଭବନରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗଞ୍ଜାମ ସାଙ୍ଗଠନିକ ଜିଲ୍ଲା ଅଧିନସ୍ଥ ବିଜୁ ଜନତା ଦଳର ଆସିକା ନଗର ସଭାପତି ରୂପେ ପୂର୍ବତନ କାଉନସିଲର ତାରିଣୀ ସେନାପତିଙ୍କୁ ଓ ବ୍ଲକ ସଭାପତି ରୂପେ ନିମିନା ଗ୍ରାମ ପଞ୍ଚାୟତର ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚିଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି । ସୁସଂଗଠକ ତଥା ଆସିକା ଏନ୍ଏସିର ପୂର୍ବତନ କାଉନସିଲର ତାରିଣୀ ସେନାପତିଙ୍କୁ ବିଜେଡିର ଆସିକା ନଗର ସଭାପତି ଓ ନିମିନା ଗ୍ରାମ ପଞ୍ଚାୟତର ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚିଙ୍କୁ ବ୍ଲକ ସଭାପତି ରୂପେ ନିଯୁକ୍ତି କରାଯାଇଥିବାରୁ ଦଳୀୟ ନେତା ଓ କର୍ମୀ ଏବଂ ଶୁଭେଚ୍ଛୁମାନଙ୍କ



ମହଲରେ ଖୁସିର ଲହରୀ ଖେଳିଛି। ନୂତନ ନିଯୁକ୍ତି ମିଳିଥିବାରୁ ଉଭୟ ରାଜନେତା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ବିଜୁ ଯୁବ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ନଚିକେତା ସ୍ୱାଇଁଙ୍କ ସମେତ ସମସ୍ତ ଦଳୀୟ ନେତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦଳର ପୁରୁଖା ଓ ଅଭିଜ୍ଞ ଏବଂ ବରିଷ୍ଠ ରାଜନେତାମାନଙ୍କ ମାର୍ଗଦର୍ଶନରେ ଦଳୀୟ ସ୍ଥିତିକୁ ଆସିକା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ଆହୁରି ଅଧିକ ମଜବୁତ୍ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ନବନିଯୁକ୍ତ ଆସିକା ନଗର ବିଜେଡି ସଭାପତି ତାରିଣୀ ସେନାପତି ପୂର୍ବରୁ ଆସିକା ଏନ୍ଏସିର ୫ ଥର କାଉନସିଲର ସାଙ୍ଗକୁ ବିଭିନ୍ନ ସମୟରେ ଦଳର ବହୁ ସାଂସଦଙ୍କ ପ୍ରତିନିଧି ରୂପେ ନିଜର ଦାୟିତ୍ୱ ତୁଲାଇ ଆସିଛନ୍ତି। ନବନିଯୁକ୍ତ ବ୍ଲକ ବିଜେଡି ସଭାପତି ନିମିନା ଗ୍ରାମ ପଞ୍ଚାୟତର ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି ପୂର୍ବରୁ ୨ ଥର ଏହି ଦାୟିତ୍ୱରେ ରହି କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ନବନିଯୁକ୍ତ ଦୁଇ ନେତାଙ୍କୁ ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା, ଆସିକା ଏନ୍ଏସି କାଉନସିଲର ବନ୍ଦିତା ପ୍ରଧାନ, ବିଜେଡି ନେତା ପ୍ରସନ୍ନ କୁମାର ତ୍ରିପାଠୀ, ଦିଲୀପ କୁମାର ପାଣିଗ୍ରାହୀ, ଭବାନୀ ଶଙ୍କର ମଲିକ, ଇଂ ସଚ୍ଚିଦାନନ୍ଦ ରାଉତ, ଏମ୍.ରଶ୍ମିତା ସେନାପତି, ଜୟସେନ ସ୍ୱାଇଁ, ଅଜୟ କୁମାର ମହାରଣା, କୈଳାଶ ଚନ୍ଦ୍ର ରଣା, ସନ୍ତୋଷ କୁମାର ନାୟକ, ଅମୂଲ୍ୟ କୁମାର ଉପାଧ୍ୟାୟ, ରଂଜନ ବିଷୋୟୀ, ଟୁକୁନା ପରିଡା, ମାନସ ରଂଜନ ଗୌଡ, କୈଳାଶ ଚନ୍ଦ୍ର ପ୍ରଧାନ, ଶିବପ୍ରସାଦ ଶତପଥୀ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, ପ୍ରତାପ ଚନ୍ଦ୍ର ପ୍ରଧାନ, ଆକାଶ ସ୍ୱାଇଁ, କେ.ରବିନ୍ କୁମାର ପାତ୍ର, କେଶବ ଦାଶ, ନିଳାଞ୍ଚଳ ମଣ୍ଡଳ, ସତ୍ୟନାରାୟଣ ସାମନ୍ତରା, କାହ୍ନୁଚରଣ ଦଳେଇ, ସାଇରାଜ ଦଳେଇ, ବିମଳ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ଜଣାପଡିଛି ।

# ଆସିକାର ୧୦ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଦେଲେ ୨୧୫୧

**ଆସିକା,୧୯।୨/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଆସିକା ପିଏମ୍‌ଶ୍ରୀ ହରିହର ହାଇସ୍କୁଲ ନୋଡାଲ୍ ସେଣ୍ଟର ଅଧିନସ୍ଥ ଆସିକା ବ୍ଲକ ଓ ଏନ୍ଏସିର ୧୦ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନର ପ୍ରଥମ ଭାଷା ମାତୃଭାଷା ଓଡିଆ ପରୀକ୍ଷା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ପ୍ରଥମଦିନ ପରୀକ୍ଷା ପ୍ରଶ୍ନପତ୍ର ଅପେକ୍ଷାକୃତ ସହଜ ଓ ସରଳ ଥିବାରୁ ପରୀକ୍ଷା ଭଲ ହୋଇଥିବା ନେଇ ବହୁ ପରୀକ୍ଷାର୍ଥୀ ଓ ବରିଷ୍ଠ ଶିକ୍ଷକ ପ୍ରକାଶ କରିଛନ୍ତି। ପରୀକ୍ଷା ସରିବା ପରେ ଉତ୍ତର ଖାତା ଗୁଡିକୁ କଡା ସୁରକ୍ଷା ବଳୟ ମଧ୍ୟରେ ଆସିକା ପିଏମ୍‌ଶ୍ରୀ ହରିହର ହାଇସ୍କୁଲ ନୋଡାଲ୍ ସେଣ୍ଟର ଷ୍ଟ୍ରଙ୍ଗ ରୁମରେ ପହଞ୍ଚିଥିଲା। କେନ୍ଦୁପଦର ସ୍ଥିତ ପ୍ରଗତି ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୨୩୬ ପରୀକ୍ଷାର୍ଥୀ, ଗୁଣ୍ଡପଡା ସ୍ଥିତ ଜଗଦଳପୁର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୭୧ପରୀକ୍ଷାର୍ଥୀ, ଦେବଭୂମୀ ସ୍ଥିତ ପିଏମ୍‌ଶ୍ରୀ ଗ୍ରାମ ପଞ୍ଚାୟତ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୭୮ଜଣ, ଏନ୍ଏସି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୦୩ଜଣ ପରୀକ୍ଷାର୍ଥୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୬୨ଜଣ ପରୀକ୍ଷାର୍ଥୀ, ହରିହର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୬୨ ଜଣ ପରୀକ୍ଷାର୍ଥୀ,



ଟେକ୍‌ନିକାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୩୮ଜଣ ପରୀକ୍ଷାର୍ଥୀ, ଚିନିଶିଳ୍ପ ନୁଆଗାଁ ସ୍ଥିତ ଦି ଏଏସଆଇ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୮୨ ଜଣ ପରୀକ୍ଷାର୍ଥୀ, ବାବନପୁର ଚିନିଶିଳ୍ପ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୨୮, ମୁନିଗାଡି ସ୍ଥିତ ୟୁଜି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି । ୧୦ଟି ପରୀକ୍ଷା କେନ୍ଦ୍ରରେ ଆଜି ୨୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୨୧୫୧ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି। ଆସିକା ହରିହର ହାଇସ୍କୁଲ ନୋଡାଲ୍ ସେଣ୍ଟରର ସୁପରିଟେଣ୍ଡେଣ୍ଟ ତଥା ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତି ଓ ଶିକ୍ଷା ବିଭାଗର ପଦାଧିକାରୀମାନେ ଏହି ମାଟ୍ରିକ୍ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଏବଂ କପି ରୋକିବା ଉପରେ ବ୍ୟାପକ ପଦକ୍ଷେପ ମାନ ଗ୍ରହଣ କରିଥିବା ଲକ୍ଷ୍ୟ କରାଯାଇଛି । ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିବସରେ ହରିହର ହାଇସ୍କୁଲ ନୋଡାଲ ସେଣ୍ଟରକୁ ତହସିଲଦାର ସଙ୍ଗୀତା ସେଣ, ଆସିକା ବିଇଓ ମୁନ୍‌ରାଣୀ ମହାନ୍ତି, ଥାନା ଅଧିକାରୀ କୁଳମଣି ସେଠୀ ପରିଦର୍ଶନ କରିଥିଲେ।

ମାଟ୍ରିକ ପରୀକ୍ଷା ଦେବାକୁ ଯିବା ପୂର୍ବରୁ ଓ ପରୀକ୍ଷା ଦେଇ କେନ୍ଦ୍ରରୁ ବାହାରିବା ପରେ କେତେକ ପରୀକ୍ଷାର୍ଥୀ ପରୀକ୍ଷା ସଂପର୍କରେ ନିଜର ଅନୁଭୂତି ପ୍ରକାଶ କରିଛନ୍ତି।

**ଅଙ୍କିତା ମହାପାତ୍ର(ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ):** ପ୍ରଥମ ଦିନର ପରୀକ୍ଷା ଖୁବ୍ ଭଲ ହୋଇଛି। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ସମୟରେ ଟିକିଏ ଭୟ ଲାଗୁଥିଲା। କିନ୍ତୁ ମୁଁ ଯେଉଁଭଳି ପ୍ରସ୍ତୁତ ହୋଇଥିଲି ସେଭଳି ପ୍ରଶ୍ନ ଆସିଥିବାରୁ ସବୁ ଉତ୍ତର ଲେଖିଛି। ଆଗକୁ ଥିବା ଅନ୍ୟ ବିଷୟ ଗୁଡିକରେ ବି ପରୀକ୍ଷା ଭଲ ହେବ ବୋଲି ଆଶା କରୁଛି।



**କାହ୍ନୁଚରଣ ସାହୁ(ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର):** ମାତୃଭାଷା ଓଡିଆରେ ଭଲ ପ୍ରଶ୍ନ ପଡିଥିବାକୁ ପରୀକ୍ଷା ଭଲ ହୋଇଛି । ପରୀକ୍ଷା କେନ୍ଦ୍ର ପରିଚାଳନା ବ୍ୟବସ୍ଥ ମଧ ଭଲ ହୋଇଥିଲା । ଆଗକୁ ଇଂରାଜୀ ସମେତ ଅନ୍ୟ ପ୍ରମୁଖ ବିଷୟ ଗୁଡିକର ପରୀକ୍ଷା ଥିବାରୁ ସେଗୁଡିକ ଯେପରି ଭଲ ହେବ ସେଥିପ୍ରତି ଅଧିକ ଧ୍ୟାନ ଦେବାକୁ ପଡିବ ।



**ସୋନାଲି ବେହେରା(ଜଗଦଳପୁର ହାଇସ୍କୁଲ, ଗୁଣ୍ଡପଡା):** ପ୍ରଥମ ଦିନର ପରୀକ୍ଷା ବହୁତ ଭଲ ହୋଇଛି। ପ୍ରଶ୍ନଗୁଡିକ ବିଶେଷ କିଛି କଷ୍ଟ ନଥିଲା । ପରୀକ୍ଷା ପାଇଁ ପୂର୍ବରୁ ନିଜକୁ ପ୍ରସ୍ତୁତ କରିସାରିଥିଲି। ତେଣୁ ସମସ୍ତ ପ୍ରଶ୍ନର ଉତ୍ତର ସଠିକ୍ ଭାବେ ଲେଖିପାରିଛି ବୋଲି ହୃଦବୋଧ ହେଉଛି ଓ ଶତପ୍ରତିଶତ ଖୁସି ଲାଗୁଛି।



**ମନିଷା ପାଣିଗ୍ରାହୀ(ମା ରତ୍ନମାଳୀ ହାଇସ୍କୁଲ, ମଣ୍ଡାପଡା):** ପରୀକ୍ଷା କକ୍ଷକୁ ଯିବା ପୂର୍ବରୁ ମାତୃଭାଷା ଓଡିଆର ସମସ୍ତ ପାଠ୍ୟକ୍ରମକୁ ଭଲ ରୂପେ ଭଲ ରୂପେ ପଢିଥିଲି ଓ ପୂର୍ବରୁ ବିଦ୍ୟାଳୟରେ ଯାହାସବୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଥିଲା ସେହି ପ୍ରଶ୍ନଗୁଡିକ ପରୀକ୍ଷାରେ ଆସିଥିବା ଯୋଗୁଁ ବେଶୀ ଉତ୍ସାହିତ ହୋଇ ସଠିକ୍ ଉତ୍ତର ଲେଖିଛି ବୋଲି ବିଶ୍ୱାସ ରହିଛି।



**ଅଂଶୁମାନ୍ ଗୌଡ(ଜଗଦଳପୁର ହାଇସ୍କୁଲ ଗୁଣ୍ଡପଡା):** ପ୍ରଥମ ଥର ପାଇଁ ମାଟ୍ରିକ ପରୀକ୍ଷା କେନ୍ଦ୍ରକୁ ଯିବା ସମୟରେ ଟିକିଏ ଭୟଭୀତ ଥିଲି। କିନ୍ତୁ ପ୍ରଶ୍ନପତ୍ର ଦେଖିବା ପରେ ସହଜ ଓ ସରଳ ଥିବାରୁ ମୋର ଆତ୍ମବିଶ୍ୱାସ ବିଶେଷ ବଢିଯାଇଥିଲା । ତେଣୁ ପ୍ରଥମ ଦିନର ମାତୃଭାଷା ଓଡିଆ ପରୀକ୍ଷାଟି ଭଲ ହୋଇଛି ଓ ଏହି ପରୀକ୍ଷାରେ ୯୦ରୁ ଅଧିକ ମାର୍କ ରଖିବି ବୋଲି ଆଶା ରଖିଛି ।



**ନିତି ଭାରତୀ**

ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରନ୍ତି, ସେ ପ୍ରକୃତରେ ନିଜର ହିଁ ମଙ୍ଗଳ କରିଥାନ୍ତି।
- ରାମକୃଷ୍ଣ ପରମହଂସ

ନିତିଦିନ NITIDIN
ଶୁକ୍ରବାର, ୨୦ ଫେବୃଆରୀ ୨୦୨୬

# ମୁକ୍ତ ବାଣିଜ୍ୟ ରାଜିନାମା ଅନ୍ତରାଳେ



ସନ୍ତୋଷ କୁମାର ମିଶ୍ର

ଚଳିତ ମାସ ପ୍ରାରମ୍ଭରୁ ଘରୁ ଆରମ୍ଭ କରି ହାଟ ବଜାର ପର୍ଯ୍ୟନ୍ତ ସବୁଆଡ଼େ ୟୁରୋପୀୟ ସଂଘ ଓ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ବିଷୟରେ ଆଲୋଚନା ହେବାର ଦେଖା ଯାଇଥିଲା। ଏହା ପରେ ଚଳିତ ବଜେଟ ଅଧିବେଶନରେ ବିରୋଧୀ ଦଳ ଆମେରିକା ସହିତ ହେବାକୁ ଥିବା ମୁକ୍ତ ବାଣିଜ୍ୟ ରାଜିନାମାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସରକାରଙ୍କ ବିପକ୍ଷରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସଂସଦର କଳି ଦାଣ୍ଡରେ ଉଠିଲାଣି। ରାଜନୈତିକ ଆରୋପ, ପ୍ରତ୍ୟାରୋପ ଜୋର୍ ଧରିଛି। ମୁକ୍ତ ବାଣିଜ୍ୟ ରାଜିନାମା ଭାରତର ଅର୍ଥନୀତିରେ ନୂତନ କଥା ନୁହେଁ, କିନ୍ତୁ ଏହା ପୂର୍ବରୁ ଏପରି ଆଲୋଚନା ହେବାର ମଧ୍ୟ ଦେଖା ଯାଇ ନଥିଲା।

ଗତ ପାଞ୍ଚ ବର୍ଷ ମଧ୍ୟରେ ବର୍ତ୍ତମାନର ସରକାର ଆନ୍ତର୍ଜାତିକ ମୁକ୍ତ ବାଣିଜ୍ୟ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରି ପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ୨୦୨୪ରେ ଭାରତ ସରକାର ପ୍ରଥମେ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଙ୍ଗଠନ (ଇଏଫଟିଏ) ସହିତ ବାଣିଜ୍ୟ ଓ ଆର୍ଥିକ ଭାଗିଦାରୀ ରାଜିନାମା ସ୍ୱାକ୍ଷରିତ କରିଥିଲେ। ଇଏଫଟିଏରେ ୟୁରୋପର ମାତ୍ର ଚାରୋଟି ଦେଶ (ଆଇସଲ୍ୟାଣ୍ଡ, ଲିଞ୍ଚେନଷ୍ଟାଇନ, ନରୱେ ଓ ସ୍ୱିଜରଲ୍ୟାଣ୍ଡ) ଅନ୍ତର୍ଭୁକ୍ତ ଓ ସେମାନେ ୟୁରୋପ ସଂଘର ସଦସ୍ୟ ନୁହନ୍ତି। ଏହା ପରେ ଭାରତ ସରକାର ଗତ ଜୁଲାଇ ମାସରେ ବ୍ରିଟେନ ସହିତ ମଧ୍ୟ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିଥିଲେ। ଗତ ଜାନୁଆରୀ ମାସରେ ୟୁରୋପୀୟ ସଂଘ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ପରେ ସମ୍ପୂର୍ଣ୍ଣ ୟୁରୋପ ମହାଦେଶ ସହିତ ଭାରତର ମୁକ୍ତ ବାଣିଜ୍ୟ ରାଜିନାମା ସମ୍ପନ୍ନ ହୋଇଛି। ଏହା ସହିତ ଆମେରିକା ସହିତ ମଧ୍ୟ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ପାଇଁ ସମସ୍ତ ପ୍ରକାରର ଚେଷ୍ଟା ଚାଲିଛି। ବିଗତ ପାଞ୍ଚ ବର୍ଷ ମଧ୍ୟରେ ସରକାର ମୋଟ ୯ଟି ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ କରି ସାରିଛନ୍ତି। ପୂର୍ବେ ମୁକ୍ତ ବାଣିଜ୍ୟ ରାଜିନାମା କେବଳ ଦ୍ରବ୍ୟ ଭିତରେ ସୀମିତ ଥିବା ବେଳେ ବର୍ତ୍ତମାନର ରାଜିନାମାରେ କିନ୍ତୁ ସେବା କ୍ଷେତ୍ର ଓ ପୁଞ୍ଜି ବିନିଯୋଗ ଉପରେ ସମାନ ଗୁରୁତ୍ୱ ଦିଆ ଯାଇଛି। ଏହା ସହିତ ଅନେକ କ୍ଷେତ୍ରରେ ମିଳିତ ଗବେଷଣା ଉପରେ ମଧ୍ୟ ପ୍ରସ୍ତାବ ରହିଛି। ତେଣୁ ସାଧାରଣ ଲୋକଙ୍କ ଆଶା ବୃଦ୍ଧି ହେବା ସ୍ୱାଭାବିକ। କାରଣ ଭାରତର ବଜାରରେ ଯଥେଷ୍ଟ ଚାହିଦା ସୃଷ୍ଟି ହେଉ ନଥିବାରୁ ଶିଳ୍ପ କ୍ଷେତ୍ର ଦୁର୍ବଳ ରହୁଛି, ଯାହା ଫଳରେ ନିଯୁକ୍ତି ସୃଷ୍ଟି ହେଉ ନାହିଁ। ଏହା ଚାହିଦାକୁ ଅଧିକ ଦୁର୍ବଳ କରୁଛି। ତେଣୁ ଆମେ ଯଦି ରପ୍ତାନି ବୃଦ୍ଧି କରି ପାରିବା, ତେବେ ଭାରତର ବଜାରରେ ଯଥେଷ୍ଟ ଚାହିଦା ସୃଷ୍ଟି ହେବ ଓ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଛି, ଯାହା ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ। କିନ୍ତୁ ଏହି କଥା ଲେଖିଲା ବେଳକୁ ଏଠାରେ ଉଲ୍ଲେଖ କରିବାର ଆବଶ୍ୟକତା ରହିଛି ଯେ ଚଳିତ ଆର୍ଥିକ ବର୍ଷରେ ଚୀନ୍ ଓ ଭାରତ ମଧ୍ୟରେ ବାଣିଜ୍ୟ ନିଅଣ୍ଟ (ଆମଦାନୀ ଓ ରପ୍ତାନି ମଧ୍ୟରେ ପ୍ରଭେଦ) ଶହେ ବିଲିୟନ୍ ଡଲାରକୁ ଅତିକ୍ରମ କରି ସାରିଛି। ମାର୍ଚ୍ଚ ମାସ ବେଳକୁ ଏହା ୧୧୦ ବିଲିୟନ ଡଲାରକୁ ଅତିକ୍ରମ କରିଯିବ ବୋଲି ଆକଳନ କରାଯାଉଛି, ଯାହାକି ଏକ ରେକର୍ଡ ସୃଷ୍ଟି କରିଛି। ଚୀନ୍ ପ୍ରାୟ ୧୩୬ ବିଲିୟନ୍ ଡଲାର ମୂଲ୍ୟର ଦ୍ରବ୍ୟ ଭାରତକୁ ରପ୍ତାନି କରୁଥିବା ବେଳେ ଭାରତ ମାତ୍ର ଚୀନ୍‌କୁ ୨୦ ବିଲିୟନ ଡଲାର ମୂଲ୍ୟର ଦ୍ରବ୍ୟ ରପ୍ତାନି କରି ପାରୁଛି।

ଏକଥା ଏଠି ଉଲ୍ଲେଖ କରିବାର ଆବଶ୍ୟକତା ଏୟା ଯେ ମୁକ୍ତ ବାଣିଜ୍ୟ ରାଜିନାମା ସଫଳ ହେବାର ପ୍ରଥମ ସର୍ତ୍ତ ହେଉଛି ବାଣିଜ୍ୟ ନିଅଣ୍ଟ ନଗଣ୍ୟ ସ୍ଥିତିରେ ଥିବ। ଅତୀତରେ ସ୍ୱାକ୍ଷରିତ ହୋଇଥିବା କିଛି ମୁକ୍ତ ବାଣିଜ୍ୟ ରାଜିନାମା ଉପରେ ଦୃଷ୍ଟି ପ୍ରଦାନ କରାଯାଉ। ଭାରତ ଏହା ପୂର୍ବରୁ ୨୦୦୯ରେ ଦକ୍ଷିଣ କୋରିଆ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ କରିଥିଲା ଓ ୨୦୧୦ଠାରୁ ଏହା କାର୍ଯ୍ୟକାରୀ ହେଲା। ଦୁଇ ଦେଶ ଆଗାମୀ ଏକ ଦଶନ୍ଧି ମଧ୍ୟରେ ପ୍ରାୟ ୯୦ ଶତାଂଶ ଦ୍ରବ୍ୟ ଉପରେ ଶୁଳ୍କ ହ୍ରାସ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବର୍ତ୍ତମାନ ଭାରତ ଓ କୋରିଆ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟର ଆକାର ପ୍ରାୟ ୨୭.୫୨ ବିଲିୟନ୍ ଆମେରିକୀୟ ଡଲାରରୁ ଅଧିକ। କୋରିଆ ଓ ଭାରତ ମଧ୍ୟରେ ବାଣିଜ୍ୟ କ୍ଷତି ୧୪.୭୧ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୩-୨୪ ଆର୍ଥିକ ବର୍ଷରେ କୋରିଆରୁ ଆମଦାନୀର ପରିମାଣ ୨୧.୧ ବିଲିୟନ ଡଲାର ଥିବା ବେଳେ ରପ୍ତାନିର ଆକାର ମାତ୍ର ୬.୪୨ ବିଲିୟନ ଡଲାର ଥିଲା। ସେହିପରି ଭାରତ ଏସିଆନ୍ ଗୋଷ୍ଠୀର ଅନ୍ୟ ସଦସ୍ୟମାନଙ୍କ ସହିତ ମୁକ୍ତ ବାଣିଜ୍ୟ ନୀତି ଆଧାରରେ ମଧ୍ୟ ବାଣିଜ୍ୟ କରୁଛି। କିନ୍ତୁ ବାଣିଜ୍ୟ ଲାଭ ହାସଲ କରିବା ଭାରତ ପକ୍ଷରେ ସମ୍ଭବ ହେଉନାହିଁ। ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ୨୦୧୦ରେ ଯେତେବେଳେ ଏସିଆନ୍ ଗୋଷ୍ଠୀ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ଆଧାରରେ କାରବାର ଆରମ୍ଭ ହେଲା, ସେତେବେଳେ ଭାରତ ଓ ଏସିଆନ୍ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ସହ ବାଣିଜ୍ୟର ଆକାର ୫୬.୨ ବିଲିୟନ ଡଲାର ଥିଲା। ୨୦୨୨-୨୩ ଆର୍ଥିକ ବର୍ଷ ଶେଷ ବେଳକୁ ଏହା ୨.୩ ଗୁଣା ବୃଦ୍ଧି ପାଇ ୧୩୧.୬ ବିଲିୟନ୍ ଡଲାରରେ ପହଞ୍ଚିଛି। ସେହିପରି ବାଣିଜ୍ୟ କ୍ଷତି ୨୦୧୦ରେ ୫ ବିଲିୟନ ଡଲାର ଥିବା ବେଳେ ଏହା ୮.୭ ଗୁଣା ବୃଦ୍ଧି ପାଇ ୪୩.୬ ବିଲିୟନ୍ ଡଲାରରେ ପହଞ୍ଚିଛି। ଅନୁରୂପ ଭାବେ ସେହି ସମୟରେ ଏସିଆନ୍ ଗୋଷ୍ଠୀର ଅନ୍ୟ ସଦସ୍ୟମାନଙ୍କଠାରୁ ଭାରତର ଆମଦାନୀ ୩୦.୬ ବିଲିୟନ ଡଲାର ଥିବା ବେଳେ ବର୍ତ୍ତମାନ ଏହା ୨.୯ ଗୁଣା ବୃଦ୍ଧି ପାଇ ୮୭.୬ ବିଲିୟନ ଡଲାରକୁ ସ୍ପର୍ଶ କରିଛି। ଭାରତର ରପ୍ତାନି ଏସିଆନ୍ ଗୋଷ୍ଠୀକୁ ୨୫.୬ ବିଲିୟନ ଥିବା ବେଳେ ତାହା ମାତ୍ର ୧.୭ ଗୁଣା ବୃଦ୍ଧି ପାଇ ୪୪ ବିଲିୟନରେ ସୀମିତ ରହିଛି। ଚୀନ୍ ଭାରତ ବଜାରରେ ଚୋରା ବାଟ ଦେଇ ପ୍ରବେଶ କରିବା ପାଇଁ ସମର୍ଥ ହେଲା। ମୁକ୍ତ ବାଣିଜ୍ୟ ରାଜିନାମାର ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଯେଉଁ ଦେଶରୁ ଆମଦାନୀ କରାଯିବ, ସେଠାରେ ସେହି ଦ୍ରବ୍ୟର ଅନ୍ୟୁନ ୫୦ ଶତାଂଶରୁ ଅଧିକ ନିର୍ମାଣ ହୋଇଥିବ। ଏହା ରୁଲ୍ ଅଫ୍ ଅରିଜିନ୍ ନିୟମ ଭାବରେ ମୁକ୍ତି ବାଣିଜ୍ୟ ରାଜିନାମାରେ ସର୍ବାଧିକ ବିତର୍କିତ ଅଧ୍ୟାୟ। କିନ୍ତୁ ଚୀନ୍ ଏହାକୁ ଭ୍ରୂକ୍ଷେପ ନ କରି ଭିଏତ୍‌ନାମ୍, ମାଲେସିଆ ଇତ୍ୟାଦି ଦେଶ ମାଧ୍ୟମରେ ନିଜର ଦ୍ରବ୍ୟର ବନ୍ୟା ସୃଷ୍ଟି କରି ଦେଶର ଶିଳ୍ପ କ୍ଷେତ୍ରକୁ ରୁଗ୍ଣ କରିବାରେ ସକ୍ଷମ ହୋଇ ପାରିଲା। ଯେହେତୁ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ପରେ ଏଥିରେ ଅନ୍ୟ କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପ କରି ପାରିବେ ନାହିଁ, ଭାରତ ପାଖରେ ଏସବୁ ଜାଣି ମଧ୍ୟ ଏହାକୁ ବିରୋଧ କରିବା ବା ଏହାକୁ ନିୟନ୍ତ୍ରଣ କରିବା ସମ୍ଭବ ହେଲା ନାହିଁ। ୨୦୧୯ରେ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟର ତଥ୍ୟ ଅନୁସାରେ, ମାତ୍ର ୨୨ ଶତାଂଶ ଭାରତୀୟ ରପ୍ତାନିକାରୀ ହିଁ ରୁଲ୍ ଅଫ ଅରିଜିନ୍‌ର ଫାଇଦା ଉଠାଇବା ପାଇଁ ସମର୍ଥ ହୁଅନ୍ତି। ଏହାର କାରଣ, ଆମର ଶିଳ୍ପ ନୂତନ ଗବେଷଣା ମାଧ୍ୟମରେ ନୂତନ ଦ୍ରବ୍ୟ ପ୍ରସ୍ତୁତ କରିବା ଓ ବହୁତ କମ୍ ଖର୍ଚ୍ଚରେ ପ୍ରଚୁର ଉତ୍ପାଦନ କରିବା ସହିତ ପରିବହନକୁ ସହଜ ଓ ଶସ୍ତା କରିବା ଇତ୍ୟାଦି ପ୍ରତିବନ୍ଧକ ରହିଛି।

ବର୍ତ୍ତମାନ ମୁକ୍ତ ବାଣିଜ୍ୟ ରାଜିନାମା କହିଲେ ସମ୍ପୂର୍ଣ୍ଣ ଶୁଳ୍କ ବିହୀନ ବାଣିଜ୍ୟ ବୋଲି ଧରିବା ମଧ୍ୟ ଉଚିତ ନୁହେଁ। ରାଜିନାମା ସ୍ୱାକ୍ଷରିତ ହେବା ସମୟରେ କେଉଁ କେଉଁ ଦ୍ରବ୍ୟ ଉପରେ କେତେ ଶୁଳ୍କ କେତେ ଦିନ ପର୍ଯ୍ୟନ୍ତ ରହିବ, ତା' ଉପରେ ରାଜିନାମାର ସଫଳତା ନିର୍ଭର କରେ। ଏହା ସହିତ ବିକଶିତ ରାଷ୍ଟ୍ରମାନେ ବିକାଶଶୀଳ ଦେଶର ଆର୍ଥିକ ଓ ବାଣିଜ୍ୟ ଦୁର୍ବଳତାକୁ ଅନୁଧ୍ୟାନ କରି ଅନେକଗୁଡ଼ିଏ ଗୁପ୍ତ ସର୍ତ୍ତ ମଧ୍ୟ ରଖିଥାନ୍ତି। ଇଏଫ୍‌ଟିଏ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ସମୟରେ ସ୍ୱିଜରଲ୍ୟାଣ୍ଡ ଔଷଧ ଉପରେ ଗବେଷଣା, ଉତ୍ପାଦନ ଓ ବିକ୍ରୟ ଉପରେ ବିଚିତ୍ର ସର୍ତ୍ତ ରଖିଥିଲା। ଅବଶ୍ୟ ଭାରତରେ ଘୋର ବିରୋଧ ହେବା ପରେ ଭାରତ ସରକାର ଏହି ସର୍ତ୍ତକୁ ରାଜିନାମାରେ ଅନ୍ତର୍ଭୁକ୍ତ ନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ସ୍ୱିଜରଲ୍ୟାଣ୍ଡ ବାଧହୋଇ ଚୁକ୍ତି ହେବା ପୂର୍ବରୁ ସର୍ତ୍ତ ପ୍ରତ୍ୟାହାର କରିଥିଲା। ୟୁରୋପ ସଂଘ ପକ୍ଷରୁ ମଧ୍ୟ ବାସୁମତୀ ଚାଉଳ ଅମଳ ପାଇଁ ଅଧିକ କୃତ୍ରିମ ସାର ପ୍ରୟୋଗ ଉପରେ ଏପରି ଜଟିଳ ସର୍ତ୍ତ ରହିଛି ଯେ ଭାରତରୁ ଚାଉଳ ରପ୍ତାନି ସମ୍ଭବ ନୁହେଁ। କାର୍ବନ ବର୍ଡର ଆଡଜଷ୍ଟ ମେକାନିଜମରେ ଷ୍ଟିଲ, ଆଲୁମିନିୟମ, ଅନ୍ୟ ରାସାୟନିକ ପଦାର୍ଥର ରପ୍ତାନିକାରୀମାନଙ୍କୁ ଫାଇଦା ହେଲା ପରି କୌଣସି ସଙ୍କେତ ପରିଦୃଷ୍ଟ ହୁଏ ନାହିଁ। ସେହିପରି ଅଷ୍ଟ୍ରେଲିଆରେ ମଧ୍ୟ ସମାନ ନିୟମ ଥିବାରୁ ଅଷ୍ଟ୍ରେଲିଆକୁ ପନିପରିବା ରପ୍ତାନି କରିବା ସହଜ ହୁଏ ନାହିଁ। ବ୍ରିଟେନର ବଜାରରେ ଔଷଧ ବିକ୍ରି କରିବା ପାଇଁ ସେଠାକାର ଔଷଧ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ପର୍କିତ ଦ୍ରବ୍ୟ ନିୟାମକ ସଂସ୍ଥାନରେ ପଞ୍ଜିକୃତ କରିବାକୁ ହୁଏ। କିନ୍ତୁ ସେମାନଙ୍କ ଗୁଣବତ୍ତା ସର୍ତ୍ତ ଅତ୍ୟନ୍ତ ଜଟିଳ ଥିବାରୁ ଭାରତୀୟ ଔଷଧ ଉତ୍ପାଦକମାନଙ୍କ ପକ୍ଷରେ ଗୁଣବତ୍ତା ପରୀକ୍ଷାରେ ସଫଳ ହେବା ସମ୍ଭବ ହୁଏ ନାହିଁ। ଆମେରିକା କଥା ତ ସମସ୍ତେ ଜାଣନ୍ତି। ମୁକ୍ତ ବାଣିଜ୍ୟ ରାଜିନାମା ଆଳରେ ରୁଷ୍‌ର ଶସ୍ତା ଇନ୍ଧନକୁ ଛାଡ଼ି ଭେନେଜୁଏଲାର ମହଙ୍ଗା ଇନ୍ଧନ କିଣିବା ପାଇଁ ଏହା ବନ୍ଧୁକ ମୁନରେ ଡରାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଗୋଟିଏ ସର୍ତ୍ତ ଭାରତର ଅର୍ଥନୀତିକୁ ବିପର୍ଯ୍ୟୟ ଆଡ଼କୁ ଟାଣି ନେବା ପାଇଁ ଯଥେଷ୍ଟ।

ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମତୁଲ ବାଣିଜ୍ୟ ନିମନ୍ତେ ଉଭୟ ପକ୍ଷର ଶିଳ୍ପ କ୍ଷେତ୍ରର ଶକ୍ତି ପ୍ରାୟ ଏକ ପ୍ରକାରର ହେବା ନିହାତି ଆବଶ୍ୟକ। ତେଣୁ ଆନ୍ତର୍ଜାତିକ ବଜାରରେ ଦେଶରେ ଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ଯେପରି ନିଜର ଭଲ ପ୍ରଦର୍ଶନ କରିବେ, ସେଥି ପ୍ରତି ଧ୍ୟାନ ପ୍ରଦାନ କରିବା ଆବଶ୍ୟକ। ଭାରତରେ ମାଲ୍ ପରିବହନ ଖର୍ଚ୍ଚ ମୋଟ ଘରୋଇ ଉତ୍ପାଦର ୧୩ ଶତାଂଶ ଥିବା ବେଳେ ଚୀନ୍‌ରେ ଏହା ୮ ପ୍ରତିଶତ। ତେଣୁ ସୀମା ପାଖକୁ ରପ୍ତାନି ପାଇଁ ଯାଉଥିବା ଦ୍ରବ୍ୟ ପରିବହନ ଖର୍ଚ୍ଚ କିପରି ହ୍ରାସ ପାଇବ, ତା' ପାଇଁ ସରକାର ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା ଆବଶ୍ୟକ। ଦ୍ରବ୍ୟର ଗୁଣବତ୍ତା ମାନ ବଜାୟ ରଖିବା ପାଇଁ ନିୟମାବଳୀ ଲାଗୁ ହେବା ଆବଶ୍ୟକ। ଏସିଆନ୍ ଗୋଷ୍ଠୀ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମାରେ ରୁଲ୍ ଅଫ୍ ଅରିଜିନ୍ ଯେପରି ବିଫଳ ହେଲା, ତା'ର ଯେପରି ୟୁରୋପ ସଂଘ ସହିତ ପୁନରାବୃତ୍ତି ନ ହୁଏ, ସରକାର ସେଥି ପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ। କାରଣ ଭାରତର ଶିଳ୍ପ କ୍ଷେତ୍ରରେ ଏହାର ଭୟ ଦେଖା ଦେଇଛି। ୟୁରୋପରୁ ଦାମିକା କାର୍ ଉପରୁ ଶୁଳ୍କ ହ୍ରାସ ପାଇବା ସମ୍ବାଦ ଆସିବା ପରେ ପ୍ରତିଭୂତି ବଜାରରେ ଭାରତର ଅଟୋମୋବାଇଲ କମ୍ପାନୀମାନଙ୍କ ଅଂଶଧନ ମୂଲ୍ୟ ହ୍ରାସ ପାଇବା ଦେଖା ଦେଇଛି। ଏହା ସହିତ କୃଷି, ମତ୍ସ୍ୟ, ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ବାଣିଜ୍ୟ ରାଜିନାମାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ ନୁହେଁ। ଦେଶରେ ଅଧିକ ଗବେଷଣା ଉପରେ ଗୁରୁତ୍ୱ ଦେବା ସହିତ କୁଶଳୀ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଅଧିକ ଶ୍ରମଭିତ୍ତିକ କ୍ଷେତ୍ର, ଯେପରିକି ବସ୍ତ୍ର ଓ ପରିଧାନରେ ଆମଦାନୀ ବୃଦ୍ଧି ପାଇଲେ ବେକାରୀ ଆହୁରି ବୃଦ୍ଧି ପାଇବ। ତେଣୁ ଆମଦାନୀ ହ୍ରାସ ପାଇଁ ବ୍ୟବସ୍ଥା କରିବାକୁ ହେବ। ଭାରତ ଆତ୍ମବିଶ୍ୱାସର ସହିତ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ କରୁଛି। କିନ୍ତୁ ଏହା ଯେପରି ବୁମେରାଂରେ ପରିଣତ ନ ହୁଏ, ସେଥି ପ୍ରତି ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିବାକୁ ହେବ।■




ବେଲେଶ୍ୱର, ନୟାବଜାର, କଟକ
ମୋ: ୯୪୩୭୧୨୮୪୬୪
msantosh64@yahoo.com

# ମୋତେ ଏତିକି ଶିଖାଅ ସାଇଁ ହେ...



ସଂଗ୍ରାମ କେଶରୀ ପୃଷ୍ଟି

ପ୍ରତ୍ୟେକଟି ଓଡ଼ିଆଙ୍କ ମୁହଁରେ ମନ୍ତ୍ର ପରି ଗୁଞ୍ଜରିତ ହୋଇ ଭକ୍ତି ଭାବ ଉଦ୍ରେକ କରି ପାରୁଥିବା ଏକ ନୈସର୍ଗିକ ଚେତନାର ସଙ୍ଗୀତ ହେଉଛି ବିଶିଷ୍ଟ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ ଏକ କାଳଜୟୀ ପ୍ରାର୍ଥନା- 'ଆହେ ଦୟାମୟ ବିଶ୍ୱବିହାରୀ...।' ଏହାର ସରଳ, ତରଳ ଓ ମଧୁମୟ ଭାବ ହିଁ ଜିଣି ପାରିଛି କୋଟି କୋଟି ଓଡ଼ିଆଙ୍କ ହୃଦୟ। ଅବୋଧ ଶିଶୁଟିଏ ଆଖି ବୁଜି ତଲ୍ଲୀନ ହୋଇ ଏହି ପ୍ରାର୍ଥନା ବୋଲୁଥିବା ବେଳେ ନିଜକୁ ସେ ବିଭୁ ପ୍ରେମରେ ହଜାଇ ଦେଇଥାଏ। ପ୍ରାର୍ଥନା ଭିତରେ ସେ ବିଶ୍ୱବିହାରୀଙ୍କ ଅନନ୍ତ ସୃଷ୍ଟିକୁ ଉପଲବ୍ଧି କରିଥାଏ। ତାଙ୍କ ଚରଣାରବିନ୍ଦରେ ନିଜକୁ ସମର୍ପିତ କରିଦିଏ। ଶେଷରେ ସେ ଭକ୍ତି ଗଦ୍‌ଗଦ କଣ୍ଠରେ ଗାଇଉଠେ: 'ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନ ଜନ ଲୋଡ଼ା ନାହିଁ ହେ।'

୧୯୩୩ ମସିହାରେ ରାମକୃଷ୍ଣ ନନ୍ଦ ଲେଖିଥିଲେ ଏହି ପ୍ରାର୍ଥନାଟି। ଏହା ପରବର୍ତ୍ତୀ ସମୟରେ ୧୯୭୫ ମସିହାରେ ତାଙ୍କ ଲିଖିତ 'ଝୁମୁକା' ପୁସ୍ତକରେ ସଂକଳିତ ହୋଇଥିଲା, ଯେଉଁ ପୁସ୍ତକ ପାଇଁ ସେ ପାଇଥିଲେ ମର୍ଯ୍ୟାଦାଜନକ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ଏହି ଗୀତଟି ମହାତ୍ମା ଗାନ୍ଧୀଙ୍କ ଆଶ୍ରମ ଭଜନାବଳୀରେ ସ୍ଥାନ ପାଇବାର ସୌଭାଗ୍ୟ ଲାଭ କରି ପାରିଥିଲା। ୧୯୭୮ ମସିହାରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ବଳିଦାନ'ରେ ଏହି ଗୀତଟି ସ୍ଥାନ ପାଇ ଘରେ ଘରେ ହୋଇ ପାରିଥିଲା ବେଶ୍ ଲୋକପ୍ରିୟ। ଏହାକୁ ଗାଇଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କର ଓ ବାଣୀ ଜୟରାମ।

ଓଡ଼ିଆ ଶିଶୁ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ରାମକୃଷ୍ଣ ନନ୍ଦଙ୍କ ଅବଦାନ ଥିଲା ଅତୁଳନୀୟ। ୧୯୦୬ ମସିହା ଫେବୃଆରୀ ମାସ ୧୫ ତାରିଖରେ କଟକ ଜିଲ୍ଲା କଣ୍ଟାପଡ଼ା ଅନ୍ତର୍ଗତ ବାଇରୋଇଠାରେ ସେ ଜନ୍ମଗ୍ରହଣ କରିଥିଲେ। ପିତା ମଧୁସୂଦନ ନନ୍ଦ ଓ ମାତା ଲକ୍ଷ୍ମୀ ଦେବୀଙ୍କ କୋଳ ମଣ୍ଡନ କରିଥିବା ରାମକୃଷ୍ଣ ନନ୍ଦଙ୍କ ସୃଜନଶୀଳତା ତାଙ୍କ ଛାତ୍ରାବସ୍ଥାରୁ ହିଁ ଜଣା ପଡ଼ିଥିଲା। ରେଭେନ୍ସା କଲେଜରେ ବିଏ ପଢୁଥିବା ବେଳେ ସେ ସାହିତ୍ୟ ପ୍ରସଙ୍ଗ ଟୀକା ରଚନା କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ସେହିପରି ଏମ୍‌ଏ ପଢୁଥିବା ବେଳେ ତାଙ୍କ ଜୀବନୀ ପୁସ୍ତକ 'ତୁଳସୀ ଦାସ' ପ୍ରକାଶ ପାଇଥିଲା। ଏହା ହେଉଛି ଲେଖକଙ୍କ ପ୍ରଥମ ପ୍ରକାଶିତ ପୁସ୍ତକ।

ଶିକ୍ଷକତାକୁ ବୃତ୍ତି ଭାବରେ ଆପଣାର କରି ନେଇଥିବା ରାମକୃଷ୍ଣ ନନ୍ଦ ଶିଶୁମାନଙ୍କର ନିକଟତର ହେବାର ସୁଯୋଗ ପାଇ ପାରିଥିଲେ। ତା' ଭିତରେ ହିଁ ସେ ଶିଶୁ ମନସ୍ତତ୍ତ୍ୱ ଓ ମନୋବିଜ୍ଞାନକୁ ଗଭୀର ଭାବରେ ଅଧ୍ୟୟନ କରି ପାରିଥିଲେ। ସରଳ, ସୁବୋଧ ଭାଷା ଶୈଳୀ ଓ ନିର୍ଭୁଲ୍ ବନାନ୍‌କୁ ଆଧାର କରି ଶିଶୁ ସାହିତ୍ୟକୁ ଜୀବନର ବ୍ରତ ଭାବରେ ଗ୍ରହଣ କରି ନେଇଥିଲେ। ଶିଶୁ ସାହିତ୍ୟ ମାଧ୍ୟମରେ କୋମଳମତି ଶିଶୁଙ୍କର ଶିକ୍ଷା ତଥା ମାନସିକ ବିକାଶ ପାଇଁ ସେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ 'ସାହିତ୍ୟ ସୋପାନ' ଓ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ 'ସାହିତ୍ୟବୋଧ' ଓ 'ପାଠ ସୋପାନ' ଆଦି ପାଠ୍ୟପୁସ୍ତକମାନ ରଚନା କରିଥିଲେ।

ଶିଶୁ ସାହିତ୍ୟର ସମସ୍ତ ଦିଗକୁ ସ୍ପର୍ଶ କରି ପାରିଥିଲେ ରାମକୃଷ୍ଣ ନନ୍ଦ। ପାଠ୍ୟପୁସ୍ତକ ଲେଖକ ସାଙ୍ଗକୁ ଶିଶୁ କବିତା, ଗଳ୍ପ, ଜୀବନୀ, ବିଜ୍ଞାନ ଓ ଅନୁବାଦ କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଅତୀବ ପ୍ରଶଂସନୀୟ। ତାଙ୍କ ରଚିତ ପ୍ରକୃତିର ଗଳ୍ପପୁରୀ, ସୁନାପାହାଚ, ରନ୍‌ପାଖୁଡ଼ା, ଅଦେଖା ବଣର ଫୁଲ ଆଦି ଶିଶୁ ଗଳ୍ପ ପୁସ୍ତକଗୁଡ଼ିକ ବେଶ୍ ଲୋକପ୍ରିୟ। ସେହିପରି ଛଅଟି ଗଛ ସିରିଜ୍‌ରେ ସେ ରଚନା କରିଥିଲେ ନଅଟି ଶିଶୁ ଗଳ୍ପ ପୁସ୍ତକ। ତାଙ୍କ ଲିଖିତ ତୁଳସୀ ଦାସ, ସଂଗ୍ରାମ ଓ ସାଧନା, ଟମାସ ଏଡିସନ୍, କବିସୂର୍ଯ୍ୟ ବଳଦେବ ରଥ ଓ ଜୟ ହିନ୍ଦ୍ ଆଦି ଜୀବନୀ ପୁସ୍ତକଗୁଡ଼ିକ ବେଶ୍ ଲୋକପ୍ରିୟ ହୋଇ ପାରିଥିଲା।

ପିଲାମାନଙ୍କ ମନରେ ଜ୍ଞାନ ବିଜ୍ଞାନର ଭାବ ଅଙ୍କୁରିତ କରିବା ଦିଗରେ ବେଶ୍ ଯତ୍ନବାନ ଥିଲେ ରାମକୃଷ୍ଣ ନନ୍ଦ। ଏଣୁ ସେ ବିଜ୍ଞାନର ଜଟିଳ ବିଷୟବସ୍ତୁକୁ ସରଳ ତରଳ ଭାଷାରେ ଶିଶୁ ଉପଯୋଗୀ କରି ତାକୁ ସାହିତ୍ୟର ରୂପ ଦେଇଥିଲେ, ଯାହା ଶିଶୁ ପ୍ରାଣକୁ ପ୍ରଭାବିତ କରି ପାରିଥିଲା। ଏଣୁ ସେ 'ବିଶ୍ୱ ପରିଚୟ' ନାମକ ଏକ ସଂପୂର୍ଣ୍ଣ ବିଶ୍ୱକୋଷ ରଚନା କରିଥିଲେ। ବିଜ୍ଞାନର କୁହୁକ ଓ ଜୀବନ ରହସ୍ୟ ତାଙ୍କ ଲିଖିତ ଦୁଇଟି ପ୍ରମୁଖ ବିଜ୍ଞାନ ପୁସ୍ତକ। 'ଲେଖନୀର ପାଠଶାଳା' ଓ 'ଭାବି ଦେଖନ୍ତୁ' ପୁସ୍ତକ ଦୁଇଟି ଓଡ଼ିଆ ଭାଷା ସାହିତ୍ୟ ଜଗତରେ ସଫଳତାର ଗୋଟିଏ ଲେଖାଏଁ ମାଇଲଖୁଣ୍ଟ।

ଓଡ଼ିଆ ଶିଶୁ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଅନୁବାଦ କ୍ଷେତ୍ରରେ ତାଙ୍କର ଅବଦାନ କିଛି କମ୍ ନଥିଲା। ଡନ୍ କୁଇଷ୍ଟି, ଇନ୍ଦ୍ରଧନୁ, ପ୍ରଦୂଷଣ, ଆମ ବଣଜଙ୍ଗଲ କଥା, ଆମ ଶରୀର ହେଉଛି ତାଙ୍କର କେତୋଟି ପ୍ରମୁଖ ଅନୁବାଦ ପୁସ୍ତକ। ବିଷ୍ଣୁଶର୍ମାଙ୍କ 'ପଞ୍ଚତନ୍ତ୍ର' କାହାଣୀକୁ ଓଡ଼ିଶା ଭାଷାରେ ଅନୁବାଦ କରି ସେ ନିଜ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। 'ଜୀବନ ତରଙ୍ଗ' ହେଉଛି ତାଙ୍କର ଆତ୍ମଜୀବନୀ ପୁସ୍ତକ, ଯାହା ପାଲଟି ଯାଇଥିଲା କୋଟି ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସଟିଏ। ନ୍ୟାସନାଲ ବୁକ୍ ଟ୍ରଷ୍ଟ ଦ୍ୱାରା ସେ କେତୋଟି ପୁସ୍ତକର ଅନୁବାଦ ମଧ୍ୟ କରିଛନ୍ତି।

ଓଡ଼ିଶା ସରକାରଙ୍କ ପ୍ରଚଳିତ ପାଠ୍ୟପୁସ୍ତକ ସପ୍ତମ ଶ୍ରେଣୀ ସାହିତ୍ୟ ବହିରେ ସ୍ଥାନିତ 'ବିପନ୍ନର ଉଦ୍ଧାର' ଲେଖକଙ୍କର ଏକ ସ୍ମରଣୀୟ ସୃଷ୍ଟି। ବିପଦ ଓ ପ୍ରତିକୂଳ ପରିସ୍ଥିତିକୁ ଭୟ ନକରି ଦୁର୍ଗତ ମଣିଷର ସେବା କରିବା ହେଉଛି ପ୍ରକୃତ ମାନବିକତା- ଏଇ ସୁନ୍ଦର ବାର୍ତ୍ତାକୁ ପିଲାଙ୍କ ମନରେ ଭରିଦେବା ପାଇଁ ଲେଖକଙ୍କ ପ୍ରୟାସ ପ୍ରଶଂସନୀୟ। ଅଷ୍ଟ୍ରେଲିଆର ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ବିମାନ ଦୁର୍ଘଟଣାରେ ବିପନ୍ନ ବ୍ୟକ୍ତିଙ୍କୁ ବର୍ଣ୍ଣାଡ ଓରିଲି ନାମକ ଜଣେ ପଶୁପାଳକ ଉଦ୍ଧାର କରି ନିଜ ମାନବୀୟ ମୂଲ୍ୟବୋଧର ପରିଚୟ ଦେଇଛନ୍ତି। ଏହାକୁ ନେଇ ରାମକୃଷ୍ଣ ନନ୍ଦଙ୍କ ଲିଖିତ ଏହି ପ୍ରବନ୍ଧଟି ଯେତିକି ରୋମାଞ୍ଚକର, ସେତିକି ହୃଦୟସ୍ପର୍ଶୀ।



ରାମକୃଷ୍ଣ ନନ୍ଦ

୧୯୪୭ ମସିହାରେ ସେ କଟକରେ ପାରିଜାତ ପ୍ରେସ୍ ପ୍ରତିଷ୍ଠା କରି ମୁଦ୍ରଣ ଶିଳ୍ପ ଜଗତରେ ନୂତନତା ଆଣିବାକୁ ଚେଷ୍ଟା କରିଥିଲେ। ଶୁଦ୍ଧତା ଓ ସ୍ୱଚ୍ଛତା ଥିଲା ଏହି ପ୍ରେସ୍‌ର ବିଶେଷତ୍ୱ, ଯାହା ପୁସ୍ତକ ପ୍ରକାଶନ କ୍ଷେତ୍ରରେ ଆଣି ପାରିଥିଲା ଏକ ବୈପ୍ଳବିକ ପରିବର୍ତ୍ତନ। ପରବର୍ତ୍ତୀ ସମୟରେ ଏହି ପ୍ରେସ୍ 'ସଂସାର ପ୍ରେସ୍' ନାମରେ ପ୍ରସିଦ୍ଧି ଅର୍ଜନ କରି ପାରିଥିଲା। ଏହି ପ୍ରେସ୍ ଲେଖକଙ୍କ ପାଣ୍ଡୁଲିପିକୁ ପ୍ରକାଶ କରି ଭାଷା ସାହିତ୍ୟର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଓଡ଼ିଆ ଶିଶୁ ସାହିତ୍ୟକୁ ରାମକୃଷ୍ଣ ନନ୍ଦଙ୍କ ଏକ ଅନନ୍ୟ ଅବଦାନ ହେଉଛି ଜ୍ଞାନ ବିଜ୍ଞାନଭିତ୍ତିକ ମାସିକ ଶିଶୁ କିଶୋର ପତ୍ରିକା 'ସଂସାର', ଯାହା ୧୯୫୧ ମସିହା ଅଗଷ୍ଟ ମାସରେ କଟକରୁ ଆତ୍ମପ୍ରକାଶ କରିଥିଲା। ଶିଶୁ-କିଶୋରମାନଙ୍କ ପ୍ରତି ଅଭିପ୍ରେତ ସଂସାର ପତ୍ରିକା ଆଗ୍ରହୀ ଓ ଜିଜ୍ଞାସୁ ବ୍ୟକ୍ତିଙ୍କ ପାଇଁ ଥିଲା ବରଦାନ ସଦୃଶ। ପ୍ରତିଷ୍ଠାତା ଓ ସମ୍ପାଦକ ଭାବରେ ଏହାର ଗୁରୁ ଦାୟିତ୍ୱ ନିର୍ବାହ କରି ସେ ସୃଷ୍ଟି କରି ପାରିଥିଲେ ଅଜସ୍ର ଲେଖକ ଓ ପାଠକ। ଏହି ପତ୍ରିକାର ପ୍ରତିଟି ସଂଖ୍ୟାରେ ସ୍ଥାନିତ 'ଲେଖନୀର ପାଠଶାଳା' ଥିଲା ତାଙ୍କର ଏକ ଚମତ୍କାର ପରିକଳ୍ପନା। ଭାଷାରେ ଶୁଦ୍ଧତା, ବାକ୍ୟ ସଂରଚନା, ବନାନ୍‌ଗତ ତ୍ରୁଟି ଉପରେ ଆଲୋଚନା କରି ଭାଷାର ମର୍ଯ୍ୟାଦା ବୃଦ୍ଧି କରିବା ଦିଗରେ ଏହା ବିଶେଷ ସହାୟକ ହୋଇ ପାରିଥିଲା। ସେହିପରି ତାଙ୍କ ସମ୍ପାଦନାରେ 'ଓଡ଼ିଆ ଶିଶୁ ସାହିତ୍ୟ ସଂକଳନ' ଓ 'ଓଡ଼ିଆ ଶିଶୁ ସଙ୍ଗୀତ ସଂକଳନ' ମଧ୍ୟ ପ୍ରକାଶ ପାଇଥିଲା।

ଲୋକକଥା ଓ ଲୋକକାହାଣୀକୁ ସାହିତ୍ୟ ମାଧ୍ୟମରେ ପ୍ରକାଶ କରି ଶିଶୁ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ରାମକୃଷ୍ଣ ନନ୍ଦଙ୍କ ଅବଦାନ ଚିର ସ୍ମରଣୀୟ। ଜାତୀୟ ପତାକା, ଜାତୀୟ ସଙ୍ଗୀତ, ଜାତୀୟ ପଶୁ, ଜାତୀୟ ପକ୍ଷୀ ଓ ଜାତୀୟ ପ୍ରତୀକ ଆଦି ସଂପର୍କରେ ପିଲାମାନଙ୍କୁ ଧାରଣା ଦେବା ପାଇଁ ତାଙ୍କ ରଚିତ ପୁସ୍ତକଗୁଡ଼ିକ ବେଶ୍ ଉପଯୋଗୀ। ଶିଶୁ ସାହିତ୍ୟ କ୍ଷେତ୍ରରେ ଲିଖନ କଳା ଓ ଭାଷାରେ ଶୁଦ୍ଧତା ଆଣିବାକୁ ଉଦ୍ୟମ କରି ସେ ପାଲଟି ଯାଇଛନ୍ତି ଆଗାମୀ ପିଢ଼ି ପାଇଁ ଜଣେ ଆଦର୍ଶ। ୧୯୯୪ ମସିହା ଅକ୍ଟୋବର ମାସ ୨୮ ତାରିଖରେ ତାଙ୍କ ପରଲୋକ ଓଡ଼ିଆ ଶିଶୁ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ଆଣିଦେଲା। ତେବେ ଯେ ପର୍ଯ୍ୟନ୍ତ ତାଙ୍କର 'ଆହେ ଦୟାମୟ ବିଶ୍ୱ ବିହାରୀ...' ପ୍ରାର୍ଥନା ରହିଥିବ, ସେ ପର୍ଯ୍ୟନ୍ତ ସେ ଜନ ମାନସରେ ଅମର ହୋଇ ରହିଥିବେ।■

ଶିକ୍ଷକ, ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ
କିଶୋରନଗର, ରାଜ କିଶୋରନଗର, ଅନୁଗୋଳ
ମୋ: ୯୪୩୭୫୪୭୧୪୬

# ଭାରତ-ଫ୍ରାନ୍ସ: ସ୍ଥିର ସମ୍ପର୍କ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ମଧ୍ୟରେ ସାମ୍ନା ସାମ୍ନି ବୈଠକ ପରେ ଭାରତ-ଫ୍ରାନ୍ସ ସମ୍ପର୍କ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଉନ୍ମୋଚିତ ହୋଇଛି। ଏହି ସମ୍ପର୍କ ଏକ 'ବିଶେଷ ବୈଶ୍ୱିକ କୌଶଳପୂର୍ଣ୍ଣ ଭାଗିଦାରୀ' ସ୍ତରକୁ ଉନ୍ନୀତ ହୋଇ 'କୌଣସି ପ୍ରକାରର ସୀମା ସରହଦ ନଥିବା' ବନ୍ଧୁତ୍ୱକୁ ଆଗକୁ ଆଗେଇ ନେଇଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଧ୍ୟ ବହୁବିଧ ଭୂମିକା ନିର୍ବାହ କରି ପାରୁଥିବା ଲଢୁଆ ଜେଟ୍ ରାଫାଲେ ବିମାନ ଦ୍ୱାରା ଅଲଂଘନୀୟ ଭାବରେ ତାରଲ୍ୟ ହାସଲ କରିଛି, ଯେଉଁଥିରୁ ଭାରତ ଅଧିକ ସଂଖ୍ୟାରେ କିଣିବ, ଯେଉଁଗୁଡ଼ିକ ମଧ୍ୟରୁ ଅଧିକାଂଶରେ ସର୍ବାଧିକ ୫୦ ପ୍ରତିଶତ ପର୍ଯ୍ୟନ୍ତ ସ୍ୱଦେଶୀ ଉପାଦାନ ରହିବ। ଅପରେସନ୍ ସିନ୍ଦୂର ପରେ, ଯେଉଁଥିରେ ନିହାତି କମ୍‌ରେ ଗୋଟିଏ ରାଫାଲେ ବିମାନକୁ ଶତ୍ରୁ ପକ୍ଷ ଦ୍ୱାରା ଖସାଇ ଦିଆଯାଇଥିବା ନେଇ ଭ୍ରମାତ୍ମକ ସମ୍ବାଦ ପ୍ରଚାର କରାଯାଇଥିଲା, ଭାରତ କିନ୍ତୁ କାର୍ଯ୍ୟକଳାପ ତଥା ରଣକୌଶଳପୂର୍ଣ୍ଣ ନୀତି ଦୃଷ୍ଟିରୁ ରାଫାଲେ ପ୍ରତି ବେଶୀ ଆକୃଷ୍ଟ ହୋଇଛି ଏବଂ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ରାଜନୀତିକ ଦୃଷ୍ଟିକୋଣରୁ ମଧ୍ୟ ଏହା ହୋଇଛି। ସଦ୍ୟତମ ଘଟଣା ଭାବରେ ଅଧିକ ସଂଖ୍ୟାରେ ରାଫାଲେ- ଯେଉଁଥିରୁ କେତେକ ଉଡ଼ାଣ କରୁଥିବା ଅବସ୍ଥାରେ ରହିଛି-ଗୁଡ଼ିକର ଆହରଣ, ଯାହା ହୁଏତ ମୂଳଚାଲ କରିବା ସହିତ ଅନ୍ୟାନ୍ୟ ବିସ୍ତୃତ କାର୍ଯ୍ୟାବଳୀ ସର୍ତ୍ତାଧୀନ ରହିଛି, ସେଗୁଡ଼ିକ କିନ୍ତୁ ଭାରତୀୟ ବାୟୁସେନାର ପସନ୍ଦ ଅନୁସାରେ ହୋଇଛି ଏବଂ ସେଗୁଡ଼ିକରେ ଆଣବିକ ମିସାଇଲ ଖଞ୍ଜାଯିବା କେବଳ ଫ୍ରାନ୍ସ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି, ତାହା ମଧ୍ୟ ଅନୁମୋଦନ ଲାଭ କରିବ ବୋଲି ଗ୍ରହଣ କରି ନିଆଯାଇପାରେ, ଯାହାର କାରଣ ହେଉଛି ଫ୍ରାନ୍ସ ସରକାରଙ୍କ ସହିତ ଭାରତର ନିବିଡ଼ ସମ୍ପର୍କ।

ସାମ୍ପ୍ରତିକ ସମୟରେ ଯେତେବେଳେ ସୀମା ଅତିକ୍ରମ ନ କରି ବିମାନ ଜରିଆରେ ଆକାଶ ମାର୍ଗରୁ ଆଧୁନିକ ଯୁଦ୍ଧଗୁଡ଼ିକ ଲଢ଼ା ଯିବା ପାଇଁ ଅତ୍ୟାଧୁନିକ ଯୁଦ୍ଧ ବିମାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି, ତା'ଠାରୁ ଆଗକୁ ଯାଇ ଭାରତ-ଫ୍ରାନ୍ସ ସମ୍ପର୍କ ଅବଶ୍ୟ ଅଧିକ ପଥ ଅତିକ୍ରମ କରିବା ଅବସ୍ଥାରେ ରହିଛି। ଆଉ ତାହା ହେଉଛି ବର୍ତ୍ତମାନର ବିଶ୍ୱର ଭୂରାଜନୀତିକ ପରିସ୍ଥିତି, ଯେଉଁଥିରେ ଯୁକ୍ତରାଷ୍ଟ୍ର ଆମେରିକା ଏକ ନିର୍ଭରଯୋଗ୍ୟ ମିତ୍ର ନୁହେଁ ବୋଲି ସମଗ୍ର ବିଶ୍ୱ ଅନୁଭବ କରୁଛି, ଯାହାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପାଶ୍ଚାତ୍ୟ ରାଷ୍ଟ୍ର ଏବଂ ଅନ୍ୟମାନେ ଗ୍ରହଣ କରି ନେଉଥିଲେ। ଏବେ ସାରା ବିଶ୍ୱରେ ରାଜୁତି କରୁଛି ଅସ୍ଥିରତା। ଏହାରି ଭିତରେ ପ୍ରତିରକ୍ଷାଠାରୁ ବୈଷୟିକ ଜ୍ଞାନକୌଶଳ ପର୍ଯ୍ୟନ୍ତ ପଦ ପ୍ରସାରଣ କରି ଦୁଇ ଦେଶର ନେତା ସେମାନଙ୍କର ସମ୍ପର୍କ କିପରି ଏକ ଦୃଢ଼ୀକରଣ ଶକ୍ତି ଭାବରେ କାର୍ଯ୍ୟ କରି ପାରିବ, ତା' ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତରେ ଏଚ୍୧୨୫ ଉପଯୋଗିତାପୂର୍ଣ୍ଣ ବା ୟୁଟିଲିଟି ହେଲିକପ୍ଟର ଏୟାରବସ୍‌ର ନିର୍ମାଣ ପାଇଁ ଏକ ନୂଆ ସଂଯୋଜନାକାରୀ ରେଖା ସହିତ ଫରାସୀ ହାମର୍ ମିସାଇଲର ଉତ୍ପାଦନ ନିମନ୍ତେ ଘୋଷଣା ପ୍ରତିରକ୍ଷା କ୍ଷେତ୍ରରେ ଶ୍ରୀଯୁକ୍ତ ମୋଦୀଙ୍କର 'ମେକ୍-ଇନ୍-ଇଣ୍ଡିଆ' ଉଦ୍ୟମ ଉପରେ ଭରସାର ପ୍ରତିନିଧିତ୍ୱ କରୁଛି। ଅନ୍ୟାନ୍ୟ କୌଶଳପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ମଧ୍ୟ ଧ୍ୟାନ ଆକର୍ଷଣ କରିଛି। ଶ୍ରୀଯୁକ୍ତ ମୋଦୀ ଏବଂ ଶ୍ରୀଯୁକ୍ତ ମାକ୍ରନ୍ ଗୁରୁତ୍ୱପୂର୍ଣ୍ଣ ଏବଂ ବିରଳ ମୃତ୍ତିକା ଖଣିଜ ଦ୍ରବ୍ୟଗୁଡ଼ିକର ଅନ୍ୱେଷଣ ନିମନ୍ତେ ସେମାନଙ୍କର ସଂଯୋଜନାକୁ ବୃଦ୍ଧି କରିବାକୁ ସହମତ ହୋଇଛନ୍ତି, ଯେଉଁଗୁଡ଼ିକ ଭବିଷ୍ୟତର ଅତ୍ୟାଧୁନିକ ପ୍ରଯୁକ୍ତି ଏବଂ ଅର୍ଥନୀତି ପାଇଁ ଅତ୍ୟଧିକ ମହତ୍ତ୍ୱ ବହନ କରେ। ଶ୍ରୀଯୁକ୍ତ ମାକ୍ରନ୍ ମଧ୍ୟ ମୁମ୍ବାଇଠାରେ ଭାରତ ଦ୍ୱାରା ଅନୁଷ୍ଠିତ ଏକ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀରେ ଜଣେ ପ୍ରମୁଖ ଅଂଶଗ୍ରହଣକାରୀ ଭାବରେ ଯୋଗ ଦେଇଥିଲେ।

ଶ୍ରୀଯୁକ୍ତ ମୋଦୀଙ୍କ ସହିତ ଶ୍ରୀଯୁକ୍ତ ମାକ୍ରନ୍‌ଙ୍କ ସାକ୍ଷାତ ଆଲୋଚନାରୁ ନିଆ ଯାଇଥିବା ଏହିସବୁ ନିଷ୍କର୍ଷଗୁଡ଼ିକରେ ଆଶ୍ଚର୍ଯ୍ୟ ହେବା ଭଳି ସେମିତି ବିଶେଷ କିଛି ନାହିଁ- ତାହା ହେଉଛି ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ଐତିହାସିକ ବିଶ୍ୱାସ ଏବଂ ନିବିଡ଼ତାର ଏକ ପ୍ରମାଣ କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୯୮ରେ ଭାରତ ଆଣବିକ ପରୀକ୍ଷା ସମ୍ପନ୍ନ କରିବା ସମୟରେ ଯେତେବେଳେ ଅଧିକାଂଶ ପାଶ୍ଚାତ୍ୟ ରାଷ୍ଟ୍ର ଏହା ବିପକ୍ଷରେ କାର୍ଯ୍ୟାନୁଷ୍ଠାନ କରିବାକୁ ଯାଇ ବିଭିନ୍ନ ପ୍ରକାରର କଟକଣା ଜାରି କଲେ, ସେତେବେଳେ ପ୍ୟାରିସ୍ କିନ୍ତୁ ଦିଲ୍ଲୀ ସହିତ ଛିଡ଼ା ହୋଇଥିଲା। ଆଣବିକ ରିଆକ୍ଟର ପ୍ରଯୁକ୍ତିଠାରୁ ଉନ୍ନତ ଯୁଦ୍ଧାସ୍ତ୍ର ବ୍ୟବସ୍ଥା ପର୍ଯ୍ୟନ୍ତ ଫ୍ରାନ୍ସ ନିରବଚ୍ଛିନ୍ନ ଭାବରେ ଭାରତ ପାଇଁ ଏକ ନିର୍ଭରଯୋଗ୍ୟ ଭାଗିଦାର ରହି ଆସିଛି। ଏହି ବୈଠକ ମଧ୍ୟ ଅନ୍ୟାନ୍ୟ ଦୃଷ୍ଟିରୁ ପ୍ରତୀକାତ୍ମକ ଥିଲା। ଶ୍ରୀଯୁକ୍ତ ମୋଦୀ ଏବଂ ଶ୍ରୀଯୁକ୍ତ ମାକ୍ରନ୍ ନିୟମ-ଆଧାରିତ ବିଶ୍ୱ ବ୍ୟବସ୍ଥାର ଦୃଢ଼ ସମର୍ଥକ ଏବଂ ପ୍ରବକ୍ତା ଏବଂ ଉଭୟଙ୍କର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ଜଟିଳ ସମ୍ପର୍କ ରହିଛି। ଏହି ପୃଷ୍ଠଭୂମିରେ ସେମାନଙ୍କର ବୈଠକ ଏକା ସାଙ୍ଗରେ ଏକ ନମନୀୟ ଓ ବାସ୍ତବବାଦୀ ରାଜନୀତିର ଦୃଶ୍ୟ ଥିଲା କହିବା ବାହୁଲ୍ୟ ମାତ୍ର। ଏହାର କାରଣ, ଭାରତ ଏବଂ ଫ୍ରାନ୍ସ ପୂର୍ବର ଯେ କୌଣସି ସମୟ ଅପେକ୍ଷା ବର୍ତ୍ତମାନ ପରସ୍ପରକୁ ଅଧିକ ଆବଶ୍ୟକ କରନ୍ତି ଏବଂ ସେମାନେ ବିଶ୍ୱ ଶୃଙ୍ଖଳା ଦ୍ୱାରା ଉପୁଜୁ ଥିବା ଚାପଗୁଡ଼ିକଠାରୁ ନିଜର ସମ୍ପର୍କକୁ ଭିନ୍ନ କରି ରଖିବା ପାଇଁ ଉଦ୍ୟମ କରୁଛନ୍ତି। ତେବେ ଏଥିପାଇଁ ବସ୍ତୁତଃ ଆହୁରି ଅଧିକ କିଛି କରିବାର ଅଛି। ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ୧୫ ବିଲିଅନ୍ ଡଲାରର ବାର୍ଷିକ ବାଣିଜ୍ୟିକ କାରବାର ହେଉଛି ଦୁଇ ଦେଶ ମଧ୍ୟରେ ରହିଥିବା ଅର୍ଥନୀତିକ ସମ୍ପର୍କର ଏକ ଅଂଶ, ବିଶେଷକରି ଏଆଇ ଏବଂ ସେମିକଣ୍ଡକ୍ଟରଗୁଡ଼ିକୁ ମିଶାଇ ଉଚ୍ଚ-ପ୍ରଯୁକ୍ତି କ୍ଷେତ୍ରରେ। ଦ୍ୱିପାକ୍ଷିକ ସମ୍ପର୍କକୁ କେବଳ ମିସାଇଲ୍ ଏବଂ ଜେଟ୍ ବିମାନ ଦ୍ୱାରା ପରିଭାଷିତ କରାଯିବା ଉଚିତ ନୁହେଁ। ଭାରତ-ଫ୍ରାନ୍ସ ଭାଗିଦାରୀ ନିମନ୍ତେ ସମ୍ଭାବନାର ବାସ୍ତବରେ କୌଣସି ସୀମା ନାହିଁ।■

# ଜ୍ଞାନ ଭଣ୍ଡାରର ଦ୍ୱାର

ହୃଦୟ ଯଦି ଭଣ୍ଡାର ଘର ହୁଏ, ଏଥିରେ ସଞ୍ଚିତ ଥିବା ଧନର ନାମ ହେଲା- ଜ୍ଞାନ। ଭଣ୍ଡାରର ଦ୍ୱାରଦେଶର ନାମ ଶ୍ରଦ୍ଧା। ଶ୍ରଦ୍ଧା ଦ୍ୱାର ଦେଇ ଜ୍ଞାନ ରୂପକ ଧନକୁ ହୃଦୟ ଭଣ୍ଡାରରେ ପ୍ରବେଶ କରାଯାଏ। ଶ୍ରଦ୍ଧାବାନ ମଣିଷ ପାଇଁ ଜାତି, ଧର୍ମ, ବୟସ, ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ଲୋଡ଼ା ନଥାଏ। ନିଜର ଶ୍ରଦ୍ଧା ଓ ଗୁରୁଙ୍କ ଆଶୀର୍ବାଦ ଜଣେ ଅଜ୍ଞାନକୁ ମଧ୍ୟ ପୂର୍ଣ୍ଣ ଜ୍ଞାନୀରେ ପରିଣତ କରିଦିଏ। ଏହାର ଏକ ଉଦାହରଣ।

ମହାରାଷ୍ଟ୍ରର ଜଣେ ବିଶିଷ୍ଟ ସନ୍ଥ ଥିଲେ ଏକନାଥ। ତାଙ୍କ ଆଶ୍ରମରେ ବାପଛେଉଣ୍ଡ ଛୋଟ ପିଲାଟିଏ ଥିଲା। ସେ ପୁରଦିଆ ପରଟା ବା ପୁରଣପୁରୀ ଖାଇବାକୁ ଭଲପାଏ ବୋଲି ତାକୁ ସମସ୍ତେ ପୁରଣପୁରୀ ଡାକୁଥିଲେ। ପୁରଣପୁରୀ ବଡ଼ ହେଲା। ତାକୁ ଦୀକ୍ଷା ଦେଲାବେଳେ ଏକନାଥ ତା'ର ସନ୍ନ୍ୟାସ ନାମ ପୁରଣପୌଡ଼ା ରଖିଥିଲେ। ପୁରଣପୌଡ଼ା ଆଦୌ ପାଠ ପଢ଼ି ନଥିଲା। ଗୁରୁଙ୍କର ଏକନିଷ୍ଠ ସେବାରେ ସେ ବ୍ରତୀ ଥିଲା। ତା' ସହିତ ଆଶ୍ରମ ତଥା ଆଶ୍ରମ ବାହାରର ସମସ୍ତ ଅଳିଆ ଆବର୍ଜନା ସଫା କରୁଥିଲା। ଦରକାର ନ ପଡ଼ିଲେ ପୁରଣପୌଡ଼ା କାହା ସହିତ ବିଶେଷ କଥା ହେଉ ନଥିଲା। ଏମିତିରେ ବି ସେ ପାଠ ପଢ଼ିନାହିଁ ବୋଲି ଅନ୍ୟମାନେ ତାକୁ ହେୟ ମନେ କରୁଥିଲେ।

ସନ୍ଥ ଏକନାଥ ଗୋଟିଏ ଗ୍ରନ୍ଥ ରଚନା କରୁଥିଲେ। ସେ ଜାଣିଲେ ଗ୍ରନ୍ଥ ପୂର୍ଣ୍ଣ ହେବା ପୂର୍ବରୁ ତାଙ୍କ ଜୀବନ ଦୀପ ଲିଭିଯିବ। ଦିନେ ଆଶ୍ରମର କିଛି ଲୋକଙ୍କୁ ଡାକି କହିଲେ- 'ଏହି ଗ୍ରନ୍ଥ ପୂର୍ଣ୍ଣ ହେବା ପୂର୍ବରୁ ମୁଁ ଯଦି ଚାଲିଯାଏ, ତେବେ ପୁରଣପୌଡ଼ାକୁ କହିବ, ସେ ଏହାକୁ ପୂର୍ଣ୍ଣ କରିବ।'

ଶିଷ୍ୟମାନେ ଭାବିଲେ, ଆମେ ଉଚ୍ଚଶିକ୍ଷା ଲାଭ କରିଛୁ। ଅନେକ ଶାସ୍ତ୍ରଜ୍ଞାନ ଅର୍ଜନ କରିଛୁ। ପୁରଣପୌଡ଼ା ତ ଆଦୌ ପଢ଼ିନାହିଁ। ସେ ଅଳିଆ ସଫା କଲାବାଲା। ତା'ର କି ଜ୍ଞାନ ଅଛି ? ସେ କ'ଣ ଅବଶିଷ୍ଟ ଗ୍ରନ୍ଥ ପୂରଣ କରିବ ?

ଜଣେ ବ୍ୟକ୍ତି ଏକନାଥଙ୍କୁ କହିଲେ- 'ପୁରଣପୌଡ଼ା ତ ଚାଟଶାଳୀ ମାଟି ମାଡ଼ିନାହିଁ। ବରଂ ଆପଣଙ୍କ ପୁଅ ହରିଦତ୍ତ ବେଦ, ବେଦାନ୍ତ, ସମସ୍ତ ଶାସ୍ତ୍ରରେ ଗଭୀର ପାଣ୍ଡିତ୍ୟ ଅର୍ଜନ କରିଛି। ସେ ହୁଏତ ଅଧୁରା ଗ୍ରନ୍ଥକୁ ଶେଷ କରି ପାରନ୍ତା।'

ହସି ହସି କହିଲେ ଏକନାଥ- 'ହରିଦତ୍ତ ମୋ ପୁଅ। ମୋ ପ୍ରତି ତା'ର ପିତା ଭାବରେ ଭଲ ପାଇବା ଅଛି। ମାତ୍ର ପୁରଣପୌଡ଼ାର ମୋ ପ୍ରତି ଗୁରୁ ଭାବରେ ରହିଛି ପ୍ରଗାଢ଼ ଶ୍ରଦ୍ଧା। ଶ୍ରଦ୍ଧା ନଥିବା ପର୍ଯ୍ୟନ୍ତ କେହି କ'ଣ ଜ୍ଞାନଲାଭ କରିପାରେ!'

କଥା ଅଛି, ସନ୍ଥ ଏକନାଥଙ୍କ ପରେ ପୁରଣପୌଡ଼ା ଗୁରୁଙ୍କ ଅଧୁରା ଗ୍ରନ୍ଥକୁ ପୂର୍ଣ୍ଣ କରିଥିଲେ। ଏହା ହିଁ ଥିଲା ଶ୍ରଦ୍ଧାବାନ ଶିଷ୍ୟ ପ୍ରତି ଗୁରୁଙ୍କର କୃପା ବର୍ଷାର ଅପୂର୍ବ ନିଦର୍ଶନ। ଆଉ ପ୍ରମାଣିତ ହୋଇଥିଲା ଜ୍ଞାନ ଭଣ୍ଡାରର ଦ୍ୱାର ହେଉଛି ଶ୍ରଦ୍ଧା।■

ନିତିଦିନ NITIDIN



### ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

# ତୁରନ୍ତ ପାନୀୟଜଳ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଅନୁଗୋଳ,୧୯।୨/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହିତ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ଋତୁରେ ଯେପରି ପାନୀୟଜଳର ସମସ୍ୟା ରହିବ ନାହିଁ, ଅଚଳ ନଳକୂପ ଗୁଡିକର ତୁରନ୍ତ ମରାମତି ଏବଂ ହାଟବଜାର, ବସଷ୍ଟାଣ୍ଡ ତଥା ଜନଗହଳି ସ୍ଥାନମାନଙ୍କରେ ଜଳଛତ୍ର ବ୍ୟବସ୍ଥା ଉପରେ



ଜିଲ୍ଲାପାଳ ଗୁରୁତ୍ୱାରୋପ କରି ସମ୍ପୃକ୍ତ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥାନରେ ପାନୀୟଜଳ ଓ ଆଶ୍ରୟସ୍ଥଳ ବନ୍ଦୋବସ୍ତ କରାଯିବା ସହ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଟାଣ ଖରାରେ କାମ ନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ସହିତ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ୍ ପାଉଡର,ସାଲାଇନ ବ୍ୟବସ୍ଥା ସହ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀବାହୀ ଗାଡିଗୁଡିକରେ ପର୍ଯ୍ୟାପ୍ତ ପାନୀୟଜଳ, ଓଆରଏସ୍ ପ୍ୟାକେଟ ରଖିବା ଏବଂ ବସ୍ ରହଣି ସ୍ଥାନମାନଙ୍କରେ ବିଶ୍ରାମସ୍ଥଳୀ ଓ ଜଳଛତ୍ର ଖୋଲିବା ପାଇଁ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକରେ ଶିକ୍ଷାଦାନ ସମୟ ନିର୍ଦ୍ଧାରଣ କରିବା ସହିତ ପାନୀୟଜଳ ଉପଲବ୍ଧ କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ପଶୁସମ୍ପଦ ପାଇଁ ପିଇବା ପାଣିର ବ୍ୟବସ୍ଥା କରିବା ଉପରେ ବୈଠକରେ ବିଶଦଭାବେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ପାଲଲହଡା ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପଟେଲ, ଜିଲ୍ଲା ଆପାତ କାଳିନ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଏମ୍‌ସିଏଲ୍, ନାଲ୍‌କୋ,ଏନ୍‌ଟିପିସିର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଚର୍ଚ୍ଚାରେ ସଞ୍ଜୟଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ



**ମାର୍ଶାଘାଇ,୧୯।୨/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଯମପଡାଠାରେ ମାର୍ଶାଘାଇ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ଲେଙ୍କାଙ୍କ ସଂଯୋଜନାରେ 'ବଳଦେବଜୀଉ ସେବା ସଂଗଠନ'ର ସଦସ୍ୟମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସନେତା ପ୍ରଫୁଲ୍ଲ ଦାସ ଯୋଗଦେଇ ମାର୍ଶାଘାଇ ବ୍ଲକ ଅଞ୍ଚଳର ବିକାଶ ପାଇଁ ଏହି ସଂଗଠନ ସାମାଜିକ କାର୍ଯ୍ୟ ହିତ ରାଜନୈତିକ କାର୍ଯ୍ୟକୁ ଗ୍ରହଣ ସହିତ ଅଞ୍ଚଳର ଜନ ସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କସ୍ଥାପନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ରାଜନୀତି ସହିତ ଜଡିତ ଥିବା ଅଧିକାଂଶ ସଦସ୍ୟ ଏହି ସଂଗଠନରେ ସାମିଲ ଥିବାରୁ ଆଗାମୀ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ଉପସ୍ଥିତ ସଦସ୍ୟମାନେ ଆଲୋକପାତ କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୂର୍ବତନ ଚେୟାରମ୍ୟାନ ଚିତ୍ରସେନ ସେଠୀ, ବଛରାଇ ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନ, କରିଲୋପାଟଣା ପୂର୍ବତନ ସମିତିସଭ୍ୟ ଦୀପକ ରାଉତରାୟ, ମଙ୍ଗରାଜପୁର ପୂର୍ବତନ ସମିତି ସଭ୍ୟ ବିଶ୍ୱରଞ୍ଜନ ମହାନ୍ତି, ପ୍ରଦୀପ କୁମାର ନାୟକ, ସ୍ମୃତି ରଞ୍ଜନ ପଟ୍ଟନାୟକ, ସଂଗ୍ରାମ ପରିଡା, ଶରତ ଚନ୍ଦ୍ର ପ୍ରଧାନ, ସଞ୍ଜୟ ପାତ୍ର, ବିଶ୍ୱଜିତ ଦାସ, ବାବାଜୀ ସ୍ୱାଇଁ ପ୍ରସନ୍ନ ସାହୁ, ଭାଗବତ ବେହେରା, ବିମଳେନ୍ଦୁ ସ୍ୱାଇଁ, ଜ୍ଞାନରଞ୍ଜନ ବାରିକ,ନିହାର ରଞ୍ଜନ ବେହେରା, ରବୀନ୍ଦ୍ର ପଣ୍ଡା, ରମାକାନ୍ତ ମହାନ୍ତି, ରଞ୍ଜିତ ପରିଡା ସରୋଜ ନାୟକ ସରୋଜକାନ୍ତ ମଲ୍ଲିକ, ବିଦ୍ୟାଧର ଦାସ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସମିତିସଭ୍ୟ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଯଦିଓ ଏହା ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଥିଲା ବୋଲି କୁହାଯାଇଛି କିନ୍ତୁ ପରୋକ୍ଷରେ ମାର୍ଶାଘାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା ନିଜର ଶକ୍ତି ପ୍ରଦର୍ଶନ କରିଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆଲୋଚନା ଜୋର ଧରିଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକର ୭ ଜଣ ସମିତିସଭ୍ୟ, ୫ ଜଣ ସରପଞ୍ଚ ଯୋଗଦେଇଥିବା ବେଳେ ୨୦ରୁ ୨୫ଜଣ ପୂର୍ବତନ ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ।

## ଗଞ୍ଜେଇ ସହ ଦେଶୀ ବନ୍ଧୁକ ଜବତ, ୬ ଗିରଫ

**ଅନୁଗୋଳ,୧୯।୨/ଏନ୍‌ଏନ୍‌ଏସ୍:** ଅନୁଗୋଳ ପୁଲିସକୁ ମିଳିଛି ବଡ଼ ସଫଳତା। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ଚଢ଼ାଉ କରି ଦୁଇ କ୍ୱିଣ୍ଟାଲ ୬୪ କେଜି ଗଞ୍ଜେଇ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁସାରେ, ପୁରୁଣାକୋଟ ଥାନା ଅଞ୍ଚଳରୁ ଚୋରା ଗଞ୍ଜେଇ ଚାଲାଣ ନେଇ ପୁଲିସ ଖବର ପାଇଥିଲା। ଅନୁଗୋଳ ଜିଲ୍ଲା ପୁଲିସର ସ୍ପେଶିଆଲ୍ ସ୍କ୍ୱାର୍ଡ ଓ ପୁରୁଣାକୋଟ ପୁଲିସ ଯୋଜନା ମୁତାବକ ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ପ୍ରାୟ ୨କ୍ୱିଣ୍ଟାଲ ୬୪ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ ଗୋଟାଏ ଦେଶୀ ବନ୍ଧୁକ, ବାଇକ୍ ସହ ୫ ଟି ମୋବାଇଲ ଜବତ କରିଛି। ପୁରୁଣାକୋଟ ପୁଲିସ ମାମଲା ରୁଜୁ କରିଥିବା ଜଣାପଡିଛି।

# ବିଭିନ୍ନ ଦାବି ନେଇ ଛଦେଶ ବିକାଶ ପରିଷଦ ପକ୍ଷରୁ ରାସ୍ତାରୋକ୍

**ଢେଙ୍କାନାଳ,୧୯।୨/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ସଦର ବ୍ଲକର ଶହଶହ ଛଦେଶବାସୀ ଆଜି ଭାପୁରଠାରେ ରାସ୍ତାରୁ ସଂପୂର୍ଣ୍ଣ ବନ୍ଦ କରି ଦେଇଥିଲେ। ଛଦେଶ ବ୍ଲକ ହେବା ପାଇଁ ଜୋରଦାର ଆନ୍ଦୋଳନ। ହକ ପାଇଁ ଲଢେଇ, ଲଢ଼ିଲୁ ହାସଲ କରିବୁ, ପୁଣି ଲଢ଼ିବୁ ଆଉ ଜିତିବୁ,ଏ ଲଢେଇ ଆମେ ଜିତିବା ପର୍ଯ୍ୟନ୍ତ ଜାରି ରହିବ। ଢେଙ୍କାନାଳ ଜିଲ୍ଲାର ଭାପୁର ଅଞ୍ଚଳକୁ ଛଦେଶ ବ୍ଲକ ମାନ୍ୟତା ଦେବା ଦାବିରେ ଆଜି ସ୍ଥାନୀୟ ଅଞ୍ଚଳର ଲୋକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସ୍ଥାନୀୟ ଅଞ୍ଚଳର ୧୨ଟି ପଞ୍ଚାୟତର ବାସିନ୍ଦା ଦୀର୍ଘଦିନ ହେଲା ତାଙ୍କ ଅଞ୍ଚଳକୁ ଛଦେଶ ବ୍ଲକ ଭାବେ ଘୋଷଣା କରି ଆସୁଥିଲେ ମଧ୍ୟ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ଆଜି ଏହି ଅଞ୍ଚଳର ଲୋକମାନେ ଭାପୁର ଛକରେ



ରାସ୍ତା ଉପରେ ଧାରଣା ଦେଇଥିଲେ। ପୁରୁଣା କଟକ ସମ୍ବଲପୁର ରାସ୍ତାର ଭାପୁର ଛକରେ ରାସ୍ତା ଅବରୋଧ ଯୋଗୁଁ ଏହି ରାସ୍ତାରେ ଦୀର୍ଘ ୫ଘଣ୍ଟା ଧରି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ଘଟଣାସ୍ଥଳରେ ପୁଲିସ ଫୋର୍ସ ସହିତ ପୁଲିସ ଅଧିକାରୀମାନେ ଡେରା ପକାଇଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ହେଲା ଢେଙ୍କାନାଳ ଜିଲ୍ଲାର ଓଡ଼ପଡା ବ୍ଲକ ଅଧୀନରେ ଘଟିପିରି କଳାଙ୍ଗ ଆଦି ୪ଟି ପଞ୍ଚାୟତ ରହିଥିବା ବେଳେ ଭାପୁର, ଚନ୍ଦ୍ରଶେଖର ପ୍ରସାଦ ଆଦି ୮ଟି ପଞ୍ଚାୟତ ସଦର ବ୍ଲକ ଅଧୀନରେ ରହିଛି। ଫଳରେ କୌଣସି କାମ ପଡିଲେ ଲୋକଙ୍କୁ ଅନ୍ୟୁନ ୧୫/୨୦କିଲୋମିଟର ଦୂର ଯିବାକୁ ପଡୁଛି। ଏହା ସହିତ ଏହି ଅଞ୍ଚଳର ଗୁରୁତ୍ୱ ବଢିଥିବାବେଳେ ପୁଲିସ ଥାନା, ଦମକଳ କେନ୍ଦ୍ର ଓ ତହସିଲ ଆଦି ଅତି ଜରୁରୀ ରହିଛି। ତେଣୁ ଏହି ଛଦେଶ ଅଞ୍ଚଳକୁ ବ୍ଲକ ମାନ୍ୟତା ଦେବା ପାଇଁ ଅଡ଼ି ବସିଥିଲେ। ପରେ ଢେଙ୍କାନାଳ ତହସିଲଦାର ଓ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପହଞ୍ଚି ଆଲୋଚନା କରିବା ସହିତ ସେମାନଙ୍କ ଦାବିକୁ ଜିଲ୍ଲା ପ୍ରଶାସନ ପାଖରେ ଜଣାଇ ଏକ ମାସ ସମୟ ମହଲତ ନେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ହଟି ଥିଲେ। ଫଳରେ ଦିନ ୨ଟା ସମୟରେ ରାସ୍ତାରେ ସଧାରଣ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ମଦ ମୁକ୍ତ ଅଭିଯାନରେ ଶହ ଶହ ମହିଳା ସାମିଲ୍




**ପରଜଙ୍ଗ,୧୯।୨/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ ବସୁଲେଇ ଗ୍ରାମ ପଞ୍ଚାୟତରେ ମଦମୁକ୍ତ ଅଭିଯାନ। ବସୁଲେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ଅଶାନ୍ତି ରାଉତଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର ୮୧ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଏକତ୍ରିତ ହୋଇ ଶହ ଶହ ମହିଳା ବିଶାଳ ରାଲି କରି ମଦମୁକ୍ତ ଅଭିଯାନରେ ସାମିଲ ହୋଇଥିଲେ। ପଞ୍ଚାୟତରେ ମଦ ନିଶାରୁ ପୁରୁଷ ଓ ଯୁବଗୋଷ୍ଠୀ ନିବୃତ୍ତ ରହିବା ପାଇଁ ମହିଳାମାନଙ୍କ ପ୍ରୟାସ। ପଞ୍ଚାୟତରେ ମଦ ପିଇ ଅନେକ ସଂସାର ଉଜୁଡ଼ି ଯାଇଛି। ଅନେକ ସ୍ୱାମୀ ଓ ବାପାଙ୍କୁ ହରାଇଛନ୍ତି। ନିଶା ମୁକ୍ତ ରୁହନ୍ତୁ, ସୁସ୍ଥ ପରିବାର ସୁସ୍ଥ ସମାଜ ଗଢ଼ନ୍ତୁ। ଏହି ନାରା ଦେଇ ଗ୍ରାମର ରାମ ମନ୍ଦିର ଠାରୁ ପୂଜାର୍ଚ୍ଚନା କରି ଗ୍ରାମ ପରିକ୍ରମା କରି ଗ୍ରାମର ଗଳି କନ୍ଦିରେ ସଚେତନା କରିଥିଲେ ସରପଞ୍ଚ ଓ ଶହ ଶହ ମହିଳା । ପଞ୍ଚାୟତ ରେ ମଦ ବିକ୍ରି କଲେ ୧୦ ହଜାର, ମଦ ପିଇଲେ ୫ ହଜାର ଟଙ୍କା ଜୋରିମାନା ଓ ଯେଉଁ ବ୍ୟକ୍ତି ବିଶେଷ ଏମାନଙ୍କୁ ଧରାଇ ଦେବ ନାମ ଗୁପ୍ତ ରଖି ୨ ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବାର ଘୋଷଣା କରାଯାଇଛି। ଯିଏ ମଦ ବିକ୍ରିରେ ଲିପ୍ତ ରହିବ ତାହାର ବିନାଶ ହେବ ବୋଲି ମହିଳାମାନେ ହୁଳହୁଳି ଦେଇଥିଲେ। ଏହି ମଦ ମୁକ୍ତ ଅଭିଯାନରେ ଗ୍ରାମ ସଭାପତି ସଞ୍ଜୟ ରାଉତଙ୍କ ସମେତ ଗ୍ରାମର ବରିଷ୍ଠ ବ୍ୟକ୍ତି ଓ ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ କୁମାର ସାମଲ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

**ନାଉଗାଁ,୧୯।୨/ଏନ୍‌ଏନ୍‌ଏସ୍:** ନାଉଗାଁ ବ୍ଲକ୍ ଅନ୍ତର୍ଗତ ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଅନାଦି ଚରଣ ପଣ୍ଡାଙ୍କ ୭୮ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଥିଲେ ଜଣେ ଛାତ୍ର ବତ୍ସଳ, ଅମାୟିକ, ପରୋପକାରୀ, କର୍ମଠ, ସମୟାନୁବର୍ତ୍ତି ଶିକ୍ଷକ, ତାଙ୍କ ବିୟୋଗ ଖବର ପାଇଁ, ପୂର୍ବତନ ବିଧାୟକ ତଥା ଛାତ୍ର ଜ୍ୟୋତିଷ ଚନ୍ଦ୍ର ଦାସ, ଛାତ୍ର ଓଡିଶା ଜଗନ୍ନାଥ ଧର୍ମ ପ୍ରଚାରକ ତଥା ତିହୁଡା ଗୁରୁକୃପା କୁଟିରର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ,ବାବୁରାମ ପରିଡା, ପ୍ରମୋଦ ସିଂହ, ଗୁନ ଚନ୍ଦ୍ର ଦାସ, ସନ୍ଧ୍ୟାରାଣୀ ଦାସ, ନାଉଗାଁ ପ୍ରେସ କ୍ଲବର ବୈଷ୍ଣବ ରାଉଳ, ମନୋଜ ନାୟକ, ରଶ୍ମି କାନ୍ତ ପାଢ଼ୀ, କୁନା ବାରିକ, ଆଲୋକ କୁମାର ଶିଶୁ, ଜଗତସିଂହପୁର ଜିଲ୍ଲା ଭାରତୀୟ ଜନତା ପାର୍ଟିର ସଭାପତି ପ୍ରତାପ ମିଶ୍ର ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ବାଲିସାହି ସ୍ଥିତ ନିଜ ଗ୍ରାମ ସ୍ମଶାନରେ ତାଙ୍କ ପରିବାର ସଦସ୍ୟ ପ୍ରୟଜନଙ୍କ ଉପସ୍ଥିତିରେ ବଡପୁଅ ଦିଲିପ ପଣ୍ଡାଙ୍କ ଦ୍ୱାରା ମୁଖାଗ୍ନି ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଢେଙ୍କାନାଳ,୧୯।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଗଁଦିଆ ପରିସରରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ସଭା ପ୍ରାରମ୍ଭରେ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଦଶମ ଶ୍ରେଣୀର ପିଲାମାନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ। ଏହାପରେ ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ନବମ ଶ୍ରେଣୀର ଛାତ୍ରୀମାନେ ଏକ ମର୍ମସ୍ପର୍ଶୀ ବିଦାୟ ସଙ୍ଗୀତ ଗାନ କରିଥିବା ବେଳେ, ଦଶମ ଶ୍ରେଣୀ ପିଲାଙ୍କ ବିଦ୍ୟାଳୟ ଜୀବନର ପୁରାତନ ସ୍ମୃତିକୁ ନେଇ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରି ଭାବବିହ୍ୱଳ ହୋଇପଡ଼ିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଓଝା ପିଲାମାନଙ୍କୁ ଜୀବନରେ ସଫଳ ହେବା ପାଇଁ ମାର୍ଗଦର୍ଶନ ଦେବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।



ଏହି ଅବସରରେ ମନୋଜ କୁମାର ସ୍ୱାଇଁ, ଅର୍ଚ୍ଚନା ସାହୁ, ନିହାରିକା ପାତ୍ର, ସ୍ୱାତୀ ମିଶ୍ର, ନିର୍ମଳ ସାହୁ, କୋଦଣ୍ଡ ସାହୁ, ମାମିନା ପୃଷ୍ଟି, ଦୁଷ୍ମନ୍ତ ସେଠୀ, ମଧୁଲିକା ରାଉଳ, ପପୁନା ସାମଲ, ବଳରାମ ରାଉତ ଓ ପ୍ରକାଶ କୁମାର ନାୟକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସଭା ଶେଷରେ ଉଭୟ ଶ୍ରେଣୀର ପିଲାଙ୍କ ମଧ୍ୟରେ କୌତୁକ କ୍ରୀଡ଼ା ଆୟୋଜିତ ହୋଇଥିଲା। ବିଦ୍ୟାଳୟର କର୍ମଚାରୀ ସୁଜାତା କୁମାରୀ ସ୍ୱାଇଁ, ସଂଯୁକ୍ତା ସାହୁ, ପ୍ରଭାସ କୁମାର ବାରିକ ଓ ଦୁଃଖବନ୍ଧୁ ସେଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# କିଶୋରୀମାନଙ୍କ ପାଇଁ ଦକ୍ଷତା ବିକାଶ ତାଲିମ୍ ଶିବିର

**ଅନୁଗୋଳ,୧୯।୨/ଏନ୍‌ଏନ୍‌ଏସ୍:** ଅନୁଗୋଳ ଜିଲ୍ଲା ସମାଜମଙ୍ଗଳ ବିଭାଗ ଆନୁକୁଲ୍ୟରେ ସମାଜମଙ୍ଗଳ ବୈଠକ ଗୃହରେ କିଶୋରୀମାନଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା,ଏଲଡିଏମ ଚୌଧୁରୀ ଦୀପକ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୂପମା ପାଣିପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରୁ ମୋଟ୍ ୭୨ଜଣ କିଶୋରୀ ବାଳିକା ଏହି ଶିବିରରେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷା ଓ ଦକ୍ଷତା ବିକାଶ ଶିକ୍ଷା ନିଯୁକ୍ତି ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଏହି କର୍ମଶାଳାରେ ଜିଲ୍ଲା ଦକ୍ଷତା ସଂଯୋଜକ ବିଶ୍ୱଜିତ୍ ପଣ୍ଡା ଜିଲ୍ଲାରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀମାନଙ୍କର ଉଦାହରଣ ଦେଇ ଦକ୍ଷତା ବିକାଶ ତାଲିମ ନୂତନ ବାଟ ଦେଖାଇବ ବୋଲି କହିଥିଲେ। ସେହିପରି ମହିଳା ସୁରକ୍ଷା ଅଧିକାରୀ ରୁନୁ ପ୍ରଧାନ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବାକୁ ଉପସ୍ଥିତ କିଶୋରୀମାନଙ୍କୁ କହିଥିଲେ। ଏହି ଶିବିରକୁ ୟୁନିସେଫ୍ ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ସଂଯୋଜନା କରିଥିବା ବେଳେ ଜିଲ୍ଲା ମହିଳା ସଶକ୍ତିକରଣ ଅଧିକାରୀ ବିଦ୍ୟାଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସହାୟକ ଉପକରଣ ବଣ୍ଟନ

**ଅନୁଗୋଳ,୧୯।୨/ଏନ୍‌ଏନ୍‌ଏସ୍:** ଅନୁଗୋଳ ବ୍ଲକ୍ ଆନୁକୁଲ୍ୟରେ ରନ୍ତଲେଇ ପଞ୍ଚାୟତ ଅଫିସ୍ ପରିସରରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ମାଧ୍ୟମରେ ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକମାନଙ୍କୁ 'ସହାୟକ ଉପକରଣ' ବଣ୍ଟନ ଶିବିର ଆୟୋଜିତ ହୋଇଛି। ଏହି ଶିବିରରେ ୭୯ ଜଣଙ୍କୁ ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ ସହଯୋଗରେ ଚିହ୍ନଟ କରାଯାଇ ସହାୟତା ଉପକରଣ ପ୍ରଦାନ ହୋଇଛି। ଏହି ଶିବିରରେ ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣ, ରନ୍ତଲେଇ ପଞ୍ଚାୟତର ସରପଞ୍ଚ ମିନାକ୍ଷୀ ବେହେରା, ଜିଲ୍ଲା ପରିଷଦର ପୂର୍ବତନ ସଭ୍ୟ ପ୍ରଶାନ୍ତ ପୃଷ୍ଟି, ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡର ସାଧାରଣ ପ୍ରବନ୍ଧକ ସୁବ୍ରତ କୁମାର ଷଡଙ୍ଗୀ, ଅବସରପ୍ରାପ୍ତ ଡିଜିଏମ୍ ପ୍ରଦୀପ କୁମାର ପ୍ରଧାନ, ଇଲେକ୍ଟ୍ରିକାଲ ଡିଜିଏମ୍ ଘନଶ୍ୟାମ ଗିରି, ଏଚ୍‌ଆର୍ ଆଶିଷ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରମୋଦ ବେହେରା, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ତ୍ରିଦିବେଶ ଦଳବେହେରା, ନୂଆମୌଜା ସରପଞ୍ଚ ବିକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା କଲେଜ୍‌ରେ ଯୁକ୍ତଦୁଇ ପରୀକ୍ଷା

**କେନ୍ଦ୍ରାପଡ଼ା,୧୯।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ ଯୁକ୍ତଦୁଇ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି। ମାର୍ଚ୍ଚମାସ ୨୫ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଯୁକ୍ତଦୁଇ ପରୀକ୍ଷା ନିମନ୍ତେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ୮ଟି ଘରୋଇ ଆବାସୀକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଛନ୍ତି। ଗତକାଲି ପରୀକ୍ଷାର ପ୍ରଥମ ଦିବସରେ ଯୁକ୍ତଦୁଇ ବିଜ୍ଞାନର ଓଡିଆ ବିଷୟରେ ପରୀକ୍ଷା ଥିଲା। ଏହି ପରୀକ୍ଷା କେନ୍ଦ୍ରର ୧୭ଟି ହଲରେ ମୋଟ ୯୨୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏଥିରେ କେନ୍ଦ୍ରାପଡା କଲେଜର ୫୨ଜଣ ଅଧ୍ୟାପକ, ଅଧ୍ୟାପିକା ନିରୀକ୍ଷକ, ରିଲିଭର ଓ ଗେଟ୍ ଚେକିଙ୍ଗ ସୁପରଭାଇଜର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ବୋଲି ପରୀକ୍ଷା କେନ୍ଦ୍ରର ଉପଅଧୀକ୍ଷିକା ଡ. ବାସନ୍ତୀ ଶୁକ୍ଳା ସୂଚନା ଦେଇଛନ୍ତି। ଆଜି ଏହି କେନ୍ଦ୍ରରେ ଧନ୍ଦାମୂଳକଶିକ୍ଷା ବିଭାଗର ପଦାର୍ଥବିଜ୍ଞାନ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ୪୫ଜଣ ରେଗୁଲାର ଓ ୫ଜଣ ଏକ୍ସ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଭାବେ ଅଧ୍ୟାପକ ସେକ ହବିବ୍ ରହିଥିବା ବେଳେ ଉପଅଧୀକ୍ଷକ ଭାବେ ଅଧ୍ୟାପକ ସୁଦର୍ଶନ ପାତ୍ର ଅଛନ୍ତି।

# ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

**ମୁଷାଟିକିରି,୧୯।୨/ଏନ୍‌ଏନ୍‌ଏସ୍:** ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ସାଧନ କେନ୍ଦ୍ର ତରଫରୁ ପାଥପୁର ପ୍ରାଥମିକ ବିଦ୍ୟାଳୟରେ ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ୨୦୨୬ ଅନୁଷ୍ଠିତ ହୋଇଅଛି। ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ପଣସୁଆପାଳ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ମଲ୍ଲିକ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଦଳାଇ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଧନକେନ୍ଦ୍ର ଅଧିନସ୍ଥ ୮ଟି ବିଦ୍ୟାଳୟର ୧୦ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇ ଶିକ୍ଷଣ ଫଳାଫଳ ଆଧାରିତ ୬୦ରୁ ଅଧିକ ଅଭିନବ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ଭାବେ ବିଶିଷ୍ଟ ଶିଳ୍ପୀ ସୁନିଲ ଦାସ ଓ ଶାନ୍ତିଲତା ମହାରଣା ଯୋଗଦେଇ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତରେ ଉପଯୁକ୍ତ ମାର୍ଗଦର୍ଶନ



କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ହିମାଂଶୁ ଭୂଷଣ ଜେନା ସଫଳତାର ସହ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ପ୍ରବୀଣ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ କବି ଓ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସାମଲ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଭୂପେଶ କୁମାର ସେନାପତି, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ କ୍ରୀଡା ଶିକ୍ଷକ ତଥା ଯୋଗ ଗୁରୁ ମୀନକେତନ ସାହୁ ଓ ଅନ୍ୟତମ ଅତିଥି ଭାବେ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁନାମଧନ୍ୟ ଶିକ୍ଷକ ଦେବାଶିଷ ମଲ୍ଲିକ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ନଳିନକାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ନିୟମ ଓ ସମୟାନୁବର୍ତ୍ତିତାକୁ ନେଇ ସ୍ୱତନ୍ତ୍ର ପ୍ରଦର୍ଶନୀ

**କାମାକ୍ଷାନଗର,୧୯।୨/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସହର ସ୍ଥିତ ଜେଏମ୍‌ପି ମଡେଲ୍ ସ୍କୁଲ ଠାରେ ସଡ଼କସୁରକ୍ଷା ଓ ଏହାର ନିୟମ ଏବଂ ପିଲାମାନଙ୍କୁ ସମୟାନୁବର୍ତ୍ତିତା ଉପରେ ସଚେତନ କରିବାପାଇଁ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ମହାବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗୀୟ ମୁଖ୍ୟ ରଞ୍ଜନ କୁମାର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଇଂରାଜୀ ଅଧ୍ୟାପକ ପ୍ରଦୀପ କୁମାର ମହାପାତ୍ର ଯୋଗଦେଇ ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଦିନକୁ ଦିନ ସଡ଼କସୁରକ୍ଷା ନିୟମକୁ ପାଳନ ନକରି ଅନେକ ଦୁର୍ଘଟଣା ହେଉଥିବା ବେଳେ ବ୍ୟାପକ ଧନଜୀବନ ନଷ୍ଟ ହେଉଛି। ଫଳରେ ଅନେକ ପରିବାର ବେସାହାରା ହୋଇଯାଇଛନ୍ତି। ତେଣୁ ପିଲାମାନେ କିପରି ସଡ଼କ ସୁରକ୍ଷା ନିୟମ ଓ ଏହାକୁ ନେଇ ରହିଥିବା ବିଭିନ୍ନ ଦିଗ ଉପରେ ଅଧିକ ସଚେତନ ହୋଇପାରିବେ ସେ ନେଇ



ଜେଏମପି ମଡେଲ ସ୍କୁଲ ତରଫରୁ ଏହି ନିଆରା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ସଡ଼କ ସୁରକ୍ଷା ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଏକ ପ୍ରଦର୍ଶନୀ କରାଯାଇଥିଲା। ଯେଉଁଥିରେ ସମସ୍ତେ କିପରି ଏହାକୁ ମାନି ଦୁର୍ଘଟଣାକୁ ଏଡାଇ ପାରିବେ ସେ ନେଇ ସଚେତନତା କରାଯାଇଥିଲା। ରାସ୍ତାରେ ଗାଡି ଚଳାଇବା ସମୟରେ ଟ୍ରାଫିକ ନିୟମ ପାଳନ କରିବା,ହେଲମେଟ ପରିଧାନ କରି ଦୁଇ ଚକିଆ ଯାନ ଚଳାଇବା, ଚାରିଚକିଆ ଯାନ ଚଳାଇବା ବେଳେ ସିଟ ବେଲ୍ଟ ବ୍ୟବହାର କରିବା ଓ ସର୍ବୋପରି ଟ୍ରାଫିକ ସିଗନାଲକୁ ମାନି ବ୍ୟବସ୍ଥିତ ଢଙ୍ଗରେ ଯାନବାହାନ ଚଳାଚଳକୁ ନେଇ ବିଭିନ୍ନ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ସେହିପରି ସମୟାନୁର୍ବତ୍ତିତା କିପରି ଛୋଟ ପିଲାଙ୍କ ଉପରେ ପ୍ରଭାବ ପକାଏ, ସେମାନଙ୍କ ଜୀବନଚର୍ଚ୍ଚା ଠାରୁ ଆରମ୍ଭ କରି ନିତିଦିନର ପାଠପଢା ଏବଂ ସମସ୍ତ କାର୍ଯ୍ୟକୁ ଆଗେଇ ନିଏ। ସେ ଉପରେ ପିଲାମାନଙ୍କୁ ସଚେତନ କରିବା ପାଇଁ ଘଣ୍ଟା ଶୀର୍ଷକରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଛି। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମୟାନୁବର୍ତ୍ତିତାକୁ ନେଇ ଘଣ୍ଟାର ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରି ପ୍ରଦର୍ଶନୀରେ ଭାଗ ନେଇଥିଲେ। ଜେଏମପି ମଡେଲ ସ୍କୁଲ୍‌ର ଅଧ୍ୟକ୍ଷ ଦୀନେଶ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ସ୍କୁଲ୍‌ର ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ରାଉତ, ମୋନାଲିସା ପ୍ରିୟଦର୍ଶିନୀ, ସ୍ୱର୍ଣ୍ଣଲତା ନାହାକ ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀ ପରିଚାଳନାରେ ସହଯୋଗ କରିଥିଲେ।

## କାର୍ଯ୍ୟରେ ଯୋଗଦେଲେ ନୂତନ ଅଧୀକ୍ଷଣ ଯନ୍ତ୍ରୀ



**କେନ୍ଦ୍ରାପଡ଼ା, ୧୯/୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କ କେନ୍ଦ୍ରାପଡ଼ାରୁ ବଦଳି ପରେ ନୂତନ ଅଧିକ୍ଷଣ ଯନ୍ତ୍ରୀ ଭାବେ ରାକେଶ ମଲିକ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ମଲିକ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦକ୍ଷତାର ସହ କାମ କରି ବେଶ୍ ସୁନାମ ଅର୍ଜନ କରିଛନ୍ତି । ଶ୍ରୀ ମଲିକଙ୍କୁ ଅଫିସର ସମସ୍ତ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ପ୍ରକାଶ, ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଜଳସେଚନ ବିଭାଗରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିଥିଲେ । ନୂତନ ଭାବେ ଯୋଗ ଦେଇଥିବା ଅଧିକ୍ଷଣଯନ୍ତ୍ରୀ ଶ୍ରୀଯୁକ୍ତ ମଲ୍ଲିକ ଜିଲ୍ଲାର ଜଳସେଚନର ସୁବିଧା ନିମନ୍ତେ ଅଧାରୁ ବନ୍ଦ ହୋଇଥିବା ପ୍ରକଳ୍ପ ଗୁଡିକୁ ତୁରନ୍ତ ସାରିବା ସହିତ ଜଳସେଚନରେ ସୁଧାର ଆଣିବାରେ ପ୍ରୟାସ ଜାରି ରଖିବେ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

### ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନ

## ଓଡ଼ିଆ ବିଷୟରେ ପରୀକ୍ଷା ଦେଲେ ୧୯ହଜାର ୪୭୨ ଛାତ୍ରଛାତ୍ରୀ

**କେନ୍ଦ୍ରାପଡ଼ା, ୧୯/୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ ଆଜି ଓଡିଆ ବିଷୟରେ ପରୀକ୍ଷା ଦେଇଛନ୍ତି ୧୯ହଜାର ୪୭୨ଜଣ ଛାତ୍ରଛାତ୍ରୀ । ୧୯ହଜାର ୩୦୧ଜଣ ଆଜି ବାର୍ଷିକ ମାଟ୍ରିକ୍ ପରୀକ୍ଷାର ମାତୃଭାଷା ଓଡିଆ ବିଷୟରେ ପରୀକ୍ଷା ଦେବାକୁ ଥିବାବେଳେ ସେଥିମଧ୍ୟରୁ ୧୯୦୨୯ଜଣ ପରୀକ୍ଷା ଦେଇଥିବା ବେଳେ ୨୭୨ଜଣ ଅନୁପସ୍ଥିତ ଥିଲେ । ୨୬୩ଜଣ ମଧ୍ୟମା ଛାତ୍ରଛାତ୍ରୀ ଓଡିଆ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୨୨୭ଜଣ ପରୀକ୍ଷା ଦେଇଥିବା ବେଳେ ୩୬ଜଣ ଅନୁପସ୍ଥିତ ଥିଲେ । ସେହିପରି ଓପନ୍‌ସ୍କୁଲର ୨୪୯ଜଣ ଛାତ୍ରଛାତ୍ରୀ ଓଡ଼ିଆ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୨୧୬ଜଣ ପରୀକ୍ଷା ଦେଇଥିବା ବେଳେ ୩୩ଜଣ ଅନୁପସ୍ଥିତ ଥିଲେ । ଆଜି ଜିଲ୍ଲାର କୌଣସି ପରୀକ୍ଷା କେନ୍ଦ୍ରରେ କପି କରି କେହି ଧରାପଡିନଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ଠାରୁ ସୂଚନା ମିଳିଛି ।

## କଙ୍କିଳି ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

**ତାଳଚେର, ୧୯/୨/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ ଅନ୍ତର୍ଗତ କଙ୍କିଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲ୍ଲାସ୍ତରୀୟ କାୟାକଳ୍ପ ଯାଞ୍ଚ କମିଟି ପରିଦର୍ଶନ କରିଛନ୍ତି । ଉଚ୍ଚମାନର ସ୍ୱାସ୍ଥ୍ୟସେବା ସହିତ ପରିବେଶ ପରିଚ୍ଛନ୍ନତା ନିବାରଣ ସେବା, ବର୍ଜ୍ୟବସ୍ତୁ ପରିଚାଳନା, ଔଷଧୀୟ ଉଦ୍ୟାନ ଏବଂ ନିରାମୟ ଯୋଜନାର ସମୀକ୍ଷା କରିଥିଲେ । ଏତଦ୍ ବ୍ୟତୀତ ସେବାବ୍ରତୀ କର୍ମଚାରୀଙ୍କର ବ୍ୟବହାରିକ ନିପୁଣତା ପରଖିଥିଲେ । ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପୂର୍ଣ୍ଣିମା ଉଦଗାତାଙ୍କ ନେତୃତ୍ୱରେ ଅଣୁବିନଜାତି ଡାକ୍ତର ଅର୍ଦ୍ଧେନ୍ଦୁ ପ୍ରହରାଜ ଏବଂ ଡିଏନ୍‌ପି ସୋମାରାଣୀ ଗୌଡ଼ ମିଳିତଭାବେ ସମସ୍ତ ଦସ୍ତାବିଜ୍‌ର ସମୀକ୍ଷା କରିଥିଲେ । ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବିପିଏମ୍ ଆରତୀ ସାହୁ, ରମେଶ ମୁଖାର୍ଜି, ଡିଏଚ୍‌ଇଓ ରୋହିତ ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ କଙ୍କିଳି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶ୍ରଦ୍ଧାଞ୍ଜଳୀ ସାହୁ, ଟୁନା ସାହୁ, ଫାର୍ମାସିଷ୍ଟ ଆଦି ସହଯୋଗ କରିଥିଲେ । ପ୍ରକାଶ, ବିଗତ ଦୁଇବର୍ଷ ଧରି କ୍ରମାଗତଭାବେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକୃତ କରିଥିବା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସନ୍ତୁଷ୍ଟି ପ୍ରକାଶ କରିବା ସହ ଆଗାମୀ ଦିନରେ ଏନକ୍ୟୁଏଏସ୍‌ରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ ।

## ୧୫ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ, ଚାଳକ ଗିରଫ

**ଅନୁଗୋଳ, ୧୯/୨/ଏନ୍‌ଏନ୍‌ଏସ୍:** ଅନୁଗୋଳ ପୁଲିସ ପକ୍ଷରୁ ଅପେରସନ 'ପ୍ରହାର ୨.୦'ଜାରୀ ରହିଛି । ଆଉ ମାଦକଦ୍ରବ୍ୟ ବିରୋଧୀ ଅଭିଯାନରେ ଅନୁଗୋଳ ପୁଲିସକୁ ଗୋଟିଏ ପରେ ଗୋଟିଏ ସଫଳତା ମିଳୁଛି । କିଛି ଦିନ ତଳେ ପୁଲିସ ଅଫିମ ଚାଷ, ଚୋରା ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଚଢ଼ାଉ କରି ସଫଳତା ହାସଲ କରିଥିବା ବେଳେ ଆଜି ପୁଣି ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ କରି ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରିବା ସହ ଚାଳକକୁ ଗିରଫ କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ, ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜାମୁଣ୍ଡା ଜଙ୍ଗଲ ଦେଇ ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ(ଓଡ଼ି-୧୫-ସି-୩୦୧୧)ଯାଉଥିବା ନେଇ ଜିଲ୍ଲା ପୁଲିସର ସ୍ପେଶିଆଲ ସ୍କ୍ୱାର୍ଡକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା । ତେବେ ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ବିଶ୍ୱମ୍ଭର ପ୍ରଧାନ, ଇନ୍ସପେକ୍ଟର ବିବେକାନନ୍ଦ ମହାନ୍ତି, ସବ୍ ଇନ୍ସପେକ୍ଟର ବିକାଶ ରଞ୍ଜନ ଗିରିଙ୍କ ନେତୃତ୍ୱରେ ପୁଲିସ ସ୍କ୍ୱାର୍ଡ ଯୋଜନା ମୁତାବକ ଜାମୁଣ୍ଡା ଜଙ୍ଗଲ ନିକଟରେ ଚଢ଼ାଉ କରି ଟ୍ରକକୁ ଯାଞ୍ଚ କରିଥିଲେ । ଟ୍ରକ୍‌ରେ ପ୍ରାୟ ୧୫ କ୍ୱିଣ୍ଟାଲ ୭୩ କେ.ଜି.ବେଆଇନ ଗଞ୍ଜେଇ ଚୋରା ଚାଲାଣ ପାଇଁ ଯାଉଥିବା ପୁଲିସ ଟିମ୍ ତଦନ୍ତରୁ ଜାଣିବାକୁ ପାଇଥିଲା । ଚୋରା ଗଞ୍ଜେଇ ଭର୍ତ୍ତି ବସ୍ତା ସହିତ ଟ୍ରକ୍‌କୁ ପୁଲିସ ଜବତ କରିଛି । ଘଟଣାସ୍ଥଳରୁ ଗାଡ଼ି ଚାଳକ ଟିକନ ବେହେରା(୩୫)ଙ୍କୁ ପୁଲିସ ଗିରଫ କରିଛି ।

## ପାନୀୟଜଳ ପାଇଁ ଦରହସାହି ଆଦିବାସୀ ହଇରାଣ

**ଢେଙ୍କାନାଳ, ୧୯/୨/ଏନ୍‌ଏନ୍‌ଏସ୍:** ଗଁଦିଆ ବ୍ଲକ୍ ଲାଉଲଇ ପଞ୍ଚାୟତର ଆଠ ନମ୍ବର ୱାର୍ଡର ଦରହସାହି ଆଦିବାସୀ ଗ୍ରାମବାସୀମାନେ ଦିନକୁ ଦିନ ପାନୀୟଜଳ ପାଇଁ ହଇରାଣ ହେବାରେ ଲାଗିଛନ୍ତି । ପ୍ରକାଶ, ଏହି ଗ୍ରାମରେ ଆରଡବ୍ଲ୍ୟୁଏସ୍‌ଏସ୍ ତରଫରୁ ଏକ ଟାଙ୍କି ନିର୍ମାଣ କରାଯାଇ ଜନସାଧାରଣଙ୍କୁ ଜଳ ଯୋଗାଇ ଦିଆଯାଉଥିଲା । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଦୀର୍ଘ ଦିନ ହେଲା ଟାଙ୍କିଟି ଫାଟିଯାଇ ପାଣି ଗଳୁଛି । ଫଳରେ ଟାଙ୍କିରେ ପାଣି ଟୋପାଏ ରହିପାରୁନାହିଁ । ଏଦିଗରେ ଗ୍ରାମବାସୀ ଦୀର୍ଘଦିନ ହେବା ଆରଡବ୍ଲ୍ୟୁଏସ୍‌ଏସ୍‌ର ବିଭାଗକୁ ଜଣାଇଥିଲେ ସୁଦ୍ଧା ଯଥା ପୂର୍ବ ତଥା ପରଧାରାରେ ପାଣି ଚାଲିଯାଇ ଲୋକଙ୍କୁ ହଇରାଣ ହେବାକୁ ପଡୁଛି । ଏଦିଗରେ ଜିଲାପାଳ ଦୃଷ୍ଟିଦେଇ ଏହି ଆଦିବାସୀମାନଙ୍କୁ ଜଳ ଯୋଗାଇବାର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କ ତରଫରୁ ନିବେଦନ କରାଯାଇଛି ।

### ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇବା ମାମଲା

# ପ୍ରେମିକ ସମେତ ୪ କୋର୍ଟଚାଲାଣ



**କେନ୍ଦ୍ରାପଡ଼ା, ୧୯/୨/ଏନ୍‌ଏନ୍‌ଏସ୍:** ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇବା ମାମଲାରେ ପୁଲିସ ଆଜି ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ଅରୁଆକଦଳୀବଣ ଗ୍ରାମର ଅଭୟ ମଳିକଙ୍କ ପୁଅ ତଥା ଯୁବତୀଙ୍କ ପ୍ରେମିକ ବାପି ରାହୁଲ ମଳିକ(୩୦), ମାର୍ଶାଘାଇ ଥାନା ଅଧିନ କରଞ୍ଜ ଗ୍ରାମର ଭୀମସେନ ମଳିକଙ୍କ ପୁଅ ହିରଣ୍ୟ ମଳିକ(୩୬), ସେହି ଥାନା ଅଧିନ ଆଇତିପୁର ଗ୍ରାମର ଅମର ମଳିକଙ୍କ ପୁଅ ଅମିତ ମଳିକ(୧୯) ଓ କରମକୁଳ ଗ୍ରାମର ପ୍ରଶାନ୍ତ କୁମାର ମଳିକଙ୍କ ପୁଅ ଗଙ୍ଗାଧର ମଳିକ(୧୯) । ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ସଦର ଥାନା ଅଧିନ ଶ୍ୟାମଗୁଡିଆ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଏକ ଲଜରେ ରାହୁଲ ନିଜ ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇଥିଲା । ଏଥିସହ ସେ ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ପ୍ରଭୃତି ସ୍ଥାନରୁ ଯୁବତୀମାନଙ୍କୁ ମଧ୍ୟ ଆଣି ଦେହ ବ୍ୟବସାୟରେ ଲଗାଇଥିଲା । ଏହି କାର୍ଯ୍ୟରେ ରାହୁଲକୁ ଉପରୋକ୍ତ ଅନ୍ୟ ୩ ଅଭିଯୁକ୍ତ ସହାୟତା କରୁଥିଲେ । ଏହାମଧ୍ୟରେ ପ୍ରେମିକା ଗର୍ଭବତୀ ହେବା ସହ ଅସୁସ୍ଥ ହୋଇପଡିଲା । ଫଳରେ ପ୍ରେମିକ ଜଣଙ୍କ ତାଙ୍କୁ କେନ୍ଦ୍ରାପଡ଼ା ନୂଆ ବସଷ୍ଟାଣ୍ଡରେ ଛାଡି ଫେରାର ହୋଇ ଯାଇଥିଲା । ପୋଲିସ ଯୁବତୀଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ଏଥିସହିତ ପୁଲିସ ପ୍ରେମିକ ବାପି ରାହୁଲ କୁମାରଙ୍କୁ ଗିରଫ କରିଥିଲା । ତାଙ୍କୁ ଗିରଫ କରିବା ପରେ ସେ ତାଙ୍କ ସହଯୋଗୀମାନଙ୍କ ନାଁ କହିଥିଲା । ଫଳରେ ପୁଲିସ ସେମାନଙ୍କୁ ମଧ୍ୟ ଗିରଫ କରିଥିଲା । ଅଭିଯୁକ୍ତମାନଙ୍କୁ ପୁଲିସ ଜେରା କରିବା ପରେ ଦେହ ବ୍ୟବସାୟରେ ସେମାନେ ଲିପ୍ତ ଥିବା କଥା ପୁଲିସ ପାଖରେ ସ୍ୱୀକାର କରିଥିଲେ ବୋଲି ସଦର ଥାନାଧିକାରୀ କାଦମ୍ବିନୀ ପ୍ରଧାନ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁଯାୟୀ ରାହୁଲ ପଡୋଶୀ ଜିଲ୍ଲାର ଜଣେ ଯୁବତୀଙ୍କ ସହ ଫେସ୍‌ବୁକରୁ ବନ୍ଧୁତା ଆରମ୍ଭ କରିଥିଲେ । ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଫଳରେ ଗତ ୩ ମାସ ହେବ ଯୁବତୀ ଜଣକ ଘରୁ ପ୍ରେମିକ ରାହୁଲଙ୍କ ପାଖକୁ ପଳାଇ ଆସିଥିଲେ । ରାହୁଲ ତାଙ୍କୁ ମେଡିକାଲ ନିକଟରେ ଥିବା ଏକ ଲଜରେ ରଖି ଦେହ ବ୍ୟବସାୟରେ ଲଗାଇଥିଲେ । ଏହାଦ୍ୱାରା ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ । ଗର୍ଭବତୀ ହେବା ପରେ ମଧ୍ୟ ପ୍ରେମିକ ଦେହ ବ୍ୟବସାୟରେ ତାଙ୍କୁ ଲଗାଇଥିଲା । ବିଭିନ୍ନ ଗ୍ରାହକଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଦ୍ୱାରା ଯୁବତୀଙ୍କ ଶରୀର ଅସୁସ୍ଥ ହୋଇପଡିଥିଲା । ଫଳରେ ସେ ଗ୍ରାହକଙ୍କୁ ସନ୍ତୁଷ୍ଟ କରି ପାରି ନଥିଲେ । ଫଳରେ ରାହୁଲ ଆଉ ଟଙ୍କା ରୋଜଗାର କରିପାରି ନଥିଲେ । ତେଣୁ ରାହୁଲ ତାଙ୍କୁ ବସଷ୍ଟାଣ୍ଡରେ ଛାଡି ଫେରାର ହୋଇ ଯାଇଥିଲେ । ହେଲେ ଯୁବତୀଙ୍କୁ ପୁଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ସମସ୍ତ ଘଟଣା ପ୍ରଦାକୁ ଆସିଥିଲା ।

## ଟ୍ରେଲର୍ ସହ ଟିପ୍ପର ଧକ୍କା, ଚାଳକ ଗୁରୁତର

**ପରଜଙ୍ଗ, ୧୯/୨/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥର ପରଜଙ୍ଗ ରାସ୍ତାରେ ଆଜି ଭୋର୍ ସକାଳ ସମୟରେ ଏକ ଟ୍ରେଲର୍ ପଛରେ ଟିପ୍ପର ଧକ୍କା ଦେବାରୁ ଟିପ୍ପର ଚାଳକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ କାମାକ୍ଷାନଗର ଦିଗରୁ ତାଳଚେର ଆଡ଼କୁ ଆଗରେ ଏକ ଟ୍ରେଲର ଯାଉଥିବା ବେଳେ ସେ ହଠାତ୍ ଗାଡ଼ି ବ୍ରେକ୍ ମାରିଥିଲେ । ଫଳରେ ପଛରୁ ଯାଉଥିବା ଟିପ୍ପର ଗାଡ଼ି ଟ୍ରଲରକୁ ପଛରୁ ଧକ୍କା ଦେଇଥିଲା । ଟିପ୍ପର ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ପରଜଙ୍ଗ ପ୍ରାଥମିକ ଚିକିତ୍ସା ଓ ପରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅବସ୍ଥା ଗୁରୁତର ଥିବାବେଳେ ଚାଳକଙ୍କ ପରିଚୟ ମିଳିପାରିନାହିଁ । ଘଟଣାସ୍ଥଳରୁ ଟ୍ରେଲର ଦ୍ରୁତ ଗତିରେ ପଳାଇ ଯାଇଥିବା ବେଳେ ଟିପ୍ପରକୁ ପରଜଙ୍ଗ ପୁଲିସ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏନେଇ ଥାନା ଏଏସ୍‌ଆଇ ଯୁଗଳ ପ୍ରଧାନ ସୂଚନା ଦେଇଛନ୍ତି ।

### ରାଜନଗର ବ୍ଲକ୍‌ର ୧୪ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା

## ମାଟ୍ରିକ୍ ପରୀକ୍ଷାରେ ୬୦, ମଧ୍ୟମାରେ ୧୨ ଅନୁପସ୍ଥିତ

**ରାଜନଗର, ୧୯/୨/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକରେ ଚଳିତ ବର୍ଷ ୧୩ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି । ଏହି ବ୍ଲକର ରାଜନଗର ହାଇସ୍କୁଲରେ ମାଟ୍ରିକ ଛାତ୍ରଛାତ୍ରୀ ୧୭୩ରୁ ୧୭୦ଜଣ ଓ ଏହି କେନ୍ଦ୍ରରେ ମଧ୍ୟମା ୮ ଜଣଙ୍କ ମଧ୍ୟରୁ ୬ଜଣ ପରୀକ୍ଷା ଦେଇଛନ୍ତି । ଶ୍ରୀ ଜଗନ୍ନାଥ ହାଇସ୍କୁଲ ଚାନ୍ଦିବାଉଁଶମୂଳ କେନ୍ଦ୍ରରେ ୨୨୦ରୁ ୨୧୮ଜଣ ମାଟ୍ରିକ ପରୀକ୍ଷାର୍ଥୀ ଓ ମଧ୍ୟମାରେ ୪୨ଜଣଙ୍କ ମଧ୍ୟରୁ ୩୯ଜଣ, ନିଗମାନନ୍ଦ ଉଚ୍ଚ ବିଦ୍ୟାପୀଠ ନାଉକୋଣା କେନ୍ଦ୍ରରେ ୧୩୮ଜଣଙ୍କ ମଧ୍ୟରୁ ୧୩୭ଜଣ ମାଟ୍ରିକ ପରୀକ୍ଷାର୍ଥୀ, ବନବିହାରୀଜୀୟୁ ହାଇସ୍କୁଲ ଗୋପାଳପୁର କେନ୍ଦ୍ରରେ ୨୩୯ଜଣଙ୍କ ମଧ୍ୟରୁ ୨୩୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୭ଜଣ ଅନୁପସ୍ଥିତ ରହିଛନ୍ତି । ବଡପଲୀ ହାଇସ୍କୁଲରେ ୧୮୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୬ଜଣ ପରୀକ୍ଷା ଦେଇଛନ୍ତି । ବନ୍ଧପଡା ପଞ୍ଚାୟତ ହାଇସ୍କୁଲ ମଧପଡ଼ା କେନ୍ଦ୍ରରେ ୨ଶହ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଏଠାରେ କେହି ଅନୁପସ୍ଥିତ ନାହାନ୍ତି । ଜଗନ୍ନାଥପୁର ଶାସନ ଶିକ୍ଷା ନିକେତନ ଭଗବାନପୁର କେନ୍ଦ୍ରରେ ୧୩୯ଜଣଙ୍କ ମଧ୍ୟରୁ ୧୩୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଶ୍ରୀ ଜଗନ୍ନାଥ ହାଇସ୍କୁଲ କେରଡାଗଡ କେନ୍ଦ୍ରରେ ୧୫୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ପଞ୍ଚୁବରାହୀ ବିଦ୍ୟାନିକେତନ ମାଣପଡା କେନ୍ଦ୍ରରେ ୧୮୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୬ଜଣ ପରୀକ୍ଷା ଦେଇଛନ୍ତି । ବିଣାପାଣୀ ହାଇସ୍କୁଲ ଦିଘୀ କେନ୍ଦ୍ରରେ ୨୧୨ଜଣରୁ ୨୦୭ଜଣ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ମଧ୍ୟମାରେ ୪୪ଜଣଙ୍କ ମଧ୍ୟରୁ ୩୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ନାଗାନାରାୟଣ ହାଇସ୍କୁଲ ଡାଙ୍ଗମାଳ କେନ୍ଦ୍ରରେ ୨୩୩ଜଣଙ୍କ ମଧ୍ୟରୁ ୨୩୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ବିବେକାନନ୍ଦ ହାଇସ୍କୁଲ ବାଘମାରୀ କେନ୍ଦ୍ରରେ ୨୬୩ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫୧ଜଣ ପରୀକ୍ଷା ଦେଇଛନ୍ତି । ଏହି କେନ୍ଦ୍ରରେ ସର୍ବାଧିକ ୧୨ଜଣ ଅନୁପସ୍ଥିତ ରହିଛନ୍ତି । ରାଜନଗର ନୋଡାଲ ପରୀକ୍ଷା କେନ୍ଦ୍ର ଅଧିନରେ ପଟ୍ଟାମୁଣ୍ଡାଇ ବ୍ଲକ ମଦନପୁରସ୍ଥିତ ମହାବୀର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୨୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୦ଜଣ ପରୀକ୍ଷା ଦେଇଛନ୍ତି । ଏହି ବ୍ଲକ ଅଧିନରେ ମୋଟ ୧୪ଟି କେନ୍ଦ୍ରରେ ୨୮୬୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮୦୨ଜଣ ପରୀକ୍ଷା ଦେଇଛନ୍ତି । ସେହିପରି ସଂସ୍କୃତ ବିଦ୍ୟାଳୟର ମଧ୍ୟମା ପରୀକ୍ଷା ପାଇଁ ୧୩୯ଜଣଙ୍କ ମଧ୍ୟରୁ ୧୨୭ଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ନୋଡାଲ ପ୍ରଧାନ ଶିକ୍ଷକ ଶୁଭ୍ରଜକୁମାର ବରାଳ ସୂଚନା ଦେଇଛନ୍ତି । ପ୍ରକାଶ, ବଙ୍ଗଭାଷୀ ଅଧ୍ୟୁଷିତ ବିବେକାନନ୍ଦ ହାଇସ୍କୁଲ ବାଘମାରୀରେ ସର୍ବାଧିକ ୧୨ଜଣ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ହେଉଛନ୍ତି ରଙ୍ଗଣୀ ପଞ୍ଚାୟତ ହାଇସ୍କୁଲର । ସେମାନଙ୍କ ମଧ୍ୟରୁ ତିନିଜଣ ଛାତ୍ରୀ ବିବାହ କରିଥିବା ବେଳେ ୯ଜଣ ଛାତ୍ର ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲି ଯାଇଥିବା ଜଣାପଡିଛି । ସେହିପରି ବନବିହାରିଜୀୟୁ ହାଇସ୍କୁଲ ଗୋପାଳପୁର ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ସଂଖ୍ୟା ୭ଜଣ ରହିଛି । ଏହି ଛାତ୍ରମାନେ ପଞ୍ଚୁବରାହୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସାତଭାୟାର ବୋଲି ଜଣାପଡିଛି । ଏମାନେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଚାଲି ଯାଇଥିବା ଜଣାପଡିଛି ।

## ୭ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ୧୦୨୧ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧ ଅନୁପସ୍ଥିତ

**ନାଉଗାଁ, ୧୯/୨/ଏନ୍‌ଏନ୍‌ଏସ୍:** ଆଜିଠୁ ଆରମ୍ଭ ହେଇଛି ମାଟ୍ରିକ୍ ପରୀକ୍ଷା । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍‌ରେ ମୋଟ୍ ୧୭ଟି ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଉକ୍ତ ବ୍ଲକ୍‌ରେ ୭ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି । ଯେଉଁଠି ମୋଟ୍ ୧୦୨୧ ଜଣ ଛାତ୍ରଛାତ୍ରୀମାନଙ୍କ ପାଇଁ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିବା ବେଳେ ଆଜି ଏମାନଙ୍କ ମଧ୍ୟରୁ ୧୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ଏହି କେନ୍ଦ୍ରଗୁଡ଼ିକ ମଧ୍ୟରେ ରୋହିଆ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୭୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ଏମାନଙ୍କ ମଧ୍ୟରୁ ୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିଲେ । ସେହିପରି ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଥିବା ୧୭୬ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୩ଜଣ, ଅଙ୍ଗେଶ୍ୱରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଥିବା ୧୬୬ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨ଜଣ, ତିରୁଣା ଗୋପବନ୍ଧୁ ସ୍ମାରକୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଥିବା ୧୬୮ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଜଣେ ଓ କଣ୍ଟୁଣିଆ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଥିବା ୧୦୪ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଜଣେ ଛାତ୍ର ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଛନ୍ତି । ଅନ୍ୟପଟେ ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୨୫ଜଣ ଓ ଗଜରାଜପୁର ଆର୍ତ୍ତତ୍ରାଣ ବିଦ୍ୟାପୀଠରେ ୧୧୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏହି ୭ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୧୦୧୦ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି ।

## ବିଜେପିରେ ଯୋଗଦେଲେ ଶତାଧିକ ବିଜେଡି କର୍ମୀ

**ଧର୍ମଶାଳା, ୧୯/୨/ଏନ୍‌ଏନ୍‌ଏସ୍:** ଧର୍ମଶାଳା ନିର୍ବାଚନମଣ୍ଡଳୀ କୁମାରୀସ୍ଥିତ ବିଜେପି କାର୍ଯ୍ୟାଳୟ ସଭାଗୃହରେ ବିଜେପିର ଆଜି ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ସାମଜସେବୀ ମିନତୀ ସାହୁ, ଯାଜପୁରର ପୂର୍ବତନ ସାଂସଦ ରୀତା ତରେଇ, ଧର୍ମଶାଳା ବ୍ଲକ୍ ସଭାପତି ସୁଚିସ୍ମିତା ଦାସ, ରସୁଲପୁର ବ୍ଲକ୍ ସଭାପତି ଅରୁଣ କୁମାର ରାଉତ ପ୍ରମୁଖ ଯୋଗଦେଇ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଧର୍ମଶାଳା ବିଧାୟକଙ୍କ ପ୍ରତି ଆସ୍ଥା ପ୍ରକଟ କରି ଆଜି ନିର୍ବାଚନମଣ୍ଡଳୀ ୫୪ଗୋଟି ପଞ୍ଚାୟତରୁ ପାଖାପାଖି ୫ଶହ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ବିଶେଷ କରି ଏହି ମିଶ୍ରଣ ପର୍ବରେ ଅରାବଳ ପଞ୍ଚାୟତର ସମିତିସଭ୍ୟା ବନିତା ମଲିକ, ବିଜୟ କୁମାର ନାୟକ ପ୍ରମୁଖ ବହୁ ଆଗଧାଡିର ନେତା ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି । ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଅତିଥିମାନେ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଜେଡି କର୍ମୀ ଓ ନେତାମାନେ ଯେଉଁଭଳି ଭାବେ ଦଳ ଛାଡି ବିଜେପିରେ ସାମିଲ ହେଉଛନ୍ତି ଆଗାମୀ ଦିନରେ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ଲୋପ ପାଇଯିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

### ତାଳଚେର ମେଡିକାଲ୍ କଲେଜ୍ ପ୍ରସଙ୍ଗ

## ବିଧାନସଭା ଆଗରେ ଧାରଣା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ତାଳଚେର, ୧୯/୨/ଏନ୍‌ଏନ୍‌ଏସ୍:** ତାଳଚେର ସ୍ଥିତ ପବିତ୍ର ମୋହନ ମେଡିକାଲ୍ କଲେଜ୍‌ରେ ଆନ୍ତଃ ଓ ବାହ୍ୟ ରୋଗୀ ଚିକିତ୍ସା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ବିଧାନସଭା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା । ରାଜ୍ୟ ସରକାର ବୈମାତୃକ ପୋଷଣ କରି ମେଡିକାଲ୍ କଲେଜ୍‌ର ଡାକ୍ତରଖାନାକୁ ତାଳଚେରରୁ ଅନୁଗୋଳ ଜିଲ୍ଲା ମେଡିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି । ଏହି ନିଷ୍ପତିର ପୁନଃ ବିଚାର କରାଯାଇ ତାଳଚେରରେ ମେଡିକାଲ୍ କଲେଜ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବହୁବାର ଦାବି କରାଯାଇଛି । ପୂର୍ବରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ମଧ୍ୟ ଦିଆଯାଇଥିଲା । ଏନେଇ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣା ଆଜକୁ ୪୧ଦିନ ହେବ ଚାଲୁ ରହିଛି । ବିଧାନସଭା ସମ୍ମୁଖରେ ଧାରଣାସ୍ଥଳରୁ ସାଧାରଣ ସଂପାଦକ ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଗଣଧାରଣାରେ କମିଟିର କାର୍ଯ୍ୟକାରୀ ସଭାପତି ଅଭୟ ପାଣି, କେଶବ ଭୂତିଆ, ଦିଗାମ୍ବର ଗଡନାୟକ, ଭୁପେନ୍ ଅମ୍ବ, ଶୋଭାଗିନୀ ଦେବୀ, ପ୍ରଫୁଲ ନାଏକ, ଚୈତନ୍ୟ ପ୍ରଧାନ, ବିଭୁତି ପଟ୍ଟନାୟକ, ସୁକାନ୍ତ ଦାସ, ବିଜୟ ମିଶ୍ର, ନରେନ୍ ସିଂ, ପ୍ରେମାନନ୍ଦ ମହାନ୍ତି, ପ୍ରହଲ୍ଲାଦ ସାହୁ, ପରମାନନ୍ଦ ସାହୁ, ସଞ୍ଜୀବ ନାଏକ, ଦୁଷ୍ମନ୍ତ କାଞ୍ଜି, ଗଗନ ବିହାରୀ ଦାସ, ଡିଲେଶ୍ୱର ପ୍ରଧାନ, ସୁରଥ ରଥ, ସନ୍ତୋଷ ମହାପାତ୍ର, ରମାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

**LOST**

By virtue of an affidavit sworn before the Notary Public, Bengaluru, Karnataka on 18.02.2026 I Konika Bose D/o Mantosh Bose permanent resident of Raghunathpur, Jagatsinghapur, Odisha-754132 & currently residing at Bangalore declare that while making photo copies of my original College Leaving Certificate, Migration Certificate & Conduct Certificate issued by Ravenshaw University, Cuttack (Course - Bachelor of Commerce in Accountancy with Reg. No. 15DC0163 & Year of Passing - 2018) I have lost them all. I couldn't trace the said documents despite my best efforts. This affidavit is to be produced before the appropriate authority for the issue of duplicate certificates.

**LOST**

I,Niranjan Swain aged about 48years, S/o Trilochan Swain of village Basudeipur, Po-Khanata,Ps- Banpur, Dist-Khurda, (Odisha) do hereby solemnly affirm that I have lost my original sale deed vide no 11101101205 while I was going from my village towards Banpur on dtd. 09/02/2026. I have purchased a piece of land from Trilochan Swain and others on dtd. 17/05/2011. It is situated in Mouza- Basudeipur, Khata No- 285,Plot No-514, Area-A0.018dec, Plot no 518, Area-A0.029dec, Plot No- 525,Area-A0.016 dec and Khata No-286, Plot No- 526, Area- A0.013dec out of A0.026dec total Area- A0.076dec. If any one found please contact above mentioned address.

Niranjan swain

**AFFIDAVIT**

I Susanta Kumar Das S/o Late Narendra Prasad Das Resident At Qr No-HIG63, Gopabandhu Nagar, Chhend Colony, Rourkela-15, PS-Chhend, Dist-Sundargarh, Odisha, Pin-769015 declare by this Affidavit No-A/4, Dtd -19.02.2026 my wife's name wrongly printed in my daughter's Passport No. U3409230 as Sushree Sangita Das intesad of Sushree Sangita Mohanty. Sushree Sangita Mohanty and Sushree Sangita Das is one and same person. Henceforth my wife will be known as **SUSHREE SANGITA MOHANTY** for all future purposes.

**AFFIDAVIT**

I, Suprava Patalasingh W/o Abhimanyu Patalasingh R/o Aseli, Lendo, Khorda, Odisha - 752019, have changed my name to Suprabha Patalasingh.

17001/1/2526

**Distrtict Skill Development-cum-Employment Office, Gajapati (Ph. 9827946884)**

All the job seekers of Gajapati District are requested to attend District Level Job Fair on 21.02.2026 (At Mini Stadium, Champapur Chowk, Rayagada Block) for Employment & Skill Opprtunities.
Time 10 AM to 3 PM.

Sd/- (D.S. D.E. Office, Gajapati)

OIPR- 17001/17037/1/25-26/0001

25001/199/2526 E-Mail eerwdivisiondhenkanal@yahoo.co.in

Government of Odisha
Office of the Superintending Engineer,
Rural Works Division, Dhenkanal.

e-procurement Notice No. 20 / Road Works / 2025-26.

| | | |
|---|---|---|
| 1. Name of the work | : | Road Works |
| 2. Total No. of Works | : | 05 Nos |
| 3. Estimated Cost | : | Rs. 8.47 to 27.11 lakh (approx.) |
| 4. Class Contractor | : | "D" "C" & "B"Class |
| 5. Period of Completion | : | 15 (Fifteen days) |
| 6. EMD Required | : | As mentioned in the Annexure at Column-04 |
| 7. online for bidding | : | 23.02.2026 at 11.30 A.M to 05.03.2026 up to 2.00 P.M |
| 8. Last Date & Time of seeking tender clarification | : | 02.03.2026 upto 4.00 PM |
| 9. Date & Time of opening of tender | | 05.03.2026 upto 5.00 PM |

Other Details can be seen from the website http://tendersorissa.gov.in.

OIPR- 25001/25101/1/25-26/0001

Superintending Engineer
R.W. Division, Dhenkanal

13001/302/2526 E-mail: nacdharmagarh@gmail.com

OFFICE OF THE
NOTIFIED AREA COUNCIL, DHARAMGARH
(Dt.)- KALAHANDI

No. 354 / DMH Dated. 17.02.2026

**Quotation Call Notice**

| | | |
|---|---|---|
| Name of the work | : | Design, Supply, and Installation of two nos of fountain at Children Park under Dharamgarh NAC. |
| No of works | : | 01 No |
| Tender notice no. & Date | : | 348 /DMH, Dt.17.02.2026 |
| Agency | : | As per eligibility |
| Period of Tender | : | 2 Months |
| Available of Documents | : | Dt.18.02.2026 to Dt.25.02.2026 (In Office Hours) at NAC Office Dharamgarh |
| EMD | : | Rs.10,000.00 |
| Last date of receipt of bid documents | : | Upto 01:00 PM of Dt.27.02.2026 |
| Date of opening of Bid | : | 03:00 PM of Dt.27.02.2026 |
| Name and address of the Officer inviting the notice | : | Executive Officer, NAC, Dharamgarh, Kalahandi |

OIPR- 13001/13163/1/25-26/0018

Executive, Officer,
NAC, Dharamgarh

## ଆଜିର ଇତିହାସ

- ୧୮୭୮-ପୁଡୁଚେରୀ ସ୍ଥିତ ଅରବିନ୍ଦ ଆଶ୍ରମରେ ଥିବା ମା’ ମୀରା ଅଲ୍‌ଫାସା ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୮୯୬- କବି ଓ ଲେଖକ ସୂର୍ଯ୍ୟକାନ୍ତ ନିରାଲାଙ୍କ ଜନ୍ମଦିନ।
- ୧୯୫୯-ନୂଆଦିଲ୍ଲୀରେ ସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆର ସ୍ଥାପନା ହୋଇଥିଲା।
- ୧୯୯୯-ପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ନୱାଜ ସରିଫ୍ ଲାହୋର ଘୋଷଣାପତ୍ରରେ ହସ୍ତାକ୍ଷର କରିଥିଲେ।
- ୨୦୦୧- ସହସ୍ର ଶତାବ୍ଦୀର ମହାକୁମ୍ଭର ପରିସମାପ୍ତି ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ମନ ଉତ୍ସାହ ଓ ଉର୍ଜାରେ ଭରି ରହିବ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ବ୍ୟାପାର ଓ ପେସାଗତ ଅବସର ଲାଭକାରୀ ପ୍ରମାଣିତ ହେବ। ଆର୍ଥିକ ସ୍ଥିତି ସନ୍ତୁଳିତ ରହିବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**ବୃଷ** – ସଂଯମ ଓ ବୁଝାମଣାର ସହିତ ଦିନଟି ବିତିବ। ନୂଆ ଦାୟିତ୍ୱ ଓ ପ୍ରୋଜେକ୍ଟସ୍ ଲାଭକାରୀ ହେବ। ପରିବାର ଓ ମିତ୍ରଙ୍କ ସହିତ ସମ୍ବନ୍ଧ ମଧୁର ରହିବ। ହାଲୁକା ଓ ସନ୍ତୁଳିତ ଭୋଜନର ଆବଶ୍ୟକତା ରହିଛି।

**ମିଥୁନ** – ବୁଦ୍ଧିମତ୍ତା ଓ ନିର୍ଣ୍ଣୟ ନେବାର କ୍ଷମତା ସାହାଯ୍ୟକାରୀ ପ୍ରମାଣିତ ହୋଇପାରେ। ପ୍ରୟାସ ପାଇଁ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ। ମନ ପ୍ରସନ୍ନ ରହିବ। ପୁରୁଣା କାମ ପୂରା କରିବେ।

**କର୍କଟ** – ଭାବନା ଉପରେ ନିୟନ୍ତ୍ରଣ ବଜାୟ ରଖିବେ। ନୂଆ ଦାୟିତ୍ୱ ମିଳିପାରେ। ଆର୍ଥିକ ସ୍ଥିତି ସନ୍ତୋଷଜନକ ରହିବ। ପରିବାର ଓ ମିତ୍ରଙ୍କ ସହିତ ସମ୍ବନ୍ଧ ସହଯୋଗପୂର୍ଣ୍ଣ ରହିବ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ।

**ସିଂହ** – ଆତ୍ମବିଶ୍ୱାସରେ ଭରି ରହିବେ। ନେତୃତ୍ୱ ନେବାର କ୍ଷମତା ପ୍ରକଟ ହେବ। ପେସାଗତ ଅବସର ଲାଭକାରୀ ରହିବ। କଠିନ ପରିସ୍ଥିତିରେ ସଫଳତା ପାଇବେ। ନୂଆ ବିଚାର ଲାଭ ଦେବ।

**କନ୍ୟା** – ଯୋଜନାବଦ୍ଧ ଭାବରେ କାମ କରିବେ। ପ୍ରୟାସ ପ୍ରଶଂସନୀୟ ହେବ। ଖର୍ଚ୍ଚ ଉପରେ ସଂଯମ ଜରୁରୀ। ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଅନୁଶାସନ ପାଇଁ ନିର୍ଣ୍ଣୟ ଲାଭକାରୀ ହେବ। ଅବସରରୁ ସଠିକ୍ ସଫଳତା ପାଇବେ।

**ତୁଳା** – ସନ୍ତୁଳନ ଓ ବୁଝାମଣା ବଜାୟ ରହିବ। ସହଯୋଗ ପାଇବେ। ଆର୍ଥିକ ସ୍ଥିତି ମଜଭୁତ ରହିବ। ମିତ୍ରଙ୍କ ପାଇଁ ମନ ପ୍ରସନ୍ନ ରହିବ। ମାନସିକ ଶାନ୍ତି ବଜାୟ ରହିବ। ଧ୍ୟାନ ଓ ଯୋଗ ଲାଭକାରୀ ପ୍ରମାଣିତ ହେବେ।

**ବିଛା** – ସାବଧାନୀ ଓ ଧୈର୍ଯ୍ୟର ସହିତ ଦିନ ବିତେଇବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଆର୍ଥିକ ସ୍ଥିତି ସନ୍ତୁଳିତ ରହିବ। ପରିବାର ସହିତ ସମ୍ବନ୍ଧ ସହଯୋଗପୂର୍ଣ୍ଣ ରହିବ। ଅଳ୍ପ ବ୍ୟାୟାମ ଓ ସନ୍ତୁଳିତ ଭୋଜନ ଆବଶ୍ୟକ।

**ଧନୁ** – ରଣନୀତି ଓ ବିଚାରଶୀଳତା ଲାଭକାରୀ ପ୍ରମାଣିତ ହେବ। ନୂଆ ଅବସର ପାଇବାରେ ସଫଳ ହେବ। ଆର୍ଥିକ ସ୍ଥିତି ମଜଭୁତ ରହିବ। ଘରର ବାତାବରଣ ସୁଖମୟ ରହିବ। ସଫଳତା ସୁନିଶ୍ଚିତ ପ୍ରାପ୍ତ ହେବ।

**ମକର** – ଅନୁଶାସନ ଓ ପରିଶ୍ରମ ପାଇଁ ଦିନଟି ଲାଭକାରୀ ରହିବ। କଠିନ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ପରିବାରର ସହଯୋଗ ପ୍ରାପ୍ତ ହେବ। ପାରିବାରିକ ଜୀବନ ସୁଖମୟ ରହିବ।

**କୁମ୍ଭ** – ରଚନାତ୍ମକ ଉର୍ଜା ଓ ନୂଆ ବିଚାର ଲାଭ ଦେବ। ପ୍ରୟାସ ସଫଳ ହେବ ଓ ନୂଆ ଅବସର ପାଇବେ। ଆର୍ଥିକ ସ୍ଥିତି ସନ୍ତୋଷଜନକ ରହିବ। ମିତ୍ରଙ୍କ ସହଯୋଗ ଓ ପ୍ରେମ ବଜାୟ ରହିବ।

**ମୀନ** – ମାନସିକ ସନ୍ତୁଳନ ବଜାୟ ରହିବ। ପ୍ରଗତିର ସଂକେତ ରହିଛି। ପ୍ରୟାସ ସଫଳ ହେବ। ଆର୍ଥିକ ଲାଭର ସମ୍ଭାବନା ରହିଛି। ନିୟମିତ ବ୍ୟାୟାମ କରିବା ଜରୁରୀ। ସକାରାତ୍ମକ ଦୃଷ୍ଟିକୋଣ ବଜାୟ ରଖନ୍ତୁ।

## ଶ୍ରୀମଦ୍ ଭଗବଦ୍‌ଗୀତା

**ନିର୍ମାନମୋହା ଜିତସଙ୍ଗଦୋଷା**
**ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ।**
**ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈ-**
**ର୍ଗଚ୍ଛନ୍ତ୍ୟମୂଢାଃ ପଦମବ୍ୟୟଂ ତତ୍। (୧୫/୫)**



ଯାହାଙ୍କର ଅଭିମାନ ବା ମୋହ ନାହିଁ, ବିଷୟାସକ୍ତି ନାହିଁ, ଯେଉଁମାନେ ଆତ୍ମତତ୍ତ୍ୱ ଜାଣିବାକୁ ସଦା ଅଭିଳାଷୀ, ଯାହାଙ୍କର ବାସନା ନିବୃତ୍ତ ହେଇଅଛି ଏବଂ ଯେଉଁମାନେ ସୁଖଦୁଃଖରୂପ ଦ୍ୱନ୍ଦ୍ୱରୁ ବିମୁକ୍ତ ହେଇଛନ୍ତି, ସେଭଳି ଅବିବେକୀ ପୁରୁଷମାନେ କେବଳ ସେହି ଅବ୍ୟୟ ପାଦ ପ୍ରାପ୍ତ ହୁଅନ୍ତି।

ଶ୍ରୀ ରାମକୃଷ୍ଣଙ୍କ ଭାଷାରେ - ବନ୍ଧିତ ଆତ୍ମା ଅର୍ଥାତ ସଂସାର ବନ୍ଧନରେ ପତିତ ଆତ୍ମା ହେଉଛନ୍ତି ମନୁଷ୍ୟ କିନ୍ତୁ ମୁକ୍ତ ଆତ୍ମା ହେଉଛନ୍ତି ଈଶ୍ୱର।



# ବିଶ୍ୱ ସାମାଜିକ ନ୍ୟାୟ ଦିବସ

ଆଜି ପୂରା ବିଶ୍ୱରେ ପାଳନ କରାଯାଉଛି ସାମାଜିକ ନ୍ୟାୟ ଦିବସ। ଏହି ଦିବସର ଉଦ୍ଦେଶ୍ୟ ଗରିବୀ, ବେରୋଜଗାରୀ, ଲୈଙ୍ଗିକ ଅସମାନତା ଓ ସାମାଜିକ ବହିଷ୍କାର ପରି ସମସ୍ୟାଗୁଡ଼ିକ ସହିତ ଲଢ଼ି ସମାଜରେ ନ୍ୟାୟ ଓ ସମାନତାକୁ ଗୁରୁତ୍ୱ ଦେବା। ମିଳିତ ଜାତିସଂଘ ଅନୁସାରେ ମାନବାଧିକାର ଓ ସମସ୍ତଙ୍କ ପାଇଁ ଗରିମାପୂର୍ଣ୍ଣ ଜୀବନ ସୁନିଶ୍ଚିତ କରିବା ପାଇଁ ଏହି ଦିବସ ଆହ୍ୱାନ କରେ। ସାମାଜିକ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା, ସମାନତାକୁ ଆଦର୍ଶ ମାନିବା ଓ ମାନବାଧିକାରଗୁଡ଼ିକୁ ରକ୍ଷା କରିବା ଏହି ଦିବସର ଉଦ୍ଦେଶ୍ୟ। ମିଳିତ ଜାତିସଂଘ ୨୬ ନଭେମ୍ବର, ୨୦୦୭ରେ ଏହି ଦିବସର ଘୋଷଣା କରିଥିଲା ଯାହା ପରବର୍ତ୍ତୀ ସମୟରେ ପ୍ରତିବର୍ଷ ୨୦ ଫେବୃଆରୀ, ୨୦୦୯ରୁ ପାଳନ କରାଗଲା। ସମାଜର ଦୁର୍ବଳ ବର୍ଗଙ୍କୁ ସଶକ୍ତ କରିବା, ସମାବେଶୀ ବିକାଶ ଓ ନ୍ୟାୟସଙ୍ଗତ ସମାଜର ନିର୍ମାଣ ଉପରେ ଏହି ଦିବସ ଜୋର୍ ଦେଇଥାଏ। ସବୁ ବର୍ଷ ଏକ ଥିମ୍‌କୁ ନେଇ ଏହି ଦିବସ ପାଳନ କରାଯାଏ। ଏ ବର୍ଷ ସମସ୍ତଙ୍କ ପାଇଁ ସାମାଜିକ ସୁରକ୍ଷା ଓ ସମ୍ମାନଜନକ କାର୍ଯ୍ୟର ବିଷୟ ଉପରେ ଫୋକସ୍ କରାଯିବ। ସାମାଜିକ ନ୍ୟାୟର ରହିଛି ପାଞ୍ଚଟି ସିଦ୍ଧାନ୍ତ- ସଂସାଧନ ପର୍ଯ୍ୟନ୍ତ ପହଞ୍ଚିବା, ସମାନତା, ଭାଗୀଦାରୀ, ବିବିଧତା ଓ ମାନବାଧିକାର। ସାମାଜିକ ନ୍ୟାୟର ରହିଛି ତିନୋଟି ମୁଖ୍ୟ ବିଶେଷତା- ସମାଜରେ ନିଷ୍ପକ୍ଷତା, ସମାନତା ଓ ସମାବେଶକୁ ତ୍ୱରାନ୍ୱିତ କରିବା। ଏହା ଏପରି ଏକ ଦୁନିଆର ସ୍ଥାପନା କରିବାକୁ ଚାହେଁ ଯେଉଁଠାରେ ପ୍ରତି ବ୍ୟକ୍ତିକୁ ମହତ୍ତ୍ୱ ଓ ସମ୍ମାନ ଦିଆଯାଏ।

# ଦୁନିଆର ପ୍ରଥମ ଏଆଇ ନଗର




ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍ ବେଙ୍ଗାଲୁରୁର ଏଆଇ ଇନ୍ଫ୍ରାଷ୍ଟ୍ରକ୍‌ଚର କମ୍ପାନୀ ଭାରତ୧.ଏଆଇ ଦୁନିଆର ପ୍ରଥମ ଏଆଇ ସିଟି ବିଷୟରେ ଘୋଷଣା କରିଛି। ଏହି ଏଆଇ ସିଟି ହେଉଛି କର୍ଣ୍ଣାଟକର ରାଜଧାନୀ ଓ ଭାରତର ସିଲିକନ୍ ଭ୍ୟାଲି ଭାବରେ ପରିଚିତ ବେଙ୍ଗାଲୁରୁ ସହର। ଷ୍ଟାର୍ଟଅପ୍ ଅନୁସାରେ ବେଙ୍ଗାଲୁରୁ ହେବ ଦୁନିଆର ପ୍ରଥମ ଏଆଇ ସିଟି। ପ୍ରଥମେ ୫,୦୦,୦୦ ବର୍ଗ ଫୁଟ୍‌ର ବି୧ ଏଆଇ ସୁପର୍‌ପାର୍କର ନିର୍ମାଣ କରାଯିବ। ଏହି ପାର୍କଟି ଏଆଇ ରିସର୍ଚ୍ଚ ଓ ଇନ୍ନୋଭେସନ୍ କ୍ୟାମ୍ପସ୍ ହେବ ଯେଉଁଟିକୁ ବେଙ୍ଗାଲୁରୁର ସରାଜପୁରାରେ ନିର୍ମାଣ କରାଯିବ। ବି୧ ସୁପର୍‌ପାର୍କରେ ଦେଶର କେତେକ ଲ୍ୟାଣ୍ଡିଂ ଇନ୍‌ଷ୍ଟିଚ୍ୟୁଟ୍ସ ଆଇଆଇଟି କାନପୁର, ଏସ୍‌ଏଏଆର୍‌ସି, ବିଆଇଟିଏସ୍ ପିଲାନି, ଆଇଏସ୍‌ପିଆଇଆର୍‌ଟି ଫାଉଣ୍ଡେସନ, ଆଇଆଇଟି ରୋପଡ଼ ସହିତ ମିଶି କାମ କରିବ। ଏହି ସଂସ୍ଥାଗୁଡ଼ିକର ଅଧ୍ୟୟନକାରୀ, ଇଞ୍ଜିନିୟର୍ସ ଓ ଷ୍ଟାର୍ଟ-ଅପ୍ ଏକା ସହିତ ମିଶି ରୋବୋଟିକ୍ସ, ଅଟୋନୋମୋସ୍ ଇନ୍ଫ୍ରାଷ୍ଟ୍ରକ୍‌ଚର, ମୋବିଲିଟି ଓ ହ୍ୟୁମ୍ୟାନ-ମେସିନ୍ ଇଣ୍ଟେରାକ୍ସନ୍ ଆଦିର ପରୀକ୍ଷଣ କରିବେ। ସେଠାରେ ୪୦୦ ଜିବିପିଏସ୍ ସ୍ପିଡ୍‌ରେ ଇଣ୍ଟରନେଟ୍ କନେକ୍ଟିଭିଟି ମିଳିବ। ଏହି ଏଆଇ ସିଟିକୁ ନିର୍ମାଣ କରିବାରେ ସମୟ ଲାଗିବ ୩୬ ମାସ ଅର୍ଥାତ ତିନି ବର୍ଷ। ତେବେ ଏହି କମ୍ପାନୀର ଫାଉଣ୍ଡରଙ୍କ ଅନୁସାରେ ଏଆଇ କ୍ରାନ୍ତିରେ ଏହା ଏକ ମୁଖ୍ୟ ମୋଡ଼ରେ ରହିଛି। ଇଣ୍ଟେଲିଜେନ୍ସ ଏବେ ଲ୍ୟାବ୍‌ରୁ ବାହାରି ସମାଜର ବିଭିନ୍ନ ଭାଗକୁ ଯାଉଛି।

# ଆଦିବାସୀ କଳା ଓ କଂସାରୀ ଦେବୀ

ଗୁଜରାଟ ସରକାର ବୁଧବାର ଦିନ ବଜେଟ୍ ପେଶ୍ କରିଛନ୍ତି। ତେବେ ଏହି ବଜେଟ୍ କେବଳ ଆର୍ଥିକ ପ୍ରାବଧାନ ପର୍ଯ୍ୟନ୍ତ ସୀମିତ ହୋଇ ରହି ନଥିଲା, ଏହାର ମୁଖ୍ୟ ଆକର୍ଷଣ ହୋଇଥିଲା ବଜେଟ୍‌ର କଭର। ବଜେଟ୍ ବୁକ୍‌ରେ ୱାର୍‌ଲୀ ପେଣ୍ଟିଂ ଓ ଆଦିବାସୀ ଦେବୀ କଂସାରୀଙ୍କ ଇମେଜକୁ ସଜାଯାଇଥିଲା। ଏହିଭଳି ଭାବରେ ଗୁଜରାଟ ସରକାର ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଜଣାଇଛନ୍ତି। ୱାର୍‌ଲୀ ଜନଜାତି ବିଶେଷ ଭାବରେ ଦକ୍ଷିଣ ଗୁଜରାଟର ଭଲ୍‌ସାଡ କ୍ଷେତ୍ର ଓ ମହାରାଷ୍ଟ୍ରର ଥାନେ ଜିଲ୍ଲା ଆଖପାଖରେ ରହନ୍ତି। ଏହି ଜନଜାତି ନିଜର ଖାସ୍ ପେଣ୍ଟିଂ ଶୈଳୀ ପାଇଁ ପୂରା ଦୁନିଆରେ ପ୍ରସିଦ୍ଧ। ୱାର୍‌ଲୀ ପେଣ୍ଟିଂର ସବୁଠାରୁ ବଡ଼ ବିଶେଷତା ଏହାର ସାଦାପଣ ଓ ପ୍ରତୀକାତ୍ମକ ଅଭିବ୍ୟକ୍ତି। ବିଶେଷ କରି ମହିଳାମାନେ ପର୍ବପର୍ବାଣି, ବିବାହ, ନିର୍ବନ୍ଧ, ଫସଲକଟା, ଜନ୍ମ ସମୟ ପରି ଶୁଭ ଅବସରଗୁଡ଼ିକରେ ଓଦା ଚାଉଳ ଦ୍ୱାରା ଘରର କାନ୍ଥରେ ଏହି ପେଣ୍ଟିଂ ତିଆରି କରନ୍ତି। ଏହି ଚିତ୍ରଗୁଡ଼ିକରେ ଦୈନନ୍ଦିନ ଜୀବନର ଝଲକ ଦେଖିବାକୁ ମିଳେ ଯେପରି କ୍ଷେତରେ କାମ କରୁଥିବା ମହିଳା, କୂଅରୁ ପାଣି ଭରୁଥିବା ମହିଳା, ମଜଦୁର, ନୃତ୍ୟ କରୁଥିବା ଲୋକ, ଜଙ୍ଗଲ, ପାହାଡ଼, ନଦୀ, ପଶୁ, ପକ୍ଷୀ, ଶିକାରର ଦୃଶ୍ୟ ଓ ଦେବୀ ଦେବତାଙ୍କ ପୂଜା, ଜ୍ୟାମିତୀୟ ଆକୃତିର ଉପଯୋଗ ମାନବ ଓ ପ୍ରକୃତିର ସମ୍ବନ୍ଧକୁ ଦର୍ଶାଇଥାଏ। ତେବେ ବଜେଟ୍ ବୁକ୍ ଉପରେ ଥିବା କଂସାରୀ ଦେବୀଙ୍କୁ ଆଦିବାସୀମାନେ ସମୃଦ୍ଧିର ଦେବୀ ବୋଲି କହନ୍ତି। ବିବାହ, ନୂଆ ଫସଲ ବା କୌଣସି ଶୁଭ ଅବସରରେ ତାଙ୍କର ସ୍ଥାପନା କରି ପୂଜା କରାଯାଏ। ଆଦିବାସୀମାନେ ତାଙ୍କୁ ଅନ୍ନପୂର୍ଣ୍ଣା ମାତା ଭାବରେ ଦେଖନ୍ତି। ତେବେ ୱାର୍‌ଲୀ ଚିତ୍ରକଳାର ରହିଛି ୧୨ ବର୍ଷର ପୁରୁଣା ଇତିହାସ। କିନ୍ତୁ ଆଧୁନିକ ଜୀବନଶୈଳୀ ଓ ପରିବର୍ତ୍ତନୀୟ ପରିସ୍ଥିତି ଯୋଗୁ ଏହି ପାରମ୍ପରିକ କଳା ଧୀରେ ଧୀରେ ଲୁପ୍ତ ହେଉଛି। ବଜେଟ ବୁକ୍‌ରେ ୱାର୍‌ଲୀ କଳାକୁ ସ୍ଥାନ ଦେବା ନା କେବଳ ସାଂସ୍କୃତିକ ସମ୍ମାନ ଅଟେ ଏହି କଳାକୁ ସଂରକ୍ଷିତ କରିବା ଦିଗରେ ଏହାକୁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି।



# ଅରୁଣାଚଳ ପ୍ରଦେଶ

**ଦେଶର ଉତ୍ତର-ପୂର୍ବ ରାଜ୍ୟ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ୧୯୮୭ରୁ ଆଜିର ଦିନରେ ନିଜର ସ୍ଥାପନା ଦିବସ ପାଳନ କରିଆସୁଛନ୍ତି। ଭାରତୀୟ ସମ୍ବିଧାନର ୫୩ତମ ସଂଶୋଧନ (୧୯୮୬) ପରେ ଭାରତ ସରକାରଙ୍କ ଦ୍ୱାରା ଏହି ଘୋଷଣା କରାଯାଇଥିଲା। ଦେଶର ସୁଦୂର ଉତ୍ତର ଭାଗରେ ସ୍ଥିତ ଅରୁଣାଚଳ ପ୍ରଦେଶକୁ ଉଦୟ ସୂର୍ଯ୍ୟଙ୍କ ଭୂମି ନାମରେ ସମସ୍ତେ ଜାଣନ୍ତି। ହିମାଳୟ ପର୍ବତ ନିକଟରେ ଅବସ୍ଥିତ ଏହି ରାଜ୍ୟଟି ସୂର୍ଯ୍ୟୋଦୟ ସମୟର ସୁନେଲି ପାହାଡ଼ର ଦୃଶ୍ୟ ପାଇଁ ପ୍ରସିଦ୍ଧ।**

**ଇତିହାସ**-ଆମ ଦେଶ ସ୍ୱାଧୀନ ହୋଇଥିଲା ୧୫ ଅଗଷ୍ଟ, ୧୯୪୭ରେ ଓ ସେହି ସମୟରେ ଅରୁଣାଚଳ ପ୍ରଦେଶ ଉତ୍ତର-ପୂର୍ବ ସୀମାନ୍ତ ଏଜେନ୍ସି ନାମରେ ପରିଚିତ ଥିଲା ଯାହାର ପ୍ରଶାସନ ଆସାମ ରାଜ୍ୟ ହାତରେ ଥିଲା। ୧୯୭୨ରେ ଏନ୍‌ଇଏଫ୍‌ଏକୁ କେନ୍ଦ୍ରଶାସିତ ପ୍ରଦେଶ ଘୋଷଣା କରାଯାଇଥିଲା ଓ ଏହାର ଏକ ଭାଗର ନାମ ପରିବର୍ତ୍ତନ କରି ଅରୁଣାଚଳ ପ୍ରଦେଶ କରିଦିଆଗଲା। ୨୦ ଫେବୃଆରୀ, ୧୯୮୭ରେ ଏହାକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରାପ୍ତ ହୋଇଥିଲା ଓ ଏହା ଭାରତୀୟ ସଂଘର ୨୪ତମ ରାଜ୍ୟର ମାନ୍ୟତା ପାଇଥିଲା। ଏହାର ସୀମା ପଶ୍ଚିମରେ ଭୂଟାନ, ଉତ୍ତରରେ ତିବ୍ବତ, ଦକ୍ଷିଣ ଓ ଦକ୍ଷିଣ-ପୂର୍ବରେ ମିଆଁମାର ଓ ନାଗାଲ୍ୟାଣ୍ଡ ତଥା ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମରେ ଆସାମ ସହିତ ଲାଗି ରହିଛି। ଅନ୍ତର୍ଜାତୀୟ ସ୍ତରରେ ଏହାର ସୀମା ଲାଗିଛି ଚୀନ୍ ସହିତ। ସେଠାରେ ବିଭିନ୍ନ ଜନଜାତି ସମୁଦାୟ ରହନ୍ତି।

**ପର୍ଯ୍ୟଟନ ସ୍ଥଳ**-ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ ଅରୁଣାଚଳ ପ୍ରଦେଶରେ ରହିଛି ତୱାଙ୍ଗ, ଜିରୋ ଘାଟି, ବୋମଡ଼ିଲା, ଦିରଙ୍ଗ, ନାମଦଫା ରାଷ୍ଟ୍ରୀୟ ଉଦ୍ୟାନ, ସେଲା ଓ ପାସୀଘାଟ ପରି ଅନେକ ପର୍ଯ୍ୟଟନ ସ୍ଥଳ।





## ମିଜୋରାମ

**୧୯୮୭ର ଆଜିର ଦିନରେ ୨୩ତମ ରାଜ୍ୟ ଭାବରେ ମିଜୋରାମକୁ ମାନ୍ୟତା ମିଳିଥିଲା। ସେଥିପାଇଁ ଆଜି ଦିନଟି ମିଜୋରାମ ପାଇଁ ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱ ରଖେ। ଏକ ସ୍ୱତନ୍ତ୍ର ରାଜ୍ୟ ଭାବରେ ମାନ୍ୟତା ପ୍ରାପ୍ତ କରିବା ପୂର୍ବରୁ ମିଜୋରାମ ୧୯୭୨ରେ ଆସାମ ଠାରୁ ଅଲଗା ହୋଇ ଏକ କେନ୍ଦ୍ରଶାସିତ ପ୍ରଦେଶ ଥିଲା ଓ ୧୯୮୭ରେ ଏହା ଆଧିକାରିକ ଭାବରେ ଦେଶର ଏକ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପାଇଥିଲା। ମିଜୋରାମ ସ୍ଥାପନା ଦିବସ ଏକ ଐତିହାସିକ ଘଟଣା ଯାହା ୧୯୮୬ରେ ମିଜୋରାମର ଇତିହାସରେ ଘଟିତ ଓ ଭାରତୀୟ ସମ୍ବିଧାନର ୫୩ତମ ସଂଶୋଧନ ଦ୍ୱାରା ଔପଚାରିକ ଭାବରେ ମାନ୍ୟତା ପ୍ରାପ୍ତ ହୋଇଥିଲା।**

**ଇତିହାସ**

୧୯୪୬-ମିଜୋ କମନ୍ ପିପୁଲ୍ସ ୟୁନିୟନ୍‌ର ଗଠନ ହୋଇଥିଲା ଯିଏ ସେ କ୍ଷେତ୍ରରେ ରାଜନୈତିକ ସଚେତନତା ଆରମ୍ଭ କରିଥିଲା।

୧୯୫୯-୬୦-ବିନାଶକାରୀ ମୌତାମ ଅକାଳ କାରଣରୁ ମିଜୋ ନ୍ୟାସନାଲ୍ ଫ୍ରଣ୍ଟର ଉଦୟ ହେଲା ଯାହା ପରବର୍ତ୍ତୀ ସମୟରେ ମିଜୋ ନ୍ୟାସନାଲ୍ ଫ୍ରଣ୍ଟ ଭାବରେ ବିକଶିତ ହେଲା।

୧୯୬୧-ମିଜୋରାମ ପାଇଁ ସଂପ୍ରଭୁତାର ଦାବି କରି ଔପଚାରିକ ଭାବରେ ମିଜୋ ନ୍ୟାସନାଲ୍ ଫ୍ରଣ୍ଟର ସ୍ଥାପନା ହେଲା। ଏହାର ପରିଣାମସ୍ୱରୂପ ୧୯୬୬ରେ ସଶସ୍ତ୍ର ସଂଘର୍ଷ ଓ ଅଶାନ୍ତି ବ୍ୟାପିଥିଲା।

୧୯୭୨-ଉତ୍ତର-ପୂର୍ବ କ୍ଷେତ୍ର ଅଧିନିୟମ, ୧୯୭୧ ଅନ୍ତର୍ଗତ ମିଜୋରାମ କେନ୍ଦ୍ରଶାସିତ ପ୍ରଦେଶର ମାନ୍ୟତା ପାଇଲା ଯେଉଁ କାରଣରୁ ମିଜୋରାମକୁ ସୀମିତ ସ୍ୱଶାସନ ପ୍ରାପ୍ତ ହେଲା।

୧୯୮୬- ଭାରତ ସରକାର ଓ ଏମ୍‌ଏନ୍‌ଏଫ୍ ମଧ୍ୟରେ ମିଜୋରାମ ବୁଝାମଣା ଉପରେ ହସ୍ତାକ୍ଷର କରାଯାଇଥିଲା ଯେଉଁ କାରଣରୁ ଶାନ୍ତିର ସ୍ଥାପନା ହୋଇଥିଲା ଓ ରାଜ୍ୟର ମାନ୍ୟତା ପ୍ରାପ୍ତ ମାର୍ଗ ପ୍ରଶସ୍ତ ହୋଇଥିଲା।

୧୯୮୭-୨୦ ଫେବୃଆରୀ ଦିନ ଏମ୍‌ଏନ୍‌ଏଫ୍ ହତିଆର ସମର୍ପଣ ଓ ଶାନ୍ତିପୂର୍ଣ୍ଣ ଶାସନ ପାଇଁ ପ୍ରତିବଦ୍ଧତା ଦର୍ଶାଇବା ପରେ ମିଜୋରାମ ଆଧିକାରିକ ଭାବରେ ଦେଶର ୨୩ତମ ରାଜ୍ୟର ମାନ୍ୟତା ପାଇଥିଲା।





# ପରଦାରେ ‘ଅପରେସନ୍ ସିନ୍ଦୂର’ର କାହାଣୀ

ଗତ ବର୍ଷ ମେ’ ୭ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା ଓ ଭାରତୀୟ ସେନାର ବାହାଦୁର ସୈନିକମାନେ ପାକିସ୍ତାନ ବିରୁଦ୍ଧରେ ଆରମ୍ଭ କରିଥିଲେ ‘ଅପରେସନ୍ ସିନ୍ଦୂର’। ଏହି ଅପରେସନ୍ ଅନ୍ତର୍ଗତ ପାକିସ୍ତାନର ଅନେକ ଆତଙ୍କୀ ଠିକଣାକୁ ନଷ୍ଟ କରିଦିଆଯାଇଥିଲା। ଏହି ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧରେ ଭାରତର ହୋଇଥିଲା ଏକତରଫା ବିଜୟ ଯାହାକୁ ଶହ ଶହ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନ କେବେ ମଧ୍ୟ ଭୁଲିପାରିବ ନାହିଁ। ପୂରା ପାକିସ୍ତାନ ଭାରତୀୟ ସୈନିକମାନଙ୍କ ବୀରତାକୁ ଦେଖି ଭୟଭୀତ ମଧ୍ୟ ହୋଇଥିଲା। ତେବେ ଏହାର କିଛି ଘଣ୍ଟା ପରେ ଦୁଇ ଦେଶ ଯୁଦ୍ଧବିରାମ ଉପରେ ଏକ ବୁଝାମଣା ଉପରେ ହସ୍ତାକ୍ଷର କରିଥିବାରୁ ଏହିଠାରେ ବିବାଦ ଅଟକି ଯାଇଥିଲା। ତେବେ ପହଲଗାମ୍ ଉପରେ ହୋଇଥିବା ଆତଙ୍କୀ ଆକ୍ରମଣର ଜବାବରେ ଏହି ଆକ୍ରମଣ ହୋଇଥିଲା। ସେହି ଆକ୍ରମଣରେ ୨୬ ଜଣ ନିରୀହ ପର୍ଯ୍ୟଟକ ଜୀବନ ହରାଇଥିଲେ। ଏହାପରେ ଭାରତ ଅପରେସନ୍ ସିନ୍ଦୂର ଅନ୍ତର୍ଗତ ଠିକଣା ଜବାବ୍ ଦେଇଥିଲା। ତେବେ ‘ଅପରେସନ୍ ସିନ୍ଦୂର’ର ପୂରା କାହାଣୀକୁ ଶୀଘ୍ର ଏକ ଫିଲ୍ମର ରୂପ ଦିଆଯାଇପାରେ। ଏଥିପାଇଁ ‘ଦ କାଶ୍ମୀର ଫାଇଲ୍ସ’ର ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ ଅଣ୍ଟା ଭିଡ଼ିସାରିଛନ୍ତି। ବିବେକ ପ୍ରଡ୍ୟୁସର୍ ଭୂଷଣ କୁମାରଙ୍କ ସହିତ ମିଶି ଫିଲ୍ମର ନିର୍ମାଣ କରିବାକୁ ଯୋଜନା କରୁଥିବା ବିଷୟରେ ଜଣାପଡ଼ିଛି। ବିବେକ ଏହା ପୂର୍ବରୁ ‘ଦ କାଶ୍ମୀର ଫାଇଲ୍ସ’ ପରି ଫିଲ୍ମର ନିର୍ମାଣ କରି ଖୁବ୍ ପ୍ରଶଂସା ସାଉଁଟି ସାରିଛନ୍ତି। ଫିଲ୍ମଟି ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା। ଏହାପରେ ବିବେକଙ୍କ ଅନ୍ୟ ଏକ ଫିଲ୍ମ ‘ଦ ବେଙ୍ଗଲ୍ ଫାଇଲ୍ସ’ ବକ୍ସ ଅଫିସ୍‌ରେ କିଛି କମାଲ୍ କରିପାରି ନଥିଲା। ତେବେ ଟି-ସିରିଜର ମାଲିକ ଭୂଷଣ କୁମାର ଲଗାତର ଫିଲ୍ମର ନିର୍ମାଣ କରି ରିଲିଜ କରୁଛନ୍ତି।



# ଲେମ୍ବୁ ରସ ଷ୍ଟୋର



ଯେପରି ଗରମ ଦିନ ଆରମ୍ଭ ହେବ ବଜାରରେ ଲେମ୍ବୁର ଦାମ୍ ବୃଦ୍ଧି ପାଇବ। ଏପରି ସ୍ଥିତି ପାଇଁ ଯଦି ପୂର୍ବରୁ ପ୍ରସ୍ତୁତ ରହିବେ ତେବେ ପୂରା ଗରମ ଦିନରେ ଆରାମରେ ଲେମ୍ବୁ ରସର ଆନନ୍ଦ ଉଠାଇ ପାରିବେ। ଗରମ ଦିନରେ ବୃଦ୍ଧି ପାଉଥିବା ଲେମ୍ବୁ ଦାମ୍‌ରୁ ରକ୍ଷା ପାଇବା ପାଇଁ ଜାଣନ୍ତୁ କିପରି ଘରେ ଲେମ୍ବୁ ରସକୁ ଷ୍ଟୋର କରି ରଖିପାରିବେ। ବୁରହାନପୁରର ଜଣେ ବିଶେଷଜ୍ଞ ଫୁଲାବାଈ ତିନୋଟି ସହଜ ଉପାୟ ବିଷୟରେ କହିଛନ୍ତି ଯେଉଁଗୁଡ଼ିକର ବ୍ୟବହାର କରି ୩-୪ ମାସ ପର୍ଯ୍ୟନ୍ତ ଲେମ୍ବୁ ରସକୁ ଷ୍ଟୋର କରି ରଖିପାରିବେ। ରସକୁ ସଠିକ୍ ଭାବରେ ଛାଣି, କାଚ ଜାର୍‌ରେ ରଖି ସେହି ଜାର୍‌କୁ ଖରାରେ ରଖି ରସକୁ ସୁରକ୍ଷିତ କରି ରଖିହେବ। ଷ୍ଟୋର କରିବା ସମୟରେ ପାଣି ଓ ଓଦା ହାତ ଯେପରି ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ନହେଲେ ରସ ଖରାପ ହୋଇଯାଇପାରେ। ଜାଣନ୍ତୁ ଏହାର ପୂରା ପ୍ରଣାଳୀ ବିଷୟରେ।

ପ୍ରଥମ ଉପାୟ-ବଜାରରୁ ଦାଗ ନଥିବା ହଳଦିଆ ରଙ୍ଗର ଲେମ୍ବୁ କିଣି ଆଣନ୍ତୁ। ସେଗୁଡ଼ିକୁ କାଟି ଛାଞ୍ଚ ଦ୍ୱାରା ରସ ବାହାର କରି ପ୍ଲାଷ୍ଟିକ୍ ବାସନରେ ରସ ବାହାର କରି ରଖିବେ। ଏହି ରସକୁ ଛାଣି ପରିଷ୍କାର ଓ ଶୁଖିଲା କାଚ ଜାର୍‌ରେ ଭରି ରଖନ୍ତୁ। ଏହି ଜାର୍‌କୁ ପ୍ରତିଦିନ ୫-୬ ଘଣ୍ଟା ଖରାରେ ରଖିବେ। ୧୫ ଦିନ ପର୍ଯ୍ୟନ୍ତ ଏପରି କରିଲେ ୩-୪ ମାସ ପର୍ଯ୍ୟନ୍ତ ଲେମ୍ବୁ ରସ ଖରାପ ହେବ ନାହିଁ।

ଦ୍ୱିତୀୟ ଉପାୟ-ରସକୁ ବାହାର କରି ସେଥିରେ ଅଳ୍ପ ଚିନି ମିଶାଇ ଖୁବ୍ ଭଲ ଭାବରେ ଗୋଳେଇ ଦିଅନ୍ତୁ। ପରେ ଏହାକୁ ପରିଷ୍କାର ଓ ଶୁଖିଲା କାଚ ବୋତଲରେ ଭରି ରଖନ୍ତୁ। ଖରାରେ ରଖିବାର ପ୍ରକ୍ରିୟା ସହିତ ଏହି ରସର ସ୍ୱାଦ ବୃଦ୍ଧି ହେବ। ଖରାରେ ରଖିବା ଦ୍ୱାରା ଏହା ଅଧିକ ଦିନ ପର୍ଯ୍ୟନ୍ତ ଭଲ ଅବସ୍ଥାରେ ରହିବ।

ତୃତୀୟ ଉପାୟ-ଷ୍ଟୋର କରି ରଖିବା ବେଳେ ଦୁଇଟି ବିଷୟ ଉପରେ ଗୁରୁତ୍ୱ ଦେବେ। ପ୍ରଥମ-ରସରେ ଯେପରି ପାଣି ନମିଶେ। ଦ୍ୱିତୀୟ-କେବେ ମଧ୍ୟ ଓଦା ହାତ ବା ଅଇଁଠା ହାତରେ ଲେମ୍ବୁ ରସକୁ ସ୍ପର୍ଶ କରିବେ ନାହିଁ। ରସ ଯଦି ପାଣି ସଂସ୍ପର୍ଶରେ ଆସିବ ତେବେ ଶୀଘ୍ର ଖରାପ ହୋଇଯିବ ଓ ଏଥିରେ ଫିମ୍ପି ଲାଗିଯାଇପାରେ।

# ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାକିରି ଆଶାୟୀଙ୍କ ଧାରଣା



**କେନ୍ଦୁଝର,୧୯/୨/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ନେଇ ଦାବିପତ୍ର ଦେବାକୁ ୧୩ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଚାକିରି ଆଶାୟୀମାନେ କୃଷି ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଦେଖିବାକୁ ମିଳିଛି। ଓଡ଼ିଶା ହାଇକୋର୍ଟ ଦେଇଥିବା ଆଦେଶକୁ ସଠିକ୍ ଭାବେ ପୁଣି ବିଚାର କରି ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ନିଯୁକ୍ତି ପାଇଁ ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କ ସହ ପରାମର୍ଶ କରି ୭ ଦିନ ମଧ୍ୟରେ ନିଯୁକ୍ତି ତ୍ୱରାନ୍ୱିତ କରିବାକୁ ଆଶୟୀମାନେ ଗତ ୬ରେ ଦାବିପତ୍ର ଦେଇ ପଦକ୍ଷେପ ନେବାକୁ ଅବଗତ କରିଥିଲେ। ତେବେ ଇତିମଧ୍ୟରେ କୌଣସି ସମାଧାନ କରାଯାଇ ନଥିବାରୁ ଚାକିରି ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଧାରଣାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ଅଭିଯୋଗ ଅନୁସାରେ ୨୦୦୮ ମସିହାରେ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ନିଯୁକ୍ତି ନିମନ୍ତେ କେନ୍ଦୁଝର ଜିଲ୍ଲାରେ ୩୬ଟି ପଦବୀ ବାହାରିଥିଲା। କିନ୍ତୁ ଏଥିରେ ନିଜ ଜିଲ୍ଲାର ପ୍ରାର୍ଥୀଙ୍କୁ ନିଯୁକ୍ତି ନଦେଇ ନିୟମକୁ ଉଲ୍ଲଙ୍ଘନ କରି ଅନ୍ୟ ଜିଲ୍ଲାର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେଣୁ ଏହାକୁ ବିରୋଧ କରି କେନ୍ଦୁଝର ଜିଲ୍ଲାର ୪ ଜଣ ପ୍ରାର୍ଥୀ ନିଳାମ୍ବର ପରିଡ଼ା, ବେଣୁଧର ସା, ସନ୍ଧ୍ୟାରାଣୀ ସେଠୀ ଓ ମନମୋହନ ସାହୁ ଓଡ଼ିଶା ହାଇକୋର୍ଟର ଆଶ୍ରୟ ନେଇଥିଲ। ହାଇକୋର୍ଟ ଶୁଣାଣି କରି ଗତ ୨୦୨୪ ସେପ୍ଟେର ୨୪ରେ ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଥିଲେ ଯେ ଯଦି କେନ୍ଦୁଝରରେ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ଖାଲି ରହିଛି ତେବେ ବିଚାର କରି ଉପରୋକ୍ତ ୪ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ। ପରେ ଫାଇଲ୍‌ଟି କୃଷି ଭବନରୁ ଆଇନ ବିଭାଗକୁ ଅନୁମୋଦନ ପାଇଁ ଯାଇଥିଲା। ଆଇନ ବିଭାଗ ଓ ଆଇନ ମନ୍ତ୍ରୀ ଉକ୍ତ ଫାଇଲ୍‌କୁ ଅନୁମୋଦନ କରି ଗତ ୨୦୨୫ ଜୁଲାଇ ୨୨ରେ ସଚିବ ଓ ଜିଲ୍ଲା ଅଧିକାରୀଙ୍କୁ ଦେଇଥିଲେ। ପୁନର୍ବାର ସଚିବ ଉକ୍ତ ଫାଇଲ୍‌ଟିକୁ କିଛି ଆବଶ୍ୟକ ନଥିବାବେଳେ ମତାମତ ଲାଗି ଆଡଭୋକେଟ୍ ଜେନେରାଲ୍‌ଙ୍କ ପାଖକୁ ଅଗଷ୍ଟ ୨୦ରୁ ପଠାଇଥିଲେ। କିନ୍ତୁ ଦୁଃଖର ବିଷୟ ଆଡଭୋକେଟ୍ ଜେନେରାଲ୍ କୋର୍ଟ ଏବଂ ଆଇନ ବିଭାଗ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ଅନୁସରଣ ନକରି ଅନଭିଜ୍ଞ ଏବଂ ବାଚଳାମି ଭାବେ ନକରାତ୍ମକ ମତ ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ଆଡଭୋକେଟ୍ ଜେନେରାଲ୍‌ଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ତେଣୁ ଆଦେଶକୁ ଭଲ ଭାବେ ତର୍ଜମା କରି ଆମକୁ ୭ ଦିନ ଭିତରେ ନିଯୁକ୍ତି ଦେବା ଲାଗି ବିଭାଗୀୟ ସଚିବ ଏବଂ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ନିଯୁକ୍ତି ପାଇଁ ତ୍ୱରିତ ପଦକ୍ଷେପ ନନେଲେ ଆତ୍ମହତ୍ୟା କରିବା ପରି ପଦକ୍ଷେପ ନେବାକୁ ବାଧହେବେ ବୋଲି ଅଭିଯୋଗକାରୀ ଚରମ ବାଣୀ ଶୁଣାଇଛନ୍ତି। ଏ ବାବଦରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପଚାରିବାରୁ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ତାଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ଟ୍ରାକ୍ଟରକୁ ଧକ୍କାଦେଲା ବସ୍



**ଭଦ୍ରକ,୧୯/୨/ଏନ୍‌ଏନ୍‌ଏସ୍:** ଭଦ୍ରକରୁ ଆଖଣ୍ଡଳମଣି ପୀଠ ଅଭିମୁଖେ ଆସୁଥିବା ଏକ ଘରୋଇ ବସ୍ ସାଇନ୍ସ ପାର୍କ ନିକଟରେ ଭାରସାମ୍ୟ ହରାଇ ସାମ୍ନାରେ ଯାଉଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଧକ୍କା ଦେବାରୁ ଉଭୟ ଗାଡ଼ି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ବସ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବାବେଳେ ୪ରୁ ୫ଜଣ ଗୁରୁତରଙ୍କୁ ଆରଡ଼ି ମେଡିକାଲ୍‌ରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ଉଭୟ ବସ୍ ଓ ଟ୍ରାକ୍ଟର୍‌କୁ ଜବତ କରି ତଦନ୍ତ ଚଳାଇଛି। ଯାତ୍ରୀଙ୍କ କହିବାନୁସାରେ, ୨କିମି ପୂର୍ବରୁ ବସ୍‌ର ବ୍ରେକ୍ ଫେଲ୍ ହେବାରୁ ବାରମ୍ବାର ଅସୁବିଧା ଦେଖାଦେଇଥିଲା। ଏପରି ସ୍ଥିତି ଦେଖି ଯାତ୍ରୀମାନେ ଓହ୍ଲାଇବା ପାଇଁ କଣ୍ଡକ୍ଟରଙ୍କୁ କହିଥିଲେ। ହେଲେ କିଛି ଅସୁବିଧା ନାହିଁ ବୋଲି ଉଭୟ ଡ୍ରାଇଭର୍ ଓ କଣ୍ଡକ୍ଟର୍ କହିଥିଲେ। ହଠାତ୍ ପୁଣିଥରେ ବସ୍‌ର ବ୍ରେକ୍ ଫେଲ୍ ହେବା ଯୋଗୁ ସାମ୍ନାରେ ଯାଉଥିବା ଟ୍ରାକ୍ଟର୍ ସହ ଧକ୍କା ହୋଇଥିଲା।

# ବନମାଳୀ ପ୍ରାଥମିକ ସ୍କୁଲ୍‌ର ବାର୍ଷିକୋତ୍ସବ



**ବାରିପଦା,୧୯/୨/ଏନ୍‌ଏନ୍‌ଏସ୍:** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୯ନଂ ୱାର୍ଡସ୍ଥିତ ବନମାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଦେବସ୍ୱିନୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ବ୍ରଜମୋହନ ମୁର୍ମୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାନନମୟୀ ମହାନ୍ତି ଓ କମଳ ଲୋଚନ ମହାକୁଡ଼, ପୂର୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ, ନୂଆସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ଦେ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଓ ଏସ୍‌ଏମ୍‌ସି ଚେୟାରମ୍ୟାନ୍ କନକଲତା ମହାରଣା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଖେଳକୁଦ, ନୃତ୍ୟ ଗୀତ ଓ ଚିତ୍ରାଙ୍କନ ଆଦିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସମେତ ଶ୍ରେଣୀରେ ୧ମ ସ୍ଥାନ ଅଧିକାର କରିଥିବା ଆଦ୍ୟାଶା ମହାନ୍ତି (୫ମ), କ୍ରିଷବ ପାତ୍ର (୪ର୍ଥ), ଭୂମିକା ପାତ୍ର (୩ୟ) ଓ ଭୂମିକା ଚୌଧୁରୀ (୨ୟ) ଏବଂ ନିୟମିତ ଉପସ୍ଥାନ ପାଇଁ ଆଦିତ୍ୟ ପାତ୍ର (୫ମ), କ୍ରିଷବ ପାତ୍ର (୪ର୍ଥ), ଶାବାନା ଖାତୁନ (୩ୟ), ପ୍ରତ୍ୟୁଷ ନାଏକ (୨ୟ), ଅନୁଷ ପାତ୍ର (୧ମ) ଓ ଶିଶୁ ବାଟିକା ପରିଷ୍କାର ପରିଚ୍ଛନ୍ନତା ପାଇଁ ପିୟୁଷ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ସାହିଲ୍ ମଙ୍ଗରାଜ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଶିକ୍ଷୟତ୍ରୀ କବିତା ବେହେରା, ପରିଚାଳନା କମିଟିର ସଦସ୍ୟା ସସ୍ମିତା ମହାନ୍ତି, ହସିନା ଖାତୁନ ଓ ନିବୃତି ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁଶାନ୍ତ ବେହେରାଙ୍କ ନିର୍ଦ୍ଦେଶନାରେ କୁନିକୁନି ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ରେଲୱେ ଉନ୍ନୟନ ପାଇଁ ସାଂସଦଙ୍କ ଦାବି



**ବାଲେଶ୍ୱର,୧୯/୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ରେଲୱେ ଉନ୍ନୟନ କାର୍ଯ୍ୟ ପାଇଁ କୋଲକାତାରେ ସାଂସଦ ଶତ୍ରୁଘ୍ନ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦକ୍ଷିଣ-ପୂର୍ବ ରେଲୱେ ବୋର୍ଡ ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଭିନ୍ନ ଦାବି ଉଠାଇଛନ୍ତି। ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେଳ ଢାଞ୍ଚା ଏବଂ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ଆଲୋଚନା କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏଥିରେ ବାଲେଶ୍ୱର ମୁଖ୍ୟ ଷ୍ଟେସନ୍ ଭବନ ନିର୍ମାଣ କାର୍ଯ୍ୟର ବର୍ତ୍ତମାନ ସ୍ଥିତି ଓ ସମ୍ପୂର୍ଣ୍ଣ ହେବାର ସମ୍ଭାବ୍ୟ ସମୟସୀମା ସୂଚିତ କରିବା, ବାଲେଶ୍ୱରରୁ ଗୁଜରାଟର ଅହ୍ମଦାବାଦ ଓ ମୁମ୍ବାଇ ପାଇଁ ସିଧାସଳଖ ଟ୍ରେନ୍ ସେବା ଆରମ୍ଭ, ଭୁବନେଶ୍ୱର-ବାଲେଶ୍ୱର ମାର୍ଗରେ ରାୟପୁର ମାଧ୍ୟମରେ ମୁମ୍ବାଇ ପାଇଁ ଏକ ଟ୍ରେନ୍ ଚଳାଚଳ, ପୁରୀରୁ ବାଲେଶ୍ୱର ମାଧ୍ୟମରେ ଗୁଜରାଟ ପାଇଁ ଏକ ଟ୍ରେନ୍, ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ ବସ୍ତା ଏବଂ ରୂପ୍ସା ଷ୍ଟେସନ୍‌ରେ ରହଣୀ, ବଡୁଆ ଷ୍ଟେସନ୍‌ରେ ଗୋପୀନାଥପୁର-ନୀଳଗିରି-ବାଲେଶ୍ୱର ଲୋକାଲ୍ ଟ୍ରେନ୍‌ର ରହଣୀ, ନୀଳଗିରି ଓ ବାଲେଶ୍ୱର ମଧ୍ୟରେ ସମ୍ପ୍ରତି ଆରମ୍ଭ ହୋଇଥିବା ଲୋକାଲ୍ ଟ୍ରେନ୍ ସେବାକୁ ଭୁବନେଶ୍ୱର ଓ ହାୱଡ଼ା ପର୍ଯ୍ୟନ୍ତ ବିସ୍ତାର କରିବା, ନୁଆଗାଁ ମୟୂରଭଞ୍ଜ ରୋଡ ରେଳ ଷ୍ଟେସନ୍‌ର ଉତ୍ତର ପାର୍ଶ୍ୱରୁ ଜଳକା ନଦୀ ପର୍ଯ୍ୟନ୍ତ ସ୍ଥାୟୀ କଂକ୍ରିଟ୍ ଡ୍ରେନେଜ୍ ନିର୍ମାଣ, ଆପ୍ରୋଚ୍ ରୋଡ଼ର ବ୍ୟବସ୍ଥା ଉତ୍ତର ପାର୍ଶ୍ୱରୁ ଧେନୁଖୋଜା ଗ୍ରାମରୁ ନୁଆଗାଁ ମୟୂରଭଞ୍ଜ ରୋଡ଼ ରେଳ ଷ୍ଟେସନ୍‌ର ବୁକିଂ ଅଫିସ୍ ପର୍ଯ୍ୟନ୍ତ ଡ୍ରେନେଜ୍ ସହ ଆପ୍ରୋଚ୍ ରୋଡ୍ ବ୍ୟବସ୍ଥା କରିବା ଆଦି ନେଇ ସାଂସଦ ଶ୍ରୀ ଷଡ଼ଙ୍ଗୀ ଦାବି ରଖିଛନ୍ତି।

# ୧୫ ବର୍ଷ ପରେ ପୂରଣ ହେଲା ଶିଶୁ ବିଶେଷଜ୍ଞ ପଦବୀ



**ଖଇରା,୧୯/୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଶିଶୁ ରୋଗ ବିଶେଷଜ୍ଞ ଭାବେ ଡା. ବ୍ରଜସୁନ୍ଦର ସ୍ୱାଇଁ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଖଇରାରେ ଏହି ପଦବୀ ୧୫ ବର୍ଷ ଧରି ଖାଲି ରହିବା ପରେ ପଦବୀ ପୂରଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା। ଶେଷରେ ସୋରରେ କାର୍ଯ୍ୟରତ ଖଇରା ବ୍ଲକ୍ ଗଡ଼ପୋଖରୀ ପଞ୍ଚାୟତ ବଗେଇପୁର ଗ୍ରାମର ବ୍ରଜସୁନ୍ଦର ନିଜ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ପଦବୀ ପୂରଣ ପରେ ଖଇରା ବ୍ଲକ୍‌ର ୩୭ ପଞ୍ଚାୟତର ଜନସାଧାରଣ ଖୁସି ଜାହିର୍ କରିଛନ୍ତି।

# ବେତନଟୀରୁ ୧୮୨୯ ଦେଲେ ମାଟ୍ରିକ୍ ପରୀକ୍ଷା



**ବୈଶିଙ୍ଗା,୧୯/୨/ଏନ୍‌ଏନ୍‌ଏସ୍:** ବେତନଟୀ ବ୍ଲକ୍‌ରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ବେତନଟୀ ବ୍ଲକ୍ ଅନ୍ତର୍ଗତ ୧୧ଟି ପରୀକ୍ଷା କେନ୍ଦ୍ରରେ ୧,୮୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୧୮୨୯ ଜଣ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ଜନତା ସରକାରୀ ହାଇସ୍କୁଲ୍ ସନ୍ତରାରେ ୧୫୬ରୁ ୧୫୫ ଜଣ, ସତ୍ୟସାଇ ସରକାରୀ ହାଇସ୍କୁଲ୍ ଖୁଣ୍ଟାପୁରରେ ୧୨୨ରୁ ୧୧୪ ଜଣ, ଅଁଳା ସରକାରୀ ହାଇସ୍କୁଲ୍‌ରୁ ୧୨୩ରୁ ୧୨୨ ଜଣ, ମୁନିଲାଲ ସରକାରୀ ହାଇସ୍କୁଲ୍ ବୈଶିଙ୍ଗାରୁ ୧୮୨ରୁ ୧୮୨ ଜଣ, କେସିଏସ୍‌ଏନ୍ ସରକାରୀ ହାଇସ୍କୁଲ୍ ପାଟଳିପୁରାରୁ ୧୫୮ରୁ ୧୫୭ ଜଣ, ପଞ୍ଚାୟତ ହାଇସ୍କୁଲ୍ ଗଡ଼ଦେଉଳିଆରୁ ୨୩୦ରୁ ୨୩୦ ଜଣ, ସରକାରୀ ବାଳିକା ହାଇସ୍କୁଲ୍ ବେତନଟୀରୁ ୧୮୭ରୁ ୧୮୫ ଜଣ, ପିଏମ୍‌ଶ୍ରୀ ଏମ୍‌ପିସି ହାଇସ୍କୁଲ୍ ବେତନଟୀରୁ ୧୮୫ରୁ ୧୭୮ ଜଣ, ସରକାରୀ ବାଳିକା ହାଇସ୍କୁଲ୍ ନହଣ୍ଡାଶୋଳରୁ ୧୯୮ରୁ ୧୯୮ ଜଣ, ସିଦ୍ଧେଶ୍ୱର ହାଇସ୍କୁଲ୍ ଛଚିନାପଦାରୁ ୧୫୧ରୁ ୧୪୮ ଜଣ ଓ ବ୍ରହ୍ମପୁରା ସରକାରୀ ହାଇସ୍କୁଲ୍‌ରୁ ୧୬୧ରୁ ୧୬୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳିତ କରିଥିବାରୁ ଏହି ପରୀକ୍ଷା ସହ ଜଡ଼ିତ ଥିବା ସମସ୍ତ ଭାଇଭଉଣୀଙ୍କୁ ଓଷ୍ଟା ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲା ଓଷ୍ଟା ସଂଘର ସମ୍ପାଦକ ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ବାଲେଶ୍ୱର,୧୯/୨/ଏନ୍‌ଏନ୍‌ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ ରେମୁଣା ବ୍ଲକ୍‌ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ବ୍ଲକ୍‌ର ବହୁ ପଞ୍ଚାୟତରୁ ଆସିଥିବା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ମାନସିକ ବିଭାଗରେ ୭୩ ଜଣ, ଅସ୍ଥିଶଲ୍ୟ ବିଭାଗରେ ୩୬୧ ଓ ଚକ୍ଷୁ ବିଭାଗରେ ୫୯ ଜଣ ଅର୍ଥାତ୍ ମୋଟ୍ ୪୮୩ ଜଣ ଲୋକ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇଥିଲେ। ଏଥିପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ଏଥିସହ ସମସ୍ତ ହିତାଧିକାରୀ ତଥା ଆସିଥିବା ତାଙ୍କ ସମ୍ପର୍କୀୟଙ୍କ ପାଇଁ ବ୍ଲକ୍ ପକ୍ଷରୁ ପାନୀୟଜଳ, ବିସ୍କୁଟ୍, ଥଣ୍ଡା ପାନୀୟ ଓ ମଧ୍ୟାହ୍ନଭୋଜନର ମଧ୍ୟ ବ୍ୟବସ୍ଥା ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ବିଡିଓ ସାର୍ଥକ ସୌରଭ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ୍‌ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କ୍ରସର୍ ଧୂଳିରେ ଅଞ୍ଚଳବାସୀ ବେହାଲ୍



**ସୋର,୧୯/୨/ଏନ୍‌ଏନ୍‌ଏସ୍:** ପ୍ରଦୂଷଣର ମାତ୍ରା ଦିନକୁଦିନ ବଢ଼ି ଚାଲିଥିବାବେଳେ କ୍ରସର୍ ଧୂଳିରେ ରାଜପଥ ପାର୍ଶ୍ୱ ଅଞ୍ଚଳବାସୀ ବେହାଲ୍ ହେଉଥିବା ଦେଖିବାକୁ ମିଳିଛି। ହେଲେ ସବୁ ଦେଖି ଜିଲ୍ଲା ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଗତ ଜାନୁଆରୀ ମାସରେ ମିଳିଥିବା ସୂଚନାନୁଯାୟୀ ପ୍ରଦୂଷଣ ଦୃଷ୍ଟିରୁ ବାଲେଶ୍ୱର ରାଜ୍ୟରେ ଏକ ନମ୍ବର ସ୍ଥାନରେ ଥିଲା। ସେଥିପାଇଁ ଜିଲ୍ଲାପାଳ ପ୍ରଦୂଷଣ ରୋକିବା ପାଇଁ ଏକ ମାର୍ଗଦର୍ଶିକା ଜାରି କରି ଧୂଳି ଓ ଧୂଆଁ ନିର୍ଗମନ କରୁଥିବା କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇଥିଲେ। ମାତ୍ର ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବ୍ରିଜ୍ ଗୋପାଲ୍ କମ୍ପାନୀ କ୍ରସର୍‌ର ଧୂଳି ସବୁବେଳେ ସ୍ଥାନୀୟ ଅଞ୍ଚଳକୁ ଆଚ୍ଛାଦିତ କରି ରଖୁଛି। ବର୍ଷ ବର୍ଷ ଧରି କମ୍ପାନୀ କ୍ରସର୍‌ରୁ ଧୂଳି ବାହାରୁଥିବା ବେଳେ ସ୍ଥାନୀୟ ଖଣି ବିଭାଗ ଓ ପ୍ରଶାସନ କାହିଁକି ନିରବ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସାଂଗଠନିକ ବୈଠକ



**ବାରିପଦା,୧୯/୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ମୟୂରଭଞ୍ଜ ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମଞ୍ଚ ଉପାଧ୍ୟକ୍ଷ ଅଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଶାଖାର ସଦସ୍ୟମାନେ ଉପସ୍ଥିତ ରହି ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଜନସଚେତନତା ଜାଗରଣ ଉପରେ ଆଲୋକପାତ କରିଥିଲେ। ଗତ ବର୍ଷମାନଙ୍କରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ତଥା ବ୍ଲକ୍‌ସ୍ତରୀୟ ପଦାଧିକାରୀଙ୍କୁ ଭେଟି ସଂଗଠନ ସାଧାରଣ ଲୋକଙ୍କ ଅନେକ ସମସ୍ୟାର ସମାଧାନ ଦିଗରେ ସହାୟକ ହୋଇପାରିଛି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଆଗାମୀ ଦିନରେ ସଂଘର ଆଭିମୁଖ୍ୟକୁ ସଫଳ କରିବା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ମୁକ୍ତେଶ୍ୱର ଜୀଉ ସଭାପତି, ବିଭୁତି ଭୂଷଣ ସଦୁଆଳ କାର୍ଯ୍ୟକାରୀ ସଭାପତି, ଆଲୋକ କୁମାର ରଣା, ହରିନାରାୟଣ ମିଶ୍ର ଓ ଦିଲ୍ଲୀପ କୁମାର ଦାସ ଉପସଭାପତି, ସୁନୀଲ କୁମାର ହୋତା ସମ୍ପାଦକ, ରାଧାଗୋବିନ୍ଦ ବେହେରା କୋଷାଧ୍ୟକ୍ଷ, ଉପଦେଷ୍ଟା ଭାବେ ସଞ୍ଜୟ କୁମାର ଷଡ଼ଙ୍ଗୀ, ଦିଲ୍ଲୀପ କୁମାର ପଣ୍ଡା, ଭାନୁପ୍ରତାପ ଭଞ୍ଜଦେଓ, ଉଦୟନାଥ ଦେ ତଥା ମହିଳା ମଞ୍ଚ ସଂଯୋଜିକା ଭାବେ ରଞ୍ଜିତା ବେହେରାଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ସହ ଏକ ଦୁର୍ନୀତିମୁକ୍ତ ସମାଜ ଗଠନରେ ସମସ୍ତ କର୍ମକର୍ତ୍ତା ସଂଘବଦ୍ଧ ଭାବେ କାର୍ଯ୍ୟ କରିବେ ବୋଲି ଶପଥପାଠ କରିଥିଲେ। ସଭାପତି ଶ୍ରୀ ଜୀଉ ସଂଘର ଉଦ୍ଦେଶ୍ୟ ପୂରଣ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଶ୍ରୀଗଣେଶ ଶିଶୁମନ୍ଦିରର ବାର୍ଷିକୋତ୍ସବ

**ଖଇରା,୧୯/୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ ଗଣ୍ଡିବେଡ଼ସ୍ଥିତ ଶ୍ରୀଗଣେଶ ଶିଶୁ ମନ୍ଦିରର ୨୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସନ୍ଧ୍ୟାରାଣୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷ ମଦନମୋହନ ମହଲା ମୁଖ୍ୟଅତିଥି,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ପଣ୍ଡା ମୁଖ୍ୟବକ୍ତା, ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ପାଢ଼ୀ, ଅବସରପ୍ରାପ୍ତ ଅଧ୍ୟାପକ ଅଭୟ କୁମାର ମହାନ୍ତି, ସମିତିସଭ୍ୟା ବାସନ୍ତିଲତା ମହାନ୍ତି, ସିଆର୍‌ସିସି ଉଦୟଭାନୁ ପତି ଓ ପ୍ରଧାନଶିକ୍ଷୟିତ୍ରୀ ସବିତା ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପିଲାର ମଙ୍ଗଳ ପାଇଁ ସେମାନଙ୍କୁ ଯେତେଦୂର ସମ୍ଭବ ମୋବାଇଲଠାରୁ ଦୂରେଇ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସମ୍ପାଦିକା ମମତାରାଣି ଦଳେଇ ବିବରଣୀ ପାଠ ଓ ସୁବାସ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ସଙ୍ଗୀତ ଓ ନୃତ୍ୟ ପରେ ଗଣେଷ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ ସଂସ୍କାର ଭିତ୍ତିକ କ୍ଷୁଦ୍ର ନାଟକ 'ପିତୃପିଣ୍ଡ' ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ନିର୍ବିକଳ୍ପ ଦାସ ଧନ୍ୟବାଦ ଦେଇଥିଲେ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ



**ତେଲକୋଇ,୧୯/୨/ଏନ୍‌ଏନ୍‌ଏସ୍:** କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ ନିର୍ଦ୍ଦେଶକ୍ରମେ ତେଲକୋଇ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ସଚେତନତା ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ତେଲକୋଇ ବନ ବିଭାଗ କାର୍ଯ୍ୟାଳୟରୁ ବାହାରି ବଜାର ଅଞ୍ଚଳ ଦେଇ ଭୂୟାଁ ସାହି ମଧ୍ୟକୁ ଯାଇ ବନ ବିଭାଗ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜଙ୍ଗଲରେ ନିଆଁ ଲାଗିଲେ କିପରି ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ କ୍ଷତି ହେବାସହ ସାଧାରଣରେ ଧନଜୀବନର କ୍ଷତି ଘଟୁଛି, ପରିବେଶ ଓ ହାତୀ ସୁରକ୍ଷା ଅଦି ବିଷୟରେ ସଚେତନ କରିବା ପାଇଁ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଏକ ସଙ୍କୀର୍ତ୍ତନ ଆୟୋଜନ କରାଯାଇଥିଲା। ଏହାସହ ବିଭିନ୍ନ ପ୍ରକାର ସ୍ଲୋଗାନ୍ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏଥିରେ ତେଲକୋଇ ବନପାଳ ପୁଷ୍ପଲତା ମହାନ୍ତ, କାଳିଆହତା ବନପାଳ ମଳୟ କୁମାର ଜେନା, ବନରକ୍ଷୀ ପ୍ରଭାତୀ ଦାସ, ତ୍ରିଲୋଚନ ଖଣ୍ଡା, ପୁଟୁଲୁ ନାୟକ, ନିଆଁ ଲିଭାଳି ସ୍କ୍ୱାର୍ଡ, ଗଜସାଥୀ ଓ ପ୍ରୋଟେକ୍ସନ୍ ସ୍କ୍ୱାର୍ଡଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କେନ୍ଦୁଝର ବନଖଣ୍ଡରେ ଲକ୍ଷାଧିକ ଟଙ୍କାର ଅଫିମ ଗଛ ନଷ୍ଟ



**କେନ୍ଦୁଝର,୧୯/୨/ଏନ୍‌ଏନ୍‌ଏସ୍:** କେନ୍ଦୁଝର ସଦର ଥାନାର ତଳକମ୍ପଡ଼ିହୀ ଗାଁର ଜହ୍ଲା ସାହିରେ ବ୍ୟାପକ ପରିମାଣର ଅଫିମ ଚାଷକୁ ନଷ୍ଟ କରାଯାଇଛି। ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ସୁଚିନ୍ତିତ ଏବଂ ସୁପରିକଳ୍ପିତ ଭାବେ ଅଫିମ ଚାଷ କରାଯାଇଥିବାବେଳେ ଖବରପାଇ ପୁଲିସ୍, ବନ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ହଜାର ହଜାର ଗଛ ନଷ୍ଟ କରିଦେଇଛନ୍ତି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ କହିଛନ୍ତି। ପ୍ରକାଶଥାଉକି କେନ୍ଦୁଝର ସଦର ଥାନାର ତଳକମ୍ପଡ଼ିହୀ ଗାଁର ଜହ୍ଲା ସାହିରେ ଅଫିମ ମାଫିଆମାନ ନିରୀହ ଗରିବ ଆଦିବାସୀଙ୍କୁ ଏହା ଚାଇନା ଶାଗ ଏବଂ ଏହାକୁ ଚାଷ କଲେ ବ୍ୟାପକ ରୋଜଗାର ହେବାର ପ୍ରଲୋଭନ ଦେଖାଇ ଅଫିମ ଚାଷ କରିଥିଲେ। ଏପରିକି ଏହାର ମଞ୍ଜି ମଧ୍ୟ ସେମାନେ ଯୋଗାଇ ଦେଇଥିଲେ ଏବଂ ଗାଁ ସାରା ଲୋକଙ୍କୁ ଏହାକୁ ଚାଷ କରିବାରୁ ପ୍ରବର୍ତ୍ତାଇ ଥିଲେ। ଫଳରେ ଚାଷ ପାଇଁ ଗଛ ସବୁକୁ ଧାଡ଼ି ଧାଡ଼ି କରି ଲଗାଯାଇଛି। ସେଥିରେ ପାଣି ଦେବା ପାଇଁ ସିଆର କରାଯାଇଛି ଏବଂ ପାଖ ପାହାଡ଼ରୁ ବୋହି ଆସିଥିବା ଚିରସ୍ରୋତା ଧୂମକାଶା ନାଳରୁ ପାଣି ଆଣି ମଡ଼ା ଯାଉଛି। ଫଳରେ ଅଫିମ ଗଛରେ ଫୁଲ ଓ ଫଳ ହେଲାଣି। ଆଉ କିଛିଦିନ ପରେ ଅମଳ ହୋଇଥାନ୍ତା ଓ ମାଫିଆମାନେ ମାଲେମାଲ୍ ହୋଇଥାନ୍ତେ। ଗୁରୁବାର ଯେତେବେଳେ ଗାଁରେ ପୁଲିସ୍, ବନ ଓ ଅବକାରୀ ଟିମ୍ ପହଞ୍ଚିଥିଲା ତାଙ୍କୁ ଦେଖି ଗାଁ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ମିଳିତ ଟିମ୍ ଏହି ଅଫିମ ଗଛକୁ କାଟି ନଷ୍ଟ କରି ଦେଇଛନ୍ତି। ଆଗକୁ ବିଭାଗ ପକ୍ଷରୁ ଏପରି ବେଆଇନ ଅଫିମ ଚାଷ ନଷ୍ଟ କରାଯିବ ବୋଲି ଅବକାରୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

ନିତିଦିନ NITIDIN

### ଦ୍ୱିତୀୟ ମହିଳା ଟି-୨୦ ଅନ୍ତର୍ଜାତୀୟ

# ଭାରତକୁ ୧୯ ରନ୍‌ରେ ହରାଇଲା ଅଷ୍ଟ୍ରେଲିଆ



**କାନବେରା, ୧୯।୨/ଏଜେନ୍ସି:** ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ମହିଳା ଟିମ୍ ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟରେ ଘରୋଇ ଟିମ୍‌ଠାରୁ ୧୯ ରନ୍‌ରେ ପରାଜିତ ହୋଇଛି। ଏହା ସହିତ ତିନି ମ୍ୟାଚ୍‌ର ସିରିଜ୍ ୧-୧ରେ ବରାବର ହୋଇଛି। ଗୁରୁବାର ୱାନୀ ମାନୁକା ଓଭାଲ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପ୍ରଥମେ ୫ ୱିକେଟ୍ ବିନିମୟରେ ୧୬୩ ରନ୍ କରିଥିଲା। ଜବାବରେ ଭାରତ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୪୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଜର୍ଜିୟା ଭୋଲ୍ ସର୍ବାଧିକ ୮୮ ରନ୍ କରିଥିଲେ। ତାଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ଘୋଷିତ କରାଯାଇଛି।

ଭାରତ ଟସ୍ ଜିତି ଅଷ୍ଟ୍ରେଲିଆକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଅଷ୍ଟ୍ରେଲିଆକୁ ଦୁଇ ଓପ୍ନର୍ ଜର୍ଜିୟା ଭୋଲ୍ ଓ ବେଥ୍ ମୁନୀ ଜବରଦସ୍ତ ଆରମ୍ଭ ଦେଇଥିଲେ। ଦୁହେଁ ଶତକୀୟ ପାର୍ଟନରଶିପ୍ କରିବା ପ୍ରଥମ ୱିକେଟ୍ ପାଇଁ ୧୨୮ ରନ୍ ଯୋଡ଼ିଥିଲେ। ତେବେ ଏହାପରେ ଭାରତୀୟ ବୋଲର୍‌ମାନେ ପ୍ରତ୍ୟାବର୍ତ୍ତନ କରି କଙ୍ଗାରୁ ଟିମ୍‌ର ସ୍କୋର୍ ୧୬୩/୫ରେ ରୋକି ଦେଇଥିଲେ। ବୋଲ୍ ୫୭ ବଲ୍‌ରେ ୧୧ ଚୌକା ଓ ଗୋଟିଏ ଛକା ସହାୟତାରେ ୮୮ ରନ୍ କରିଥିଲେ। ସେହିପରି ମୁନୀ ୩୯ ବଲ୍‌ରେ ୪୬ ରନ୍ ଯୋଡ଼ିଥିଲେ। ଭାରତ ପକ୍ଷରୁ ଅରୁନ୍ଧତି ରେଡ୍ଡୀ ଦୁଇଟି ଏବଂ ରେଣୁକା ଠାକର ଗୋଟିଏ ୱିକେଟ୍ ନେଇଥିଲେ। ଦୁଇଜଣ ବ୍ୟାଟର୍ ରନ୍‌ଆଉଟ୍ ହୋଇଥିଲେ।

୧୬୪ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଭାରତୀୟ ଓପ୍ନର୍ ଶେଫାଳୀ ବର୍ମା ଓ ସ୍ମୃତି ମନ୍ଧାନା ଦ୍ରୁତ ଆରମ୍ଭ କରି ପାୱାର୍‌ପ୍ଲେରେ ୫୬ ରନ୍ ଉଠାଇଥିଲେ। ତେବେ ସପ୍ତମ ଓଭର୍ ଶେଫାଳୀ ୨୯ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଜେମିମା ରଡ୍ରିଗ୍ସ (୪) ଶସ୍ତାରେ ଆଉଟ୍ ହୋଇଥିଲେ। ମନ୍ଧାନା ୩୧ ରନ୍‌ରେ ବିଦାୟ ନେବାରୁ ଟିମ୍‌ର ସ୍କୋର୍ ୭୧/୩ ହୋଇଥିଲା। କ୍ୟାପଟେନ୍ ହରମନ୍‌ପ୍ରୀତ୍ କୌର୍ (୩୬) ଓ ରିଚା ଘୋଷ (୧୯) ଚତୁର୍ଥ ୱିକେଟ୍ ପାଇଁ ୫୫ ରନ୍ ଯୋଡ଼ିଥିଲେ। ତେବେ ଏହି ଯୋଡ଼ି ଭାଙ୍ଗିବା ପରେ ଭାରତ ଆଉ ୭ ରନ୍ ମଧ୍ୟରେ ୬ ୱିକେଟ୍ ହରାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଶ୍‌ଲେ ଗାର୍ଡନର୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ କିମ୍ ଗାର୍ଥ, ଆନାବେଲ୍ ସଦରଲାଣ୍ଡ ଏବଂ କ୍ୟାପଟେନ୍ ସୋଫୀ ମୋଲିନ୍ୟୁକ୍ସଙ୍କୁ ୨-୨ ସଫଳତା ମିଳିଥିଲା। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ୨୧ ତାରିଖରେ ଆଡିଲେଡ୍‌ରେ ଖେଳାଯିବ।

# ୱେଷ୍ଟଇଣ୍ଡିଜ୍‌ର ଲଗାତାର ୪ର୍ଥ ବିଜୟ

### ●ଇଟାଲୀକୁ ୪୨ ରନ୍‌ରେ ହରାଇଲା ●ଶାଇ ହୋପ୍‌ଙ୍କ ଅର୍ଦ୍ଧଶତକ ●ଶମାର୍ ଜୋସେଫ୍‌ଙ୍କୁ ୪ ୱିକେଟ୍



**କୋଲ୍‌କାତା, ୧୯।୨/ଏଜେନ୍ସି:** ଆଇସିସି ଟି-୨୦ ବିଶ୍ୱକପ୍‌ର ୩୭ତମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୪୨ ରନ୍‌ରେ ଇଟାଲୀକୁ ହରାଇ ଦେଇଛି। ଏହା ଚଳିତ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍‌ର ଲଗାତାର ଚତୁର୍ଥ ବିଜୟ। କୋଲ୍‌କାତାର ଇଡେନ୍ ଗାର୍ଡେନ୍ସରେ ଖେଳାଯାଇଥିବା ଗୁରୁବାରର ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ଇଟାଲୀ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ୱେଷ୍ଟଇଣ୍ଡିଜ୍ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୧୬୫ ରନ୍ କରିଥିଲା। ଜବାବରେ ଇଟାଲୀ ୧୮ ଓଭର୍‌ରେ ୧୨୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଗ୍ରୁପ୍-ସି'ର ଏହା ଅନ୍ତିମ ମ୍ୟାଚ୍ ଥିଲା। କ୍ୟାରିବିୟାନ୍ ଟିମ୍ ପ୍ରଥମରୁ ସୁପର୍-୮ରେ ପ୍ରବେଶ କରିସାରିଥିବା ବେଳେ ଇଟାଲୀ ପୂର୍ବରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିସାରିଛି। ଚଳିତ ବିଶ୍ୱକପ୍‌ରେ ପ୍ରଥମ ଥର ଖେଳୁଥିବା ଇଟାଲୀ ଗ୍ରୁପ୍ ପର୍ଯ୍ୟାୟର ୪ଟି ମ୍ୟାଚ୍‌ରେ କେବଳ ନେପାଳ ବିପକ୍ଷରେ ବିଜୟୀ ହୋଇଥିଲା।

୧୬୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଇଟାଲୀ ପାଇଁ ବେନ୍ ମାନେଣ୍ଟି ୨୬, ଜେଜେ ସ୍ମଟ୍ସ ୨୪, ଆନ୍ଥୋନୀ ମୋସ୍କା ୧୯ ଏବଂ ଗ୍ରାଣ୍ଟ୍ ଷ୍ଟିୱର୍ଟ ୧୨ ରନ୍ କରିଥିଲେ। ବାକି ୭ ବ୍ୟାଟର୍ ଦୁଇଅଙ୍କର ସ୍କୋର୍ ମଧ୍ୟ ଛୁଇଁପାରି ନଥିଲେ।

ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଶମାର୍ ଜୋସେଫ୍ ଚମତ୍କାର ବୋଲିଂ କରି ୪ଟି ୱିକେଟ୍ ନେଇଥିବା ବେଳେ ମାଥ୍ୟୁ ଫୋର୍ଡେ ୩ଟି ଏବଂ ଗୁଡ଼ାକେଶ ମୋତୀଙ୍କୁ ୨ଟି ସଫଳତା ମିଳିଥିଲା। ଅକିଲ୍ ହୁସେନ୍‌ଙ୍କ ଖାତାରେ ଗୋଟିଏ ୱିକେଟ୍ ପଡ଼ିଥିଲା।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଥିବା ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଶାଇ ହୋପ୍ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ସେ ୪୬ ବଲ୍‌ରେ ୬ ଚୌକା ଓ ୪ ଛକା ସହାୟତାରେ ୭୫ ରନ୍ କରିଥିଲେ। ତାଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି। ତାଙ୍କ ବ୍ୟତୀତ ରୋଷ୍ଟନ୍ ଚେଜ୍ ୨୪ ଏବଂ ଶେରଫେନ୍ ରଦରଫୋର୍ଡ ଅପରାଜିତ ୨୪ ରନ୍ କରିଥିଲେ। ଇଟାଲୀ ପକ୍ଷରୁ କ୍ରିଶନ୍ କଲୁଗମାଗେ ଏବଂ ବେନ୍ ମାନେଣ୍ଟି ୨-୨ ୱିକେଟ୍ ଅକ୍ତିଆର କରିଥିଲେ। ଅଲୀ ହସନ୍ ଓ ଥୋମାସ୍ ଡ୍ରାକାଙ୍କୁ ୧-୧ ସଫଳତା ମିଳିଥିଲା।

## ହୁବ୍‌ଲୀରେ ରଣଜୀ ଟ୍ରଫି ଫାଇନାଲ୍!

**ନୂଆଦିଲ୍ଲୀ, ୧୯।୨/ଏଜେନ୍ସି:** ଭାରତର ପ୍ରମୁଖ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ୨୦୨୫-୨୬ର ଫାଇନାଲ୍ ମ୍ୟାଚ୍ କର୍ଣ୍ଣାଟକର ହୁବ୍‌ଲୀରେ ଖେଳାଯିବ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଆଧିକାରିକ ଭାବେ ଭେନ୍ୟୁ ଘୋଷଣା କରିନଥିବା ବେଳେ ବୋର୍ଡର ଏକ ସୂତ୍ରକୁ ଉଦ୍ଧାର କରି କ୍ରିକ୍‌ବଜ୍ ରିପୋର୍ଟରେ ଏହା କୁହାଯାଇଛି। ଫାଇନାଲ୍ ମ୍ୟାଚ୍ ଫେବୃଆରୀ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକ ଓ ଜମ୍ମୁ-କଶ୍ମୀର ମଧ୍ୟରେ ଖେଳାଯିବ। କର୍ଣ୍ଣାଟକ ସେମିଫାଇନାଲ୍‌ରେ ଉତ୍ତରାଖଣ୍ଡକୁ ଏବଂ ଜମ୍ମୁ-କଶ୍ମୀର ବେଙ୍ଗଲ୍‌କୁ ହରାଇ ଫାଇନାଲ୍ ସ୍ଥାନ ପକ୍କା କରିଛନ୍ତି। ଏହା ରଣଜୀ ଟ୍ରଫିର ୯୧ତମ ଫାଇନାଲ୍ ହେବାକୁ ଥିବାବେଳେ ଜମ୍ମୁ-କଶ୍ମୀର ପ୍ରଥମ ଥର ଏଥିପାଇଁ ଯୋଗ୍ୟତା ହାସଲ କରିଛି। ଅନ୍ୟପକ୍ଷରେ ୧୫ ଥର ଫାଇନାଲ୍ ଖେଳି କର୍ଣ୍ଣାଟକ ୮ ଥର ଟ୍ରଫି ଜିତିସାରିଛି। କର୍ଣ୍ଣାଟକ ଶେଷଥର ପାଇଁ ୨୦୧୫ରେ ତାମିଲନାଡୁଙ୍କୁ ହରାଇ ଚାମ୍ପିଅନ୍ ହୋଇଥିଲା।

# ଶ୍ରୀଲଙ୍କାକୁ ମାତ୍ ଦେଲା ଜିମ୍ବାୱେ

**କଲମ୍ବୋ, ୧୯।୨/ଏଜେନ୍ସି:** ଜିମ୍ବାୱେ ଚଳିତ ଟି-୨୦ ବିଶ୍ୱକପ୍‌ରେ ଲଗାତାର ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିଅନ୍ ଟିମ୍‌କୁ ମାତ୍ ଦେଇଛି। ଗୁରୁବାର ଦ୍ୱିତୀୟ ମ୍ୟାଚ୍‌ରେ ଜିମ୍ବାୱେ ୨୦୧୪ ବିଶ୍ୱ ଚାମ୍ପିଅନ୍ ଶ୍ରୀଲଙ୍କାକୁ ୬ ୱିକେଟ୍‌ରେ ହରାଇ ଦେଇଛି। ଏହା ପୂର୍ବରୁ ଟିମ୍ ଫେବୃଆରୀ ୧୩ରେ ୨୦୨୧ ଚାମ୍ପିଅନ୍ ଅଷ୍ଟ୍ରେଲିଆକୁ ୨୩ ରନ୍‌ରେ ହରାଇଥିଲା। ଜିମ୍ବାୱେ ଏବେ ଫେବୃଆରୀ ୨୬ରେ ସୁପର୍-୮ରେ ଭାରତୀୟ ଟିମ୍‌କୁ ଭେଟିବ।

### ଅଷ୍ଟ୍ରେଲିଆ ପରେ ଦ୍ୱିତୀୟ ବିଶ୍ୱ ଚାମ୍ପିଅନ୍‌କୁ ହରାଇଲା

### ଫେବୃଆରୀ ୨୬ରେ ଭାରତକୁ ସୁପର୍-୮ରେ ଭେଟିବ

କଲମ୍ବୋର ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ୧୭୯ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଜିମ୍ବାୱେ ୧୯.୩ ଓଭର୍‌ରେ ୪ ୱିକେଟ୍ ହରାଇ ବିଜୟ ହାସଲ କରିଛି। ମହୀଶ ତୀକ୍ଷଣାଙ୍କ ବଲ୍‌ରେ ଛକା ମାରି ଓପ୍ନର୍ ବ୍ରାୟନ୍ ବେନେଟ୍ ଟିମ୍‌କୁ ବିଜୟ ଦେଇଛନ୍ତି। ସେ ୪୮ ବଲ୍‌ରେ ୮ ଚୌକା ସହାୟତାରେ ଅପରାଜିତ ୬୩ ରନ୍ କରିଥିଲେ। ତାଙ୍କ ବ୍ୟତୀତ କ୍ୟାପଟେନ୍ ସିକନ୍ଦର ରଜା ୪୫ ଏବଂ ତାଦିୱାନାଶେ ମାରୁମନି ୩୪ ରନ୍‌ର ଯୋଗଦାନ ଦେଇଥିଲେ। ପୂର୍ବରୁ ଟସ୍ ଜିତି ବ୍ୟାଟିଂ ପେଇଥିବା ଶ୍ରୀଲଙ୍କା ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୭୮ ରନ୍ କରିଥିଲା। ଓପ୍ନର୍ ପଥୁମ ନିସଙ୍କା ୪୧ ବଲ୍‌ରେ ୬୨ ରନ୍‌ର ଇନିଂସ୍ ଖେଳିଥିବା ବେଳେ ପବନ ରତ୍ନାୟକେ ୪୪ ରନ୍ କରିଥିଲେ। ଜିମ୍ବାୱେ ପକ୍ଷରୁ ବ୍ଲେସିଙ୍ଗ୍ ମୁଜରବାନୀ, ବ୍ରାଡ୍ ଇଭାନ୍ସ ଏବଂ ଗ୍ରୀମ୍ କ୍ରିମର୍ ୨-୨ ୱିକେଟ୍ ନେଇଥିବା ବେଳେ ର୍‍ୟାନ୍ ବର୍ଲଙ୍କୁ ଗୋଟିଏ ସଫଳତା ମିଳିଥିଲା।



### ଶାହବାଜ୍ ସରକାରର ପୋଲ ଖୋଲିବା ପଡ଼ିଲା ମହଙ୍ଗା

# ପାକିସ୍ତାନ ହକି ଟିମ୍ କ୍ୟାପ୍‌ଟେନ୍ ଦୁଇବର୍ଷ ବ୍ୟାନ୍

**କରାଚି, ୧୯।୨/ଏଜେନ୍ସି:** ଶାହବାଜ୍ ସରକାରର ପୋଲ ଖୋଲିବା ପାକିସ୍ତାନ ହକି ଟିମ୍‌ର କ୍ୟାପଟେନ୍ ଶକିଲ୍ ଅହ୍ମାଦ ବଟ୍‌ଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ ଦୁଇବର୍ଷ ପାଇଁ ବ୍ୟାନ୍ କରାଯାଇଛି। ଏହି ବ୍ୟାନ୍ ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍) ଅଧ୍ୟକ୍ଷ ତାରିକ୍ ବୁଗ୍‌ତି ଲଗାଇଛନ୍ତି।

### ଇସ୍ତଫା ଦେଲେ ପିଏଚ୍‌ଏଫ୍ ଅଧ୍ୟକ୍ଷ ତାରିକ୍ ବୁଗ୍‌ତି

ଅନ୍ୟପକ୍ଷରେ ଏହି କାର୍ଯ୍ୟାନୁଷ୍ଠାନ ପରେ ବୁଗ୍‌ତି ମଧ୍ୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ପିଏଚ୍‌ଏଫ୍‌ର ସଂରକ୍ଷକ ପ୍ରଧାନମନ୍ତ୍ରୀ ଶାହବାଜ୍ ସରିଫ୍‌ଙ୍କୁ ଇସ୍ତଫା ପ୍ରଦାନ କରିଥିବା ଗୁରୁବାର କହିଛନ୍ତି। ଉଲ୍ଲେଖଯୋଗ୍ୟ, ବୁଧବାର ପାକିସ୍ତାନ ହକି ଟିମ୍ କ୍ୟାପଟେନ୍ ଅଷ୍ଟ୍ରେଲିଆ ଗସ୍ତରୁ ଫେରିବା ପରେ ଜାତୀୟ ମହାସଂଘକୁ ଜୋରଦାର ସମାଲୋଚନା କରିଥିଲେ। ସେ କହିଥିଲେ, ଏହି ଗସ୍ତ ଅବସରରେ କେବଳ ହୋଟେଲ୍ ବୁକିଂ ହୋଇନଥିବାରୁ ଟିମ୍‌ର ଖେଳାଳିଙ୍କୁ ସଡ଼କରେ ଅନାଥ ପରି ଘୁରି ବୁଲିବାକୁ ପଡ଼ି ନଥିଲା, ବରଂ ମ୍ୟାଚ୍ ଖେଳିବାକୁ ଯିବା ପୂର୍ବରୁ ବାସନ ମଧ୍ୟ ଧୋଇବାକୁ ପଡ଼ିଥିଲା। ବଟ୍‌ଙ୍କ ଏହି ବୟାନ ପରେ ପିଏଚ୍‌ଏଫ୍‌କୁ କଡ଼ା ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି। ଏହି ମାମଲାକୁ ନେଇ ପିଏଚ୍‌ଏଫ୍ ଏବଂ ପାକିସ୍ତାନ ଖେଳ ବୋର୍ଡ (ପିଏସ୍‌ବି) ମଧ୍ୟରେ ବିବାଦ ଆରମ୍ଭ ହୋଇଯାଇଛି।



## ଦେଶ ବିଦେଶ

### ଫ୍ରିବିଜ୍ ପ୍ରତିଶ୍ରୁତି ସମ୍ପର୍କରେ ସୁପ୍ରିମ୍‌କୋର୍ଟଙ୍କ କ୍ଷୋଭ

# ମାଗଣାରେ ସବୁକିଛି ଦେବା ପରିବର୍ତ୍ତେ ନିଯୁକ୍ତି ଯୋଗାଇବା ଉଚିତ୍

**ନୂଆଦିଲ୍ଲୀ, ୧୯।୨/ଏଜେନ୍ସି:** ସୁପ୍ରିମକୋର୍ଟ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ସେମାନଙ୍କର ନିର୍ବାଚନ ପ୍ରତିଶ୍ରୁତିର ଅଂଶ ଭାବରେ ମାଗଣା ଉପହାର ବଣ୍ଟନଜନିତ ପ୍ରତିଶ୍ରୁତିକୁ କଡ଼ା ସମାଲୋଚନା କରିଛନ୍ତି। ତାମିଲନାଡୁ ବିଦ୍ୟୁତ୍ ବଣ୍ଟନ ନିଗମ ଲିମିଟେଡ୍ ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଆଗତ ଏକ ପିଟିସନ୍ ଉପରେ ଶୁଣାଣି ପ୍ରସଙ୍ଗରେ ପ୍ରଧାନ ବିଚାରପତି ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନିଜ ରାୟରେ କହିଛନ୍ତି, ଅନେକ ରାଜ୍ୟ ସରକାର ଭାରୀ ଋଣ ଏବଂ କ୍ଷତି ସତ୍ତ୍ୱେ ମାଗଣା ଯୋଜନା ବଣ୍ଟନ କରୁଛନ୍ତି। 'ଯଦି ସରକାର ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକଙ୍କୁ ମାଗଣା ଖାଦ୍ୟ, ଗ୍ୟାସ୍ ଏବଂ ବିଦ୍ୟୁତ୍ ଯୋଗାଇବା ଜାରି ରଖନ୍ତି, ତେବେ ଲୋକମାନେ କାହିଁକି କାମ କରିବେ? ଏହା କାମ କରିବାର ଅଭ୍ୟାସକୁ ନଷ୍ଟ କରିବ। ସୁତରାଂ ସରକାର ଏସବୁ ଫ୍ରିବିଜ୍ ଜନିତ ଘୋଷଣା ତଥା ଏହାକୁ ପୂରଣ କରିବା ପ୍ରତିବଦଳରେ ଯୁବପିଢ଼ିଙ୍କୁ ନିଯୁକ୍ତି ପ୍ରଦାନ କରିବା ଉପରେ ଧ୍ୟାନ ଦେବା ଉଚିତ୍। ସବୁଠୁ ବଡ଼କଥା ହେଉଛି, ଏପ୍ରକାର ଫ୍ରିବିଜ୍ ଘୋଷଣା କରିବା ତଥା ଏହାକୁ ପୂରା କରିବା ପ୍ରକ୍ରିୟା ମଧ୍ୟରେ ରାଜ୍ୟଗୁଡ଼ିକ ଉପରେ ଅଯଥା ଆର୍ଥିକ ଚାପ ସୃଷ୍ଟି ହେଉଛି। ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ୍ ବିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଦେଶର ଅଧିକାଂଶ ରାଜ୍ୟ ରାଜସ୍ୱ ନିଅଣ୍ଟରେ ଅଛନ୍ତି, ତଥାପି ସେମାନେ ବିକାଶକୁ ଅଣଦେଖା କରି ମାଗଣା ଘୋଷଣା କରୁଛନ୍ତି। ଗରିବମାନଙ୍କୁ ସାହାଯ୍ୟ କରିବା ଭାବନା ବେଶ୍ ଯୁକ୍ତିଯୁକ୍ତ ପ୍ରତୀତ ହେଉଥିଲେ ମଧ୍ୟ ଏପ୍ରକାର ଫ୍ରିବିଜ୍ ସେମାନଙ୍କୁ କର୍ମକାତର, ପରିଶ୍ରମ ବିମୁଖ କରିଦେଉଛି। ସେମାନେ କାମ କରିବାକୁ ଆଗଭର ହେଉନାହାନ୍ତି। ଏହାର ଅର୍ଥ ବିନା ପ୍ରୟୋଜନରେ ଫ୍ରିବିଜ୍ ବଣ୍ଟନ ପରୋକ୍ଷରେ ଲୋକମାନଙ୍କୁ ସୁସ୍ଥ କରିଦେଉଛି। ଭେଦଭାବ ବିନା ସମସ୍ତଙ୍କୁ ମାଗଣା ସେବା ଯୋଗାଇବା ଠିକ୍ ନୁହେଁ।




ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ତାମିଲନାଡୁ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ରାଜ୍ୟ ସରକାର କିଛି ସମ୍ପ୍ରଦାୟ ପାଇଁ ବିଦ୍ୟୁତ୍ ଶୁଳ୍କରେ ସବସିଡି ଦେବା ପାଇଁ ଏକ ଯୋଜନା ଘୋଷଣା କରିଥିଲେ। ଏହା ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକ ଉପରେ ଆର୍ଥିକ ଚାପ ପକାଇଥିଲା, ଯେଉଁମାନେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୁଦ୍ଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେବେ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବା ପୂର୍ବକ ସାମୂହିକ ଭାବେ ସମସ୍ତ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଏଦିଗରେ ଦୃଷ୍ଟି ଦେବାକୁ କହିଛନ୍ତି। ଖଣ୍ଡପୀଠଙ୍କ କହିବାନୁସାରେ କହିବାନୁସାରେ ଆପଣଙ୍କୁ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପଡିବ ଯାହା ଦ୍ୱାରା ସେମାନେ ଟଙ୍କା ରୋଜଗାର କରିପାରିବେ ଏବଂ ସେମାନଙ୍କର ମର୍ଯ୍ୟାଦା ଏବଂ ସ୍ୱାଭିମାନ ବଜାୟ ରଖିପାରିବେ। ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଏହି ପ୍ରକାରେ ମାଗଣା ବଣ୍ଟା ଦେଶର ଆର୍ଥିକ ବିକାଶକୁ ବାଧା ଦେବ। ଯେଉଁମାନେ ଶିକ୍ଷା କିମ୍ବା ମୌଳିକ ଜୀବନଯାପନ ଖର୍ଚ୍ଚ ବହନ କରିପାରୁନାହାଁନ୍ତି ସେମାନଙ୍କୁ ସୁବିଧା ଯୋଗାଇବା ରାଜ୍ୟର କର୍ତ୍ତବ୍ୟ, କିନ୍ତୁ ଯେଉଁମାନେ ଉପଭୋଗ କରୁଛନ୍ତି ସେମାନେ ପ୍ରଥମେ ମାଗଣା ବଣ୍ଟାକୁ ପକେଟରେ ପକାଉଛନ୍ତି। ଏଦିଗରେ ସରକାର ଧ୍ୟାନ ଦେବା ଉଚିତ୍।

ଏହା ପ୍ରଥମ ଥର ନୁହେଁ ଯେତେବେଳେ କୋର୍ଟ ମାଗଣା ବିଷୟରେ କଡ଼ା ମନ୍ତବ୍ୟ ଦେଇଛନ୍ତି। ପୂର୍ବରୁ, ଫେବୃଆରୀ ୧୨, ୨୦୨୫ ରେ ମଧ୍ୟ ଏହି ମାମଲା ଉପରେ ସୁପ୍ରିମକୋର୍ଟ କହିଥିଲେ, 'ଲୋକମାନେ ଆଉ କାମ କରିବାକୁ ଚାହାଁନ୍ତି ନାହିଁ କାରଣ ଆପଣ ସେମାନଙ୍କୁ ମାଗଣା ରାସନ୍ ଦେଉଛନ୍ତି। ଆପଣ ସେମାନଙ୍କୁ କିଛି ନକରି ଟଙ୍କା ଦେଉଛନ୍ତି। ଲୋକମାନଙ୍କୁ ସମାଜର ମୁଖ୍ୟଧାରାରେ ସାମିଲ କରିବା ପରିବର୍ତ୍ତେ, ସରକାର ମାଗଣା ଯୋଜନା କାର୍ଯ୍ୟକାରୀ କରି ପରଜୀବୀଙ୍କ ଏକ ପିଢ଼ି ସୃଷ୍ଟି କରୁଛନ୍ତି। ରାଜ୍ୟ ସରକାରମାନଙ୍କୁ ମାଗଣା ଏବଂ ଜନମଙ୍ଗଳ ଯୋଜନା ମଧ୍ୟରେ ପାର୍ଥକ୍ୟ ବୁଝିବା ଉଚିତ। ଗରିବ ଏବଂ ପଛୁଆ ଲୋକଙ୍କୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଯୋଗାଇବା ରାଜ୍ୟର କର୍ତ୍ତବ୍ୟ ହୋଇଥିଲେ ମଧ୍ୟ ଧନୀ କିମ୍ବା ଧନୀମାନଙ୍କୁ ଅନାବଶ୍ୟକ ମାଗଣା ଯୋଗାଇବା ଅନ୍ୟାୟ। ଯଦି ରାଜ୍ୟଗୁଡ଼ିକ ମାଗଣା ଖାଦ୍ୟ, ମାଗଣା ସାଇକେଲ, ମାଗଣା ବିଦ୍ୟୁତ୍ ଏବଂ ସିଧାସଳଖ ନଗଦ ସ୍ଥାନାନ୍ତର ପ୍ରଦାନ କରିବା ଜାରି ରଖନ୍ତି, ତେବେ ବିକାଶ ପାଇଁ ଟଙ୍କା କେଉଁଠାରୁ ଆସିବ?

### ବ୍ରିଟେନ୍‌ର ପୂର୍ବତନ ଯୁବରାଜ ଆଣ୍ଡ୍ର୍ୟୁ ଗିରଫ

# କୁଖ୍ୟାତ ଯୌନ ଅପରାଧୀ ଏପ୍‌ଷ୍ଟାଇନ୍‌ଙ୍କ ସହ ଥିଲା ସମ୍ପର୍କ

**ଲଣ୍ଡନ, ୧୯।୨/ଏଜେନ୍ସି:** ବ୍ରିଟେନ ରାଜ ପରିବାର ପାଇଁ ଏକ ବଡ଼ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ରାଜା ଚାର୍ଲ୍ସ ତୃତୀୟଙ୍କ ସାନ ଭାଇ ତଥା ବ୍ରିଟେନ୍‌ର ପୂର୍ବତନ (ଯୌନ ବ୍ୟଭିଚାର ପାଇଁ ରାଜପରିବାରରୁ ନିଷ୍କାସିତ ତଥା ନିଜ ସମ୍ମାନ ହରାଇଛନ୍ତି) ଯୁବରାଜ ଆଣ୍ଡ୍ର୍ୟୁମାଉଣ୍ଟବେଟନ-ୱିଣ୍ଡସରଙ୍କୁ ବ୍ରିଟେନ୍ ପୁଲିସ୍ ଆଜି ଗିରଫ କରିଛି। ତେବେ ତାଙ୍କ ଗିରଫଦାରିର କାରଣ ଅନ୍ୟ କିଛି ନୁହେଁ ବରଂ ଯୌନ ଅପରାଧୀ ଜେଫ୍ରି ଏପଷ୍ଟାଇନଙ୍କ ସହ ତାଙ୍କ ସମ୍ପର୍କ ସମ୍ବନ୍ଧରେ ଖୁଲାସା ହେବା ପରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ବ୍ରିଟେନ୍‌ର କୌଣସି ଯୁବରାଜ ଗିରଫ ହେବା ଏହା ହେଉଛି ପ୍ରଥମ ଘଟଣା।

### ବ୍ରିଟେନ୍‌ର କୌଣସି ଯୁବରାଜ ଗିରଫ ହେବା ପ୍ରଥମ ଘଟଣା

ଆଣ୍ଡ୍ର୍ୟୁମାଉଣ୍ଟବେଟନ-ୱିଣ୍ଡସରଙ୍କ ନାଁରେ ପୂର୍ବରୁ ପବ୍ଲିକ୍ ଅଫିସ୍‌ର ଅପବ୍ୟବହାର କରିବା ଭଳି ଅଭିଯୋଗ ରହିଛି। ସେ ବାଣିଜ୍ୟ ଚୁକ୍ତି ସମ୍ପର୍କିତ ଗୁପ୍ତ ତଥ୍ୟ ଅନ୍ୟମାନଙ୍କୁ ଦେଇଥିବା ଅଭିଯୋଗ ରହିଥିଲା। ଏତଦ୍‌ବ୍ୟତୀତ ତାଙ୍କ ବିରୋଧରେ ଭର୍ଜିନିଆ ଗିଫ୍ରେ ନାମ୍ନୀ ଜଣେ ଘରୋଇ ନାବାଳିକା ସହାୟିକାଙ୍କୁ ମଧ୍ୟ ବଳପୂର୍ବକ ଦୁଷ୍କର୍ମ କରିଥିବା ଭଳି ସଂଗୀନ୍ ଅଭିଯୋଗ ମଧ୍ୟ ରହିଛି। ଏସମ୍ପର୍କରେ ଜଣାପଡିବା ପରେ ତାଙ୍କୁ ନିଜ ପଦ, ରାଜପରିବାରର ସଦସ୍ୟତା ମଧ୍ୟ ହରାଇବାକୁ ପଡିଛି। ଏପରିକି ୱିଣ୍ଡସର ଇଷ୍ଟେଟରେ ଥିବା ରାଜକୀୟ ବଙ୍ଗଳାରୁ ତାଙ୍କୁ ବାହାର କରିଦିଆଯାଇଛି। ଗତବର୍ଷ ରାଜା ଚାର୍ଲ୍ସ ତୃତୀୟ ତାଙ୍କୁ ରାଜପରିବାରରୁ ନିଷ୍କାସିତ କରିଛନ୍ତି। ଏସବୁ ମଧ୍ୟରେ ଏବେ ଯେତେବେଳେ ଏପଷ୍ଟାଇନ ଫାଇଲ୍ ସାର୍ବଜନୀନ ହୋଇଛି ସେତେବେଳେ ତାଙ୍କ ନାମ ପୁଣିଥରେ ସାମ୍ନାକୁ ଆସିଛି। କୁଖ୍ୟାତ ଯୌନ ଅପରାଧୀ ଏପଷ୍ଟାଇନ୍‌ଙ୍କ ସହ ସମ୍ପର୍କ ଥିବା ଜଣାପଡ଼ିବା ପରେ ଆଣ୍ଡ୍ର୍ୟୁ ବହୁ ଦିନ ଧରି ବିବାଦରେ ଫସି ରହିଛନ୍ତି। ଏପଷ୍ଟାଇନ୍ ଉଲ୍ଲେଖ କରିଛନ୍ତି ଯେ ଆଣ୍ଡ୍ର୍ୟୁ କେବଳ ନାବାଳିକାଙ୍କ ସହ ଯୌନ ସମ୍ପର୍କ ରଖିବାକୁ ପସନ୍ଦ କରୁଥିଲେ। ପ୍ରକାଶ, ଏପଷ୍ଟାଇନ୍ ମାମଲାର ପୀଡିତା ଭର୍ଜିନିଆ ଗିଫ୍ରେ ମଧ୍ୟ ଅଭିଯୋଗ କରିଥିଲେ ଯେ ୨୦୦୧ ମସିହାରେ ରାଜକୁମାର ଆଣ୍ଡ୍ର୍ୟୁ ତାଙ୍କୁ ଯୌନ ଶୋଷଣ କରିଥିଲେ।

ସାର୍ବଜନୀନ ପଦବୀରେ ଥିବାବେଳେ ଆଣ୍ଡ୍ର୍ୟୁ ଏହି ଅପରାଧ କରିଥିଲେ। ସାର୍ବଜନୀନ ପଦବୀରେ ରହିବା ସମୟରେ ଦୁଷ୍କର୍ମକୁ ଇଂଲଣ୍ଡରେ ଏକ ଗମ୍ଭୀର ଅପରାଧ ବୋଲି ବିବେଚନା କରାଯାଏ। ଏହି ଅପରାଧ ପାଇଁ ପ୍ରମାଣ କରିବାକୁ ପଡିବ ଯେ ବ୍ୟକ୍ତି ଜାଣିଥିଲେ ଯେ ସେମାନେ ଭୁଲ ଥିଲେ, ତଥାପି ସେ ଏପରି କରି ଚାଲିଥିଲେ। ଏହି ଅପରାଧର ସର୍ବାଧିକ ଦଣ୍ଡ ହେଉଛି ଆଜୀବନ କାରାଦଣ୍ଡ। ଏହି ମାମଲା କେବଳ ଗମ୍ଭୀର ଅପରାଧିକ ଅଭିଯୋଗ ଅଧୀନରେ କୋର୍ଟରେ ବିଚାର କରାଯାଇପାରିବ। ସୁତରାଂ ଆଜି ତାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ କରାଯାଇଛି। ବିବିସି ରିପୋର୍ଟ ଅନୁଯାୟୀ, ପୋଲିସ ତାଙ୍କୁ ଗୁରୁବାର ସକାଳ ପ୍ରାୟ ୮ଟା ସମୟରେ ସାଣ୍ଡ୍ରିଙ୍ଗହାମସ୍ଥିତ ତାଙ୍କ ଘରେ ଅଟକ ରଖିଥିଲା।



# ବାଚସ୍ପତିଙ୍କ ସମେତ ୪୨ ବିଧାୟକଙ୍କୁ ହାଇକୋର୍ଟଙ୍କ ନୋଟିସ୍

**ପାଟନା, ୧୯।୨/ଏଜେନ୍ସି:** ବିହାର ବିଧାନସଭାରୁ ଏକ ବଡ ଖବର ସାମ୍ନାକୁ ଆସିଛି। ପାଟନା ହାଇକୋର୍ଟ ବିହାର ବିଧାନସଭା ବାଚସ୍ପତିଙ୍କ ସମେତ ୪୨ ଜଣ ବିଧାୟକଙ୍କୁ ନୋଟିସ୍ ଜାରି କରିଛନ୍ତି। ରିପୋର୍ଟ ଅନୁଯାୟୀ, ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗରେ ଏହି ନୋଟିସ୍ ଜାରି କରାଯାଇଛି। ହାଇକୋର୍ଟରେ ପରାଜିତ ପ୍ରାର୍ଥୀମାନେ ଆବେଦନ ଦାଖଲ କରି ବିଧାୟକଙ୍କ ବିଜୟକୁ ଚ୍ୟାଲେଞ୍ଜ କରିଛନ୍ତି। ପ୍ରକାଶ, ବିଧାୟକମାନଙ୍କ ଉପରେ ଭୋଟ୍ ଚୋରି ଏବଂ ସେମାନଙ୍କ ନିର୍ବାଚନୀ ଶପଥ ପତ୍ରରେ ମିଥ୍ୟା ସୂଚନା ପ୍ରଦାନ କରିବାର ଅଭିଯୋଗ ରହିଛି। ଏହି ସମୟରେ, ଶାସକ ଦଳ ଏବଂ ବିରୋଧୀ ଦଳରୁ ପରାଜିତ ପ୍ରାର୍ଥୀମାନେ ପାଟନା ହାଇକୋର୍ଟରେ ବିଜୟୀ ବିଧାୟକଙ୍କ ବିରୋଧରେ ଆବେଦନ ଦାଖଲ କରିଥିଲେ। ପାଟନା ହାଇକୋର୍ଟ ସମସ୍ତ ବିଜୟୀ ବିଧାୟକଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି। ଏହି ମାମଲା ପାଟନା ହାଇକୋର୍ଟରେ ବିଚାରାଧୀନ ଅଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ବିଧାନସଭା ବାଚସ୍ପତି ପ୍ରେମ କୁମାର, ଶକ୍ତି ମନ୍ତ୍ରୀ ବିଜେନ୍ଦ୍ର ଯାଦବ, ପୂର୍ବତନ ମନ୍ତ୍ରୀ ଜୀବେଶ ମିଶ୍ର, ବିଧାୟକ ଚେତନ ଆନନ୍ଦ, ଗୋହ ଆରଜେଡି ବିଧାୟକ ଅମରେନ୍ଦ୍ର ପ୍ରସାଦ ଏବଂ ଅନ୍ୟାନ୍ୟ ଶାସକ ଏବଂ ବିରୋଧୀ ବିଧାୟକମାନେ ରହିଛନ୍ତି। ହାଇକୋର୍ଟରୁ ନୋଟିସ୍ ଆସିବା ପରେ ଏହି ଘଟଣା ଏବେ ବିହାର ରାଜନୀତିରେ ବଡ଼ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି।

# ୪୦,୦୦୦ କୋଟି ବ୍ୟାଙ୍କ୍ ଠକେଇ ମାମଲା: ଶପଥପତ୍ର ଦାଖଲ କଲେ ଅନିଲ ଅମ୍ବାନୀ

**ନୂଆଦିଲ୍ଲୀ, ୧୯।୨/ଏଜେନ୍ସି:** ଦେଶର ଏକ ନମ୍ବର ବିଜ୍‌ନେସ୍ ଟାଇକୁନ୍ ମୁକେଶ ଅମ୍ବାନୀଙ୍କ ଭାଇ ଅନିଲ ଅମ୍ବାନୀ ସମ୍ପ୍ରତି ଆର୍ଥିକ ହେରଫେର୍ ଭଳି ସଂଗୀନ ମାମଲାରେ ଫସିଛନ୍ତି। ଏସବୁ ମଧ୍ୟରେ ଗୁରୁବାର ସେ ସୁପ୍ରିମକୋର୍ଟଙ୍କ ନିକଟରେ ୪୦,୦୦୦ କୋଟି ବ୍ୟାଙ୍କ ଠକେଇ ମାମଲାରେ ଏକ ଶପଥପତ୍ର ଦାଖଲ କରିଛନ୍ତି। ଶପଥପତ୍ରରେ ସେ ପ୍ରତିଶ୍ରୁତି ଦେବା ପୂର୍ବକ ଉଲ୍ଲେଖ କରିଛନ୍ତି ଯେ, କୋର୍ଟଙ୍କ ଅନୁମତି ବିନା ସେ କୌଣସି ପରିସ୍ଥିତିରେ ମଧ୍ୟ ଭାରତ ଛାଡିବେ ନାହିଁ। ଏତଦ୍‌ବ୍ୟତୀତ ତାଙ୍କ ବିରୋଧରେ ଚାଲିଥିବା ତଦନ୍ତ ପ୍ରକ୍ରିୟାରେ ମଧ୍ୟ ସେ ପୂର୍ଣ୍ଣ ସହଯୋଗ କରିବେ। ଏହି ଶପଥପତ୍ର ତାଙ୍କ ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ (ଏଡିଏଜି)ର କମ୍ପାନୀଗୁଡ଼ିକ ସହିତ ଜଡିତ ୪୦,୦୦୦ କୋଟି ବ୍ୟାଙ୍କ ଠକେଇର ତଦନ୍ତ ମଧ୍ୟରେ ଆସିଛି। ପୂର୍ବତନ ବ୍ୟୁରୋକ୍ରାଟ୍ ଇଏଏସ୍ ଶର୍ମାଙ୍କ ଦ୍ୱାରା ଅନିଲ ଅମ୍ବାନୀଙ୍କ ବିରୋଧରେ ଦାୟର ଏକ ଆବେଦନ ଉପରେ ଏହି ସମ୍ପୂର୍ଣ୍ଣ ଆଇନଗତ ପ୍ରକ୍ରିୟା ପରିଚାଳିତ ହେଉଛି। ଆବେଦନରେ ଅଭିଯୋଗ କରାଯାଇଛି ଯେ ଏଡିଏଜି ଗ୍ରୁପ୍ କମ୍ପାନୀଗୁଡ଼ିକ ବିଭିନ୍ନ ବ୍ୟାଙ୍କ ସହିତ ମିଶି ୪୦,୦୦୦ କୋଟିରୁ ଅଧିକ ଋଣ ଠକେଇ କରିଛନ୍ତି। ସତ୍ୟ ଉନ୍ମୋଚନ ପାଇଁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ମାମଲା ତଦନ୍ତ କରିବାକୁ ଆବେଦନକାରୀ ଦାବି କରିଛନ୍ତି। ସୁପ୍ରିମକୋର୍ଟ ଖଣ୍ଡପୀଠ ଏହି ମାମଲାକୁ ଗମ୍ଭୀରତାର ସହିତ ନେଇଛନ୍ତି ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଏହି ଘଟଣାରେ ବ୍ୟାଙ୍କ ଅଧିକାରୀଙ୍କ ଭୂମିକାର ମଧ୍ୟ ତଦନ୍ତ କରାଯିବ। ସେହିପରି ଏଜେନ୍ସିଗୁଡ଼ିକ ତୁରନ୍ତ ତଦନ୍ତ କରିବା ଉଚିତ୍ ଯେ ବ୍ୟାଙ୍କ ଅଧିକାରୀମାନେ ଏହି ଠକେଇରେ ସମ୍ପୃକ୍ତ ଥିଲେ କି ନାହିଁ ବୋଲି ମଧ୍ୟ କୋର୍ଟ କହିଛନ୍ତି।

### କୋର୍ଟ ଅନୁମତି ବିନା ଭାରତ ଛାଡିବିନି



ପ୍ରକାଶ, ତଦନ୍ତ ପ୍ରକ୍ରିୟାରୁ ପାଣ୍ଠିର ଅପବ୍ୟବହାର ସ୍ପଷ୍ଟ ହୋଇଛି। ଇଡି ଏପର୍ଯ୍ୟନ୍ତ ଏହାର ତଦନ୍ତରେ ଜାଣିପାରିଛି ଯେ ରିଲାଏନ୍ସ ହୋମ୍ ଫାଇନାନ୍ସ (ଆରଏଚ୍‌ଏଫ୍‌ଏଲ୍) ଏବଂ ରିଲାଏନ୍ସ କମର୍ସିଆଲ୍ ଫାଇନାନ୍ସ (ଆର୍‌ସିଏଫ୍‌ଏଲ୍)ରେ ପାଣ୍ଠିର ବହୁଳ ଅପବ୍ୟବହାର ହୋଇଥିଲା। ୨୦୧୭ ରୁ ୨୦୧୯ ମଧ୍ୟରେ, ୟେସ୍ ବ୍ୟାଙ୍କ ଆର୍‌ଏଚ୍‌ଏଫ୍‌ଏଲ୍‌ରେ ୨,୯୬୫ କୋଟି ଏବଂ ଆର୍‌ସିଏଫ୍‌ଏଲ୍‌ରେ ୨,୦୪୫ କୋଟି ନିବେଶ କରିଥିଲା। ଅନ୍ୟପକ୍ଷେ ଡିସେମ୍ବର ୨୦୧୯ ସୁଦ୍ଧା, ଏହି ପରିମାଣ ଅଣ-ପ୍ରଦର୍ଶନକାରୀ ସମ୍ପତ୍ତି (ଏନପିଏ) ସାଜିଥିଲା। ଆର୍‌ଏଚ୍‌ଏଫ୍‌ଏଲ୍‌ର ୧,୩୫୩ କୋଟି ଏବଂ ଆର୍‌ସିଏଫ୍‌ଏଲ୍‌ର ୧,୯୮୪ କୋଟି ଏପର୍ଯ୍ୟନ୍ତ ବକେୟା ରହିଛି। ମୋଟ ଉପରେ, ୟେସ୍ ବ୍ୟାଙ୍କ ୨,୭୦୦ କୋଟିରୁ ଅଧିକ କ୍ଷତି ସହିଛି। ଇଡି ଅନୁଯାୟୀ, ଏହି ପାଣ୍ଠି ଅନ୍ୟ ରିଲାଏନ୍ସ ଗ୍ରୁପ୍ କମ୍ପାନୀଗୁଡ଼ିକୁ ପଠାଯାଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra